

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୩ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 03 December 2024

Vol.No. 35 ■ No.320 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପୁଅ ହଣ୍ଟର ବାଇଡେନଙ୍କୁ ଦୋଷମୁକ୍ତ କରିବାକୁ ବାଇଡେନଙ୍କୁ ସମାଲୋଚନା କଲେ ଟ୍ରମ୍ପ



ନୂଆଦିଲ୍ଲୀ, ୦୨/୧୨ : ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଦୋମୁହାଁ ନୀତି ପଦାରେ ପଡ଼ିଛି । ପ୍ରଥମେ ସେ ରୁଷ ବିରୋଧରେ ଦୂରଗାମୀ କ୍ଷେପଣାସ୍ତ୍ର ଏଟିଏସିଏମଏସ ବ୍ୟବହାର କରିବାକୁ ୟୁକ୍ରେନକୁ ଅନୁମତି ଦେଇ ବିଶ୍ୱରେ ଯୁଦ୍ଧ ପରିସ୍ଥିତିକୁ ଅଧିକ ଘନୀଭୂତ କଲେ । ଏବେ ଯିବା ପୂର୍ବରୁ ନିଜ ପୁଅକୁ ରାଜକ୍ଷମା ଦେଇ ଚର୍ଚ୍ଚାକୁ ଆସିଛନ୍ତି । ନିକଟରେ ବାଇଡେନ କହିଥିଲେ ଯେ, ସେ ତାଙ୍କ ପୁଅକୁ କ୍ଷମା କରିବା ଲାଗି ରାଷ୍ଟ୍ରପତି ପଦବୀର କୌଣସି ପ୍ରକାର କ୍ଷମତା ବ୍ୟବହାର କରିବେ ନାହିଁ । ମାତ୍ର ବିଦାୟ ନେବା ପୂର୍ବରୁ ନିଜ କଥାକୁ ନିଜେ ଭାଙ୍ଗି ପୁଅ ପାଇଁ ନିଜ ପଦବୀର ଅପବ୍ୟବହାର କରିଥିବା ଚର୍ଚ୍ଚା ହେଉଛି । ଫଳରେ ପୁଅ ହଣ୍ଟର ବାଇଡେନଙ୍କୁ ଉକ୍ତ ଅପରାଧରେ ଆଉ କୌଣସି ପ୍ରକାର ଦଣ୍ଡବିଧାନ କରାଯାଇପାରିବ ନାହିଁ । ୨ ସପ୍ତାହ ତଳେ ବାଇଡେନ ଆମେରିକା ନିର୍ମିତ ଦୂରଗାମୀ କ୍ଷେପଣାସ୍ତ୍ର ରୁଷ ବିରୋଧରେ ବ୍ୟବହାର କରିବାକୁ ୟୁକ୍ରେନକୁ ଅନୁମତି ଦେଇଥିଲେ । ଏହାର ବ୍ୟବହାର ଦୁଇ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଅଧିକ ଘନୀଭୂତ କରିବ ଏବଂ ଏହାଦ୍ୱାରା ବିଶ୍ୱଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ରହିଥିବା ଜାଣି ବି ବାଇଡେନ ଏପରି ନିଷ୍ପତ୍ତି ନେଇଥିଲେ । ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାସନ ଭାର ହାତକୁ ନେବା ପରେ ରୁଷ-ୟୁକ୍ରେନ ଯୁଦ୍ଧ ଶେଷ କରିବେ ବୋଲି ପୂର୍ବରୁ ଘୋଷଣା କରିଥିବାବେଳେ ବାଇଡେନଙ୍କ ନିଷ୍ପତ୍ତି ଟ୍ରମ୍ପଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସ୍ପଷ୍ଟ ବୁଝାପଡ଼ିଥିଲା ।

# ଆଜିଠୁ ୫ଦିନିଆ ଗସ୍ତରେ ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର, ୦୨/୧୨ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠୁ ୫ଦିନିଆ ଓଡ଼ିଶା ଗସ୍ତରେ ଆସିବେ । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ବ୍ୟାପକ ପ୍ରସ୍ତୁତି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ୩ଦିନିଆ ଗସ୍ତ ଶେଷକରି ଗତକାଲି ଓଡ଼ିଶା ଛାଡ଼ିଥିବାବେଳେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆସନ୍ତାକାଲିଠୁ ୫ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ କଟକଣା ମଧ୍ୟ ଜାରି ହୋଇଛି । ସୂଚନା ଅନୁସାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସ୍ୱତନ୍ତ୍ର ବିମାନରେ ଆସନ୍ତାକାଲି ଅପରାହ୍ନ ୫ଟାରେ ଭୁବନେଶ୍ୱରରେ ପହଂଚିବେ । ରାଷ୍ଟ୍ରପତି ଆସନ୍ତାକାଲି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନୂଆ ପ୍ରତିମୂର୍ତ୍ତି ଅନାବରଣ କରିବା ସହ ଆଦିମଓ୍ୱାର ଜାର୍ପା ଜାହେର ▶▶ପୃଷ୍ଠା ୭

# ଆଇପିଏସ ଚାକିରିର ପ୍ରଥମ ଦିନ: ଦୁର୍ଘଟଣାରେ ଚାଲିଗଲା ଜୀବନ

ନୂଆଦିଲ୍ଲୀ, ୦୨/୧୨ : କର୍ଣ୍ଣାଟକରେ ଏକ ଦୁଃଖଦ ଘଟଣା ଘଟିଛି । ରାଜ୍ୟ କ୍ୟାଡରର ଜଣେ ଓଚଝ ଅଧିକାରୀଙ୍କ ମୃତ୍ୟୁ ହୋଇଛି, ତାହା ପୁଣି ଚାକିରିର ପ୍ରଥମ ଦିନରେ । ଆଜି ତାଙ୍କର କାର୍ଯ୍ୟରେ ଯୋଗଦାନ ଥିବାବେଳେ ସଡ଼କ ଦୁର୍ଘଟଣାରେ ଜୀବନ ଚାଲିଯାଇଛି । ମୃତକ ଜଣକ ହେଉଛନ୍ତି ଯୁବ ଓଚଝ ଅଫିସର ହର୍ଷ ବର୍ଦ୍ଧନ (୨୬) । ସେ କର୍ଣ୍ଣାଟକ କ୍ୟାଡରର ୨୦୨୩ ବ୍ୟାଚ୍ ଓଚଝ ଅଫିସର ଥିଲେ, ତାଙ୍କ ଘର ମଧ୍ୟ ପ୍ରଦେଶରେ । ମୈସୁରରେ ଚାରି ସପ୍ତାହର ଟ୍ରେନିଂ ସରିବା ପରେ ଆଜି ତାଙ୍କର ପ୍ରଥମ ପୋଷ୍ଟିଂ ଥିଲା । କାର୍ଯ୍ୟରେ ଯୋଗଦାନର ପ୍ରଥମ ଦିନରେ ତାଙ୍କର ଏପରି ଅକାଳ ବିୟୋଗ ସମସ୍ତଙ୍କୁ ବ୍ୟଥିତ କରିଛି । ସୂଚନା ଅନୁସାରେ, ସେ କାର୍ଯ୍ୟରେ ଯୋଗଦେବା ପାଇଁ ପୁଲିସ ଗାଡ଼ିରେ ଯାଉଥିଲେ । ଏହି ସମୟରେ ଗାଡ଼ିର ଟାୟାର ଫାଟିଯିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇ ଏକ ଗଛରେ ପିଟି ହୋଇଥିଲେ । ଏଥିରେ ବର୍ଦ୍ଧନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ▶▶ପୃଷ୍ଠା ୭

# 'ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ' ଗଠନ ପାଇଁ ଟାସ୍କ ଫୋର୍ସ



ଭୁବନେଶ୍ୱର, ୦୨/୧୨ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧକ୍ଷତାରେ ଏହି ଟାସ୍କ ଫୋର୍ସ ଗଠନ କରାଯାଇଛି । ଏଥିରେ ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ) ଗୋକୁଳାନନ୍ଦ ମଲ୍ଲିକ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଓ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମଙ୍କୁ ସଦସ୍ୟ ଭାବେ ରଖାଯାଇଛି । ଏହା ସହିତ ଏହି ଟାସ୍କ ଫୋର୍ସରେ ୩ ଜଣ ଏକ୍ସ-ଅଫିସିଓ ମେମ୍ବର ମଧ୍ୟ ରହିଛନ୍ତି । ସେମାନେ ହେଉଛନ୍ତି- ଦକ୍ଷିଣାଞ୍ଚଳ ଆରଡିସି, କେନ୍ଦ୍ରାଞ୍ଚଳ ଆରଡିସି ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ । ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଏହାର ସଦସ୍ୟ ଆବାହକ ଅଛନ୍ତି । ଏହି ଟାସ୍କ ଫୋର୍ସ ସଂପର୍କରେ ଘୋଷଣା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ କହିଥିଲେ ଯେ, ଓଡ଼ିଶାର ଦକ୍ଷିଣାଞ୍ଚଳର ବିକାଶ ସହିତ ବିକାଶ ପ୍ରକ୍ରିୟାରେ ସବୁ ବର୍ଗଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ 'ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ' ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ବିକାଶ ପରିଷଦ କିପରି ଗଠିତ ହେବ, ଏଥିରେ କେଉଁ ଜିଲ୍ଲା ଓ ବ୍ଲକ ସାମିଲ ହେବ ଏବଂ ଏହାର ଢାଞ୍ଚା ଓ କାର୍ଯ୍ୟପ୍ରଣାଳୀ କ'ଣ ରହିବ, ସେ ସମ୍ପର୍କରେ ସୁଚିନ୍ତିତ ମତାମତ ଦେବା ପାଇଁ ଏହି ଟାସ୍କ ଫୋର୍ସ ଗଠନ କରାଯାଇଛି । ଗଠନ ହେବାର ୩୦ ଦିନ ମଧ୍ୟରେ ଏହି ଟାସ୍କ ଫୋର୍ସ ରିପୋର୍ଟ ଦାଖଲ କରିବ ।

# ଦୋଷୀ ସାବ୍ୟସ୍ତ ପରେ କୋର୍ଟରୁ ଚମ୍ପଟ ମାରିଲେ ୨ ଲୁଟେରା

ନବରଙ୍ଗପୁର, ୦୨/୧୨ (ନି.ପ୍ର): ଏଟିଏମ୍ ଲୁଟ୍ ମାମଲାରେ ଦୋଷୀ ସାବ୍ୟସ୍ତ ହେବାରୁ କୋର୍ଟ ରୁମ୍‌ରୁ ଚମ୍ପଟ ମାରିଲେ ଦୁଇ ରାଜ୍ୟ ବାହାର ଲୁଟେରା । ଆଜି ଅପରାହ୍ନରେ ଏପରି ଘଟଣା ନବରଙ୍ଗପୁର ଜିଲ୍ଲା ସଦର ମହକୁମାରେ ଘଟିଛି । ଚମ୍ପଟ ମାରିଥିବା ଦୁଇ ଦୋଷୀଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚକିଂ ଓ ବ୍ଲକିଂ କରି ଯାଞ୍ଚ କରୁଛି । ହେଲେ ସେମାନଙ୍କୁ ଧରିବାରେ ସଫଳ ହୋଇନାହିଁ । ୨୦୨୪ ମସିହା ଜାନୁଆରୀ ୩୧ ତାରିଖରେ ନବରଙ୍ଗପୁର ବ୍ଲକ ସମ୍ମୁଖରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ଲୁଟ୍ ହୋଇଥିଲା । ଏହି ମାମଲାରେ ନବରଙ୍ଗପୁର ଟାଉନ୍ ଥାନା ପୁଲିସ୍ ହରିଆଣାର ସକିଲ ଖାଁ, ଶାହାରୁଖ ଖାଁ, ଫଜଲ ଖାଁ, ଜାହୁଲ ଖାଁ ଓ ବିହାର ନିଖିଲ କୁମାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ସେମାନଙ୍କ ଭିତରୁ ସକିଲ ଖାଁ ଓ ଶାହାରୁଖ ଖାଁ ବେଲ୍‌ରେ ଆସିଥିଲେ । ଆଜି ଲୁଟ୍ ମାମଲାରେ ରାୟ ପ୍ରକାଶ ପାଇବାର ଥିଲା । ତେଣୁ ଜାମିନରେ ଥିବା ଦୁଇ ଅଭିଯୁକ୍ତ ସକିଲ ଓ ଶାହାରୁଖ କୋର୍ଟରେ ହାଜର ଥିଲେ । ନିର୍ଦ୍ଧାରିତ ସମୟରେ ବିଚାର ଆରମ୍ଭ ହୋଇଥିଲା । ଜବାଲ ସବାଲ୍ ପରେ ସାକ୍ଷ୍ୟ ପ୍ରମାଣ ଆଧାରରେ ନବରଙ୍ଗପୁର ଉଔଗ କୋର୍ଟ ରାୟ ଶୁଣାଇଲେ । ଏଟିଏମ୍ ଲୁଟ୍ ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଦୋଷୀ ▶▶ପୃଷ୍ଠା ୭

# ଓଭରବ୍ରିଜରେ ଝୁଲିଲା ଲକ୍ଷ୍ମୀ ବସ୍

ବାଲେଶ୍ୱର, ୦୨/୧୨ (ନି.ପ୍ର): ବାଲେଶ୍ୱର ସହଦେବଖୁଣ୍ଟା ଓଭରବ୍ରିଜରୁ ରାତି ୧୦ଟା ୩୦ ସମୟରେ ଏକ ଲକ୍ଷ୍ମୀ ବସ୍ ଦୁର୍ଘଟଣା ହୋଇଛି । ଯାହା ଜଣାପଡ଼ିଛି ଗୋଟିଏ ସ୍କୁଟି ଓ ଗୋଟିଏ ଟ୍ରକ୍ ଓଭରଟେକ୍ କରୁଥିବା ସମୟରେ ସେମାନଙ୍କୁ ସାଇଡ୍ ଦେବାକୁ ଯାଇ ଲକ୍ଷ୍ମୀ ବସଟି ବ୍ରିଜର ବାଡ଼ାକୁ ଧକ୍କା ଦେଇଥିଲା । ଧକ୍କାଦେଇ ବ୍ରିଜରୁ ତଳକୁ ଓହଳି ପଡ଼ିଥିଲା । ବସ୍ ଭିତରେ କୌଣସି ଯାତ୍ରୀ ନଥିଲାବେଳେ ଡ୍ରାଇଭର ଫେରାର ହୋଇଯାଇଛି । ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବସଟିକୁ ତଳକୁ ଓହ୍ଲାଇବା ପାଇଁ ଉଦ୍ୟମ ଜାରି ରହିଥିଲା ।

# ମଞ୍ଚ ଉପରେ ଘୁଷୁରୀକୁ ମାରି ଖାଇବା ଘଟଣା: ଜଣଙ୍କୁ ବାନ୍ଧିଲା ପୁଲିସ

ଗଞ୍ଜାମ, ୦୨/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ରାଳବ ଗାଁରେ ଷ୍ଟେଜ୍ ଉପରେ ଘୁଷୁରୀକୁ ଜୀଅନ୍ତା ଖାଇବା ଘଟଣାରେ ଜଣେ ବ୍ୟକ୍ତିଙ୍କୁ ବାନ୍ଧିଛି ପୁଲିସ୍ । ଖଲ୍ଲିକୋଟ ଅଞ୍ଚଳ ବିଦ୍ୟାଧର ଗୌଡ଼କୁ ଗିରଫ କରିଛି ପୁଲିସ୍ । ନାଟକ ପାଇଁ ଘୁଷୁରୀ ଯୋଗାଇବା ଅଭିଯୋଗରେ ବିଦ୍ୟାଧରଙ୍କୁ ଗିରଫ କରାଯାଇଛି । ଏଥିସହ ବନ ବିଭାଗ ତାଙ୍କ ନାଁରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ତେବେ ନାଟକ ଆୟୋଜନ କରିଥିବା କମିଟି ଓ ଯିଏ ଘୁଷୁରୀ ଖାଇଲା ତାକୁ ଚିହ୍ନଟ କରାଯାଇପାରିନି । କେବଳ ଘୁଷୁରୀ ଯୋଗାଇଥିବା ବ୍ୟକ୍ତିକୁ ଗିରଫ କରି ଚୁପ୍ ବସିଛି ପୁଲିସ୍ । ସୂଚନାଯୋଗ୍ୟ, ▶▶ପୃଷ୍ଠା ୭

# ଧମକପୂର୍ଣ୍ଣ ଇ-ମେଲ୍ ଘଟଣା: ଗୁଗୁଲକୁ ତଥ୍ୟ ମାଗିଲା କ୍ରାଇମବ୍ରାଞ୍ଚ ଏସଟିଏଫ୍



ଭୁବନେଶ୍ୱର, ୦୨/୧୨ (ନି.ପ୍ର): ଖଲିସ୍ତାନୀ ଆତଙ୍କୀ ପନ୍ନୁର ଧମକପୂର୍ଣ୍ଣ ଇ-ମେଲ ଘଟଣାର ଗୁଗୁଲକୁ ଚିଠି ଲେଖିଛନ୍ତି କ୍ରାଇମବ୍ରାଞ୍ଚ ଏସଟିଏଫ୍ । କେଉଁ ଆଇପି ଆଡ୍ରେସରୁ ପନ୍ନୁର ଇ-ମେଲରୁ ଅଡିଓ ଆସିଥିଲା ସେନେଇ ତଥ୍ୟ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି । ଆବଶ୍ୟକ ପଡ଼ିଲେ ଏନଆଇଏ ମଧ୍ୟ ମାମଲାର ତଦନ୍ତ କରିପାରେ ବୋଲି କୁହାଯାଇଛି । ଭୁବନେଶ୍ୱରରେ ଡିଜି ସମ୍ମିଳନୀ ଚାଲିଥିବା ବେଳେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁଙ୍କୁ ଏକ ଧମକପୂର୍ଣ୍ଣ ମେଲ ପଠାଇଥିଲା ଖଲିସ୍ତାନୀ ଆତଙ୍କୀ ପନ୍ନୁ । ଯେଉଁଥିଲେ ଖଲିସ୍ତାନୀ ଆତଙ୍କୀ ପନ୍ନୁ ଭୁବନେଶ୍ୱର ▶▶ପୃଷ୍ଠା ୭

# ପଶ୍ଚିମବଙ୍ଗରେ ପଚିଲାଣି ଆଳୁ: ଧର୍ମଘଟକୁ ଓହ୍ଲାଇବ ବ୍ୟବସାୟୀ ସଂଘ



ପଶ୍ଚିମବଙ୍ଗ, ୦୨/୧୨ : ପଶ୍ଚିମବଙ୍ଗର ଗୋଦାମ ମାନଙ୍କରେ ପ୍ରାୟ ୭ଲକ୍ଷ ମେଟ୍ରିକ ଟନ୍ ଆଳୁ ଗଚ୍ଛିତ ଅଛି । ପଶ୍ଚିମବଙ୍ଗର ଆବଶ୍ୟକତା ପ୍ରାୟ ୫ଲକ୍ଷ ମେଟ୍ରିକ ଟନ୍ ଥିବା ବେଳେ, ବଳକା ଆଳୁ ନଷ୍ଟ ହେବାର ଆଶଙ୍କା ରହିଛି । ପଶ୍ଚିମବଙ୍ଗରେ ପର୍ଯ୍ୟାପ୍ତ ଆଳୁ ମହଜୁଦ୍ ଅଛି, ଶୀତଳଭଣ୍ଡାରରେ ନଷ୍ଟ ହେବାକୁ ବସିଛି । ହେଲେ ବାହାର ରାଜ୍ୟକୁ ଆଳୁ ପଠାଇବାକୁ ସରକାର ଅନୁମତି ଦେଉନାହାନ୍ତି । ପ୍ରତିବାଦରେ ଆସନ୍ତାକାଲିଠୁ ପଶ୍ଚିମବଙ୍ଗର ପ୍ରଗତିଶୀଳ ଆଳୁ ବ୍ୟବସାୟୀ ସଂଘ ଧର୍ମଘଟକୁ ଓହ୍ଲାଇବ । ଏବେ ପଶ୍ଚିମବଙ୍ଗର ଗୋଦାମ ମାନଙ୍କରେ ପ୍ରାୟ ୭ଲକ୍ଷ ମେଟ୍ରିକ ଟନ୍ ଆଳୁ ଗଚ୍ଛିତ ଅଛି । ପଶ୍ଚିମବଙ୍ଗର ଆବଶ୍ୟକତା ପ୍ରାୟ ୫ଲକ୍ଷ ମେଟ୍ରିକ ଟନ୍ ଥିବା ବେଳେ, ବଳକା ଆଳୁ ନଷ୍ଟ ହେବାର ସମ୍ଭାବନା ରହିଛି । ଏଣୁ ପ୍ରତିବାଦ ସ୍ୱରୂପ କାଲିଠୁ ସମସ୍ତ ଶୀତଳଭଣ୍ଡାର ଓ ଗୋଦାମ ବନ୍ଦ ରଖିବାକୁ ସଂଘ ନିଷ୍ପତ୍ତି ନେଇଛନ୍ତି । ଅନ୍ୟପଟେ ଆଜି ବ୍ୟବସାୟୀମାନଙ୍କୁ ଆଲୋଚନାକୁ ଡାକିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ବ୍ୟବସାୟୀଙ୍କ ସହ ଆଳୁ ପ୍ରସଙ୍ଗରେ ଆଲୋଚନା କରିବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ । ଏପଟେ ଓଡ଼ିଶାରେ ଆଳୁ ସଙ୍କଟ ଭିତରେ ପହଞ୍ଚିଲା ୟୁପି ଆଳୁ, ଚଢ଼ାଉ କଲା ଯୋଗାଣ ବିଭାଗ । କଟକ ଓ ଭୁବନେଶ୍ୱରର ବିଭିନ୍ନ ପରିବା ହାଟରେ ଆଜି ଚଢ଼ାଉ ହୋଇଛି । ଆଳୁ ଦର ଚଢ଼ାରେ ବିକ୍ରି ଅଭିଯୋଗ ଆସିବା ପରେ ଯାଞ୍ଚ ହେଉଛି । ଯୋଗାଣ ବିଭାଗର ଅଧିକାରୀ ପହଞ୍ଚି ବିଭିନ୍ନ ଦୋକାନରେ ତଦନ୍ତ କରିଛନ୍ତି । କଟକ ଛତ୍ର ବଜାର ଏବଂ ଭୁବନେଶ୍ୱର ୟୁନିଟ ୪ ହାଟରେ ଚଢାଉ ହୋଇଛି । ଆଜି କଟକ ଓ ଭୁବନେଶ୍ୱରରେ ୫୦ ଟଙ୍କାରେ ବିକ୍ରି ହେଉଥିଲା ଆଳୁ । ଖବର ପ୍ରସାରଣ ପରେ ଆକ୍ସନ ମୋଡକୁ ଆସିଛି ଯୋଗାଣ ବିଭାଗ । ସେପଟେ ଓଡ଼ିଶାରେ ପହଞ୍ଚିଛି ୟୁପି ଟ୍ରକ୍ । ଭୁବନେଶ୍ୱର, କଟକରେ ଉତ୍ତରପ୍ରଦେଶରୁ ଆଳୁ ଆସି ପହଞ୍ଚିଛି । ଅନ୍ୟପଟେ ବିଧାନସଭାରେ ଉଠିଛି ଆଳୁ ସଂକଟ ପ୍ରସଙ୍ଗ । ଶୂନ୍ୟକାଳରେ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଲେ ବିରୋଧୀ ବିଜେଡି ଓ କଂଗ୍ରେସ । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପ୍ରସଙ୍ଗ ଉଠାଇ ସରକାରଙ୍କୁ ସମାଲୋଚନା କରିଛନ୍ତି । ସରକାର କିଛି କରୁନଥିବା ଅଭିଯୋଗରେ ପୋଷ୍ଟର ଦେଖାଇ ବିଜେଡି ବିଧାୟକ ବିରୋଧ ପ୍ରଦର୍ଶନ କରିଛନ୍ତି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବି ସମାନ ପ୍ରସଙ୍ଗ ଉଠାଇଛନ୍ତି । ୟୁପି ଆଳୁକୁ ନେଇ ବର୍ଷିବା ସହ ୩୦୦ ଟ୍ରକ ଆଳୁ କେତେଦିନ ଯିବ ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ । ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଦୁଇଦିନ ଭିତରେ ଆଳୁ ସଙ୍କଟ ଦୂର କରିବାକୁ ଦାବି ହୋଇଛି ।

# କୃଷକଙ୍କ 'ଦିଲ୍ଲୀ ଚଲୋ' ଯାତ୍ରା ସ୍ଥଗିତ



ନୂଆଦିଲ୍ଲୀ, ୦୨/୧୨ :'ଦିଲ୍ଲୀ ଚଲୋ' ଯାତ୍ରା ସ୍ଥଗିତ ରଖିଛନ୍ତି କୃଷକ । ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିବା କୃଷକମାନେ 'ଦିଲ୍ଲୀ ଚଲୋ' ଯାତ୍ରା ସ୍ଥଗିତ ରଖିବାକୁ ରାଜି ହୋଇଛନ୍ତି । ଆଜି ଦିଲ୍ଲୀ-ନୋଏଡା ସୀମା ଏବଂ ଯମୁନା ଏକ୍ସପ୍ରେସୱେରେ ନୋଏଡା ପ୍ରଶାସନ ଏବଂ କୃଷକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଆଲୋଚନା ପରେ କୃଷକମାନେ ସଂସଦ କମ୍ପ୍ଲେକ୍ସ ଅଭିମୁଖେ ଆରମ୍ଭ କରିଥିବା 'ଦିଲ୍ଲୀ ଚଲୋ' ପଦଯାତ୍ରାକୁ ସ୍ଥଗିତ ରଖିବାକୁ ରାଜି ହୋଇଛନ୍ତି । ଏହାପରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଲାଗିଥିବା ବ୍ୟାରିକେଡ ହଟିଛି ଏବଂ ଯାତାୟାତ ଆରମ୍ଭ ହୋଇଛି । ଉତ୍ତରପ୍ରଦେଶର ୨୦ଟି ଜିଲ୍ଲାର କୃଷକମାନେ ବିଭିନ୍ନ ଦାବି ନେଇ 'ଦିଲ୍ଲୀ ଚଲୋ' ଡାକରା ଦେଇ ସଂସଦ କମ୍ପ୍ଲେକ୍ସ ଅଭିମୁଖେ ବାହାରିଥିଲେ । ଲୋକସଭାର ଶୀତ ଅଧିବେଶନ ବସିଥିବା ସମୟରେ ସରକାର ନିକଟରେ ଦାବି ଉପସ୍ଥାପନ କରିବାକୁ ଯୋଜନା କରିଥିଲେ । କୃଷକଙ୍କ ଏହି ଯୋଜନା ପରେ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୁଲିସ ଦିଲ୍ଲୀ-ନୋଏଡା ସୀମାରେ ବ୍ୟାରିକେଡ ଲଗାଇଥିଲା । ଫଳରେ ଆଜି ଦିନ ତମାମ ଜାତୀୟ ରାଜଧାନୀରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା । ଏହାରି ମଧ୍ୟରେ ନୋଏଡା ପ୍ରଶାସନ ଏବଂ କୃଷକଙ୍କ ଆଲୋଚନା ଚାଲିଥିଲା ।

▶▶ପୃଷ୍ଠା ୭

# କନ୍ଧମାଳର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ନେଇ ନୂତନ ସିଡିଏମଓଙ୍କୁ ମିଳିତ ନାଗରିକ ପକ୍ଷରୁ ଦାବିପତ୍ର ପ୍ରଦାନ

କନ୍ଧମାଳ, ୦୨/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିସ୍ଥାଳୟ କେବଳ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଖୋଲା ରହୁଛି। ଗତ ପ୍ରାୟ ତିନି ବର୍ଷ ହେବ ଉପରବେଳା ବନ୍ଦ। ଓଡ଼ିଶାର ସମସ୍ତ ଡାକ୍ତରଖାନା ଦୁଇ ବେଳା ଖୋଲୁଛି। ସକାଳ ୮ଟାରୁ ୧୨ଟା ଏବଂ ଅପରାହ୍ଣ ୩ଟାରୁ ୬ଟା ଖୋଲିବା ପାଇଁ ନୂତନ ସିଡିଏମଙ୍କୁ ଜିଲା ମିଳିତ ନାଗରିକ କମିଟି ପକ୍ଷରୁ ଦାବୀପତ୍ର ପ୍ରଦାନ କରାଯାଇଛି। ଉପରବେଳା କୌଣସି ଆଉଟଡୋର ଖୋଲୁନଥିବାରୁ ଦୂର ଦୂରାନ୍ତରୁ ଆସୁଥିବା ରୋଗୀମାନେ ଚିକିସ୍ଥା ନ ପାଇ ଫେରି ଯାଉଥିବା ଅଭିଯୋଗ ହୋଇଛି। ଜିଲାରେ ତିନିଭାଗ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ ନଥିଲା ବେଳେ ଦେଶର ଆକାଂକ୍ଷା ଜିଲା ମଧ୍ୟରେ ସେବା ପ୍ରଦାନରେ ପ୍ରଥମ ହେବା ଦୁର୍ଭାଗ୍ୟଜନକ। ଜିଲାରେ ଆବଶ୍ୟକ ବିଶେଷଜ୍ଞ ନଥିଲା ବେଳେ ଛଅ ଜଣ ବିଶେଷଜ୍ଞ ଡେପୁଟେସନରେ ଯାଇ ଫୁଲବାଣୀରେ ରହିବା ଭଳି ସ୍ୱତନ୍ତ୍ର ଭତା ନେଇ ରାଜକୋଷ ଲୁଟ୍ କରୁଛନ୍ତି। ଅଲଟ୍ରାସାଉଣ୍ଡ ଦୀର୍ଘ ୩ ବର୍ଷ ଧରି ବନ୍ଦ ଥିବାରୁ ସିଡିଏମଓଙ୍କୁ ଅବଗତ କରାଯାଇଛି। ଜିଲା ଗ୍ରାମାଚଂଳର ବହୁ ଡାକ୍ତରଖାନାରେ ଡାକ୍ତର ରହୁ ନଥିଲା ବେଳେ, ରହିବା ଭଳି ଦେଖାଇ ସ୍ୱତନ୍ତ୍ର ଭତା ନେଇ ରାଜକୋଷ ଲୁଟ ହେବା ଅଭିଯୋଗ ହୋଇଛି। ଡାକ୍ତର କ୍ଲର୍କ ମଧୁଚନ୍ଦ୍ରିକାରେ ମାସିକ ଛୁଟି ୬ଦିନ ପାଇଁ ଯାଇ ୧୨ଦିନରେ ଫେରୁଥିବା ଅଭିଯୋଗ ହେଉଛି। ଡ୍ୟୁଟି ସମୟରେ ଘରୋଇ ଚିକିସ୍ଥା କରି ଆଉଟଡୋର ଆସୁନଥିବା ଓ ବିଳମ୍ବରେ ୱାର୍ଡ ପରିଦର୍ଶନ କରୁଥିବାରୁ ସିଡିଏମ ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦୁଇଟି ମହାପ୍ରୟାଣ ଗାଡି ପାଇଁ ବ୍ୟବସ୍ଥା କରିବାକୁ ଦାବୀପତ୍ରରେ ଉଲ୍ଲେଖ ରହିଛି। ବରିଷ୍ଠ ନାଗରିକଙ୍କ ଚିକିସ୍ଥା ପାଇଁ ସିକ୍ୟୁରିଟିମାନେ ସହଯୋଗ କରିବା ସହ ଜେରିଆଟିକ ୱାର୍ଡ ଖୋଲିବାକୁ ସିଡିଏମଓଙ୍କୁ କୁହାଯାଇଛି। ମେଡ଼ିକାଲ ଗେଟ ବନ୍ଦ କରି ରାସ୍ତା ଜାମ କରିବା ସହ ଅଯଥା ଛଅ ଜଣ ସିକ୍ୟୁରିଟି ନିଯୁକ୍ତି କରାଯାଇଛି।

ଏହି ଅବସରରେ ପ୍ରଶନ୍ନ ବେହେରା, କମଳାକାନ୍ତ ପାଣ୍ଡେଙ୍କ ସହ ବଂଶୀଧର ପଣ୍ଡା, ପ୍ରଣବ ମଣ୍ଡଳ, ମଧୁସୂଦନ ସାହୁ,ସତ୍ୟପ୍ରିୟ ମହାନ୍ତି, ପ୍ରମୋଦ ସାହୁ ,କେ ନାଗେଶ୍ୱର ପାତ୍ର,ପରେଶ ମହାପାତ୍ର,ସନ୍ତୋଷ କୁମାର ଦିଗାଲ,ଉମେଶ ପାତ୍ର,ବିକାଶ ମହାନ୍ତି, ପ୍ରମୋଦ ସାହୁ ପ୍ରମୁଖ ସ୍ୱାସ୍ଥ୍ୟ ବିଭାଗର ଅବ୍ୟବସ୍ଥାରେ ସୁଧାର ଆଣିବାକୁ ଜିଲା ମୁଖ୍ୟ ଚକିସ୍ଥା ଅଧିକାରୀ ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଜଳସମ୍ପଦ ବିଭାଗ ତରଫରୁ ଚାଣ୍ଡାଲ ଡେମ୍ ପରିଦର୍ଶନ

ବଲାଙ୍ଗିର, ୦୨/୧୨ (ନି.ପ୍ର): ଆଗଲପୁର ବ୍ଲକ୍ ଅନ୍ତର୍ଗତ କୁଟାସିଂହା ପଂଚାୟତର ଡୁଙ୍ଗୁରିପାଲି ଗ୍ରାମ ଠାରେ ଅବସ୍ଥିତ ଚାଣ୍ଡାଲ ଡେମ୍। ଏହା ପ୍ରାକୃତିକ, ବଣ ପାହାଡ ଘେରା ସବୁଜିମାରେ ଭରପୁର ଅଛି। ଏହା ସାଲେଭଟା ଠାରୁ ୮ କିଲୋମିଟର ଦୂରରେ ଅବସ୍ଥିତ। ଏହା ଡୁଙ୍ଗୁରିପାଲି ଶିବ ମନ୍ଦିର, ମାହେଶ୍ୱରୀ ମନ୍ଦିର ଠାରୁ ୨୦୦ ମିଟର ରାସ୍ତାର ଅଛି ଏହି ଚାଣ୍ଡାଲ ଡେମ୍। ଏହି ଡ୍ୟାମ ର ଉନ୍ନତିକରଣ ଓ ଇକୋଟୁରିଜିମ ପରିଣତ କରିବା ପାଇଁ ବହୁଦିନରୁ ଅଂଚଳବାସି ଦାବି କରିଆସୁଥିଲେ। ଏବେ ଜିଲ୍ଲା ପ୍ରଶାସନ ଓ ଜଳ ସମ୍ପଦ ବିଭାଗ ତରଫରୁ ଏହି ଡ୍ୟାମ ର ଉନ୍ନତିକରଣ ଓ ଇକୋ ଟୁରିଜିମ୍ ରେ ପରିଣତ କରିବା ପାଇଁ ବିଭାଗୀୟ ଅଧିକାରୀ ଏସ ଡି ଓ, ଜଳ ସମ୍ପଦ ବିଭାଗ, କିରଣ ବାଲା ଭୋଇ, କନିଷ୍ଠ ଯନ୍ତ୍ରୀ ପ୍ରଦ୍ୟୁମ୍ନ ମେହେର, ଗୋଷ୍ଠି ଉନ୍ନୟନ ଅଧିକାରୀ ମହାପାତ୍ର କୁଳଦୀପ ମହାନ୍ତି, ରାଜସ୍ୱ ନିରୀକ୍ଷକ ମନୋଜ ଗହିର, ଲୋଇସିଂହା ବିଧାୟକ, ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ପିତାମ୍ୱର କଂଟା, ସରପଂଚ ଡିଗ୍ରୀ ମେହେର, ପଂଚାୟତ ପ୍ରତିନିଧି, କୁଟା ସିଂହା, କଂଟାପାଲି, ତେନ୍ତୁଲିଗାଁ, ଡୁଙ୍ଗୁରିପାଲି, ସେମେଲମୁଣ୍ଡା ଗ୍ରାମର ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ। ଏହି ଡ୍ୟାମ ହେଲେ ପଂଚାୟତର ୫ ଖଣ୍ଡ ଗ୍ରାମ ର ହଜାର ହଜାର ଚାଷୀ ଉପକୃତ ହେବେ। ଏଠାରେ ସୂଚନାଯୋଗ୍ୟ ଯେ, ଏହି ଡ୍ୟାମ୍ ର ଉନ୍ନତିକରଣ ପାଇଁ ପ୍ରମୋଦ ବଗର୍ତି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଏହି କାମକୁ ଆଗକୁ ନେବା ପାଇଁ ବିଭାଗୀୟ ଅଧିକାରୀ ମାନେ ପରିଦର୍ଶନ କରିଥିଲେ। ଏହି ଅବସରରେ ପୂର୍ବତନ ସମିତି ସଭ୍ୟ ଅଧିକାରୀ ପାତ୍ର, ସମାଜସେବୀ ମହେନ୍ଦ୍ର ମହାକୁର , ନିରନ୍ ଦେହେରି ପ୍ରମୁଖ ଉପସ୍ଥିତ ଥିଲେ ।

# ପୁରୀରେ ଏଡ଼ସ ସଚେତନତା ଶୋଭାଯାତ୍ରା

ପୁରୀ, ୦୨/୧୨ (ନି.ପ୍ର): ଅସଂଯତ ଜୀବନ ଶୈଳୀ ଓ ଅପ୍ରାକୃତିକ ଯୌନ ସଂପର୍କରୁ ଦୂରରେ ରହି, ଏକ ଶୃଙ୍ଖଳିତ ଜୀବନ ଯାପନ ଭାରତବର୍ଷକୁ ୨୦୩୦ ମସିହା ସୁଦ୍ଧା ଏଡ଼ସ ମୁକ୍ତ କରିପାରେ ବୋଲି ମତପ୍ରକାଶ ପାଇଛି। ଡିସେମ୍ବର ପହିଲା ବଦଳରେ, ମହାମହିମ ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି, ପୁରୀ ଜିଲ୍ଲା ମୁଖ୍ୟ ଚିକିସ୍ଥାଳୟ ଓ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ବିଶ୍ୱ ଏଡସ୍ ଦିବସର ଏକଦିନ ପୂର୍ବରୁ ପାଳନ ହୋଇଛି ବିଶ୍ୱ ଏଡସ୍ ଦିବସ। ଏଥିପାଇଁ ସକାଳୁ ଗୁଣ୍ଡିଚା ମନ୍ଦିର ଠାରେ ଡାକ୍ତର ବିରଜା ଶଂକର ରଥ ସଚେତନ ଶୋଭାଯାତ୍ରାକୁ ଉଦଘାଟନ କରିବା ପରେ, ଏହି ଶୋଭାଯାତ୍ରା ବାହାରି ପୁରୀ ମୁଖ୍ୟ ଚିକିସ୍ଥାଳୟରେ ପହଂଚିଥିଲା। ପରେ ପରେ ଡାକ୍ତର ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ସୁଦର୍ଶନ ପୋଥାଳ, ଡାକ୍ତର ଅଶୋକ ମିଶ୍ର, ଯକ୍ଷ୍ମା ଓ ଏଡ଼ସ କମିଟିର ବରିଷ୍ଠ ସଦସ୍ୟ୍ୱଦ୍ରି ମିଶ୍ର, ମିନତୀ ପରିଡା, ଅଲିଭା ସାହୁ, ଟି.ନାରାୟଣ ରାଓ, ବାବୁଲା ପ୍ରସାଦ, ଦୀପା ସାହୁ, ଦେବକୀ ମାଆ, ଅଶୋକ ସାହୁ, କେ.ଲକ୍ଷ୍ମୀ, ପ୍ରିୟଙ୍କା ନର୍ସିଂ କଲେଜର ଡକ୍ଟର ବାବୁଲା ବେହେରା, ଅତିଥି ଭାବେ ଯୋଗଦେଇ, ଭାରତବର୍ଷରେ ପାଖାପାଖି ୨୪ ଲକ୍ଷ, ଓଡ଼ିଶାରେ ୪୬ ହଜାର, ଗଞ୍ଜାମ ଜିଲାରେ ୧୫ହଜାର ଏଡ଼ସ ରୋଗୀ ରହିଥିବା ବେଳେ, ପୁରୀରେ ଏହାର ସଂଖ୍ୟା ନଗଣ୍ୟ ଅର୍ଥାତ୍ ମାତ୍ର ୭ଶହ ହୋଇଥିଲେହେଁ, ଧର୍ମ ଓ ପର୍ଯ୍ୟଟନ କ୍ଷେତ୍ର ପୁରୀକୁ ପ୍ରତ୍ୟହ ବିଭିନ୍ନ ଦେଶବିଦେଶର ଭକ୍ତ ଓ ପର୍ଯ୍ୟଟକ ଆସୁଥିବାରୁ,ଏଡସ୍ ସଂକ୍ରମଣ ର ପ୍ରତିରୋଧ କରିବାକୁ ସମସ୍ତ ଜନସାଧାରଣ ସଚେତନ ରହିବା ପ୍ରଧାନ ଆବଶ୍ୟକତା ବୋଲି କହିଥିଲେ । ସଂଯୋଜକ ସୁଦର୍ଶନ ଜେନା, ଦୁଃଖିଶ୍ୟାମ ପଟ୍ଟନାୟକ, ଦୈତ୍ୟାରି ପଟ୍ଟନାୟକ ଓ ଦେବାଶିଷ ମର୍ଦ୍ଦରାଜଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ନିଗ୍ଧା ପଟ୍ଟନାୟକ, ନିବେଦିତା ଦାସ,ରଶ୍ମୀତା ମହାନ୍ତି ଓ ଶୈଳବାଳା ମିଶ୍ର ସହଯୋଗ କରିଥିଲେ।

# ହିନ୍ଦୁ ସମାଜର ବୈଠକ

ଜୟପୁର, ୦୨/୧୨ (ନି.ପ୍ର): ଜୈନ ମନ୍ଦିର ଠାରେ ହିନ୍ଦୁ ସମାଜ ତରଫରୁ ଏକ ଜରୁରୀ କାଳୀନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଗତ ୧୪/୧୧/୨୪ ସନାତନ ବୋର୍ଡ ଗଠନ କରିବା ପାଇଁ ରଘୁନାଥ ମନ୍ଦିର ସମ୍ମୁଖରେ ଯେଉଁ କାର୍ଯକ୍ରମର ଅ ।ୟଜନ ହୋଇଥିଲା ତହିଁର ଖର୍ଚ୍ଚ ବିବରଣୀର ଅଲୋଚନା କରାଯାଇଥିଲା । ହିନ୍ଦୁ ସମାଜର ଆଦାୟ/ଖର୍ଚ୍ଚ/ପରିଚାଳନାକୁ ସୁଚାରୁ ରୂପେ କରିବା ନିମିତ ଜାତୀୟ କରଣ ବ୍ୟାଙ୍କ ରେ ସଂଚୟ ଖାତା ଖୋଲିବା ନିମିତ ସ୍ଥିର କରାଗଲା । ନିକଟସ୍ଥ ଗ୍ରାମଗୁଡିକୁ ଯାଇ ସଂପର୍କ କରି ଆଦର୍ଶ ଗ୍ରାମ୍ୟ ଯୋଜନାରେ ସାମିଲ କରିବା । ହିନ୍ଦୁ ସମାଜର ସାଂଗଠନିକ ସୁଦୃଢ ତା ଅଭିବୃଦ୍ଧି କରିବା ନିମିତଓ ସମସ୍ତ ସଂସ୍ଥା ସଂଗଠନ ସହିତ ସମ୍ପର୍କ କରି ପ୍ରତ୍ୟେକ ସଂସ୍ଥାରୁ ୨ ଜଣଙ୍କୁ ସାମିଲ କରିବା ସଜ୍ଜନ ଓ ହିନ୍ଦୁ ସମାଜ ର ବିଚାର ସମର୍ଥନ କାରିଙ୍କୁ ଟ୍ରଷ୍ଟ ରେ ସାମିଲ କରିବା । ପ୍ରତି ୧୫ ଦିନରେ ଗୋଟିଏ ବୈଠକ ରଖିବା ନିମିତ ସ୍ଥିର କରାଇବା ଆଦି ଆଲୋଚନା ହୋଇଥିବା ବିଷୟ ହିନ୍ଦୁ ସମାଜ ତରଫରୁ ସୂଚନା ଦିଆଯାଇଛି ।

# ମୁହୁରି କଲୁଆଁଫୁଟା ସଂଖ୍ୟା ପାଇଁ ଉତ୍କୃଷ୍ଟ ଲେଖା ଆହ୍ୱାନ

ବଲାଙ୍ଗିର, ୦୨/୧୨ (ନି.ପ୍ର): ବହୁ ପ୍ରତିକ୍ଷିତ କୋଶଲି ପତ୍ରିକା 'ମୁହୁରି' ର କଲୁଆଁଫୁଟା ସଂଖ୍ୟା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପରିଷଦର ଅନୁମୋଦନ କ୍ରମେ ଏହାର କାର୍ଯ୍ୟକାରିଣି ସମିତିର ସଭାପତି ପଣ୍ଡିତ ଡଃ ନାମଯଜ୍ଞ ମିଶ୍ର ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ କ୍ଷ ଟ୍ରଷ୍ଟର ଅଧକ୍ଷ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ଓ 'ମୁହୁରି' ର ଅନ୍ୟତମ ସହଯୋଗୀ ସଂପାଦକ କବି ଆନନ୍ଦ ଚନ୍ଦ୍ର ସାହୁ ମଂଚାସିନ ଥିଲେ । ସଚିବ ମଧୁସୁଦନ ଦାଶ ବାର୍ଷିକ ଆୟବ୍ୟୟ ବିବରଣି ଦାଖଲ କଲା ପରେ ଟ୍ରଷ୍ଟର ମୂଖପତ୍ର 'ମୁହୁରି' ର ପୂର୍ଣ୍ଣାଙ୍ଗ ଅବୟବ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିରେ ଟ୍ରଷ୍ଟ, କାର୍ଯ୍ୟକାରିଣି ଓ ପତ୍ରିକା କମିଟିର ସଦସ୍ୟମାନେ ସର୍ବଶ୍ରୀ ଶରତ କୁମାର ହୋତା, ଆଶୁତୋଷ ମିଶ୍ର, ରଘୁନାଥ ବାବୁ, ବିରେନ୍ଦ୍ର ବନଛୋର, କିଶୋର ପୁରୋହିତ, କବି ସୁଶାନ୍ତ ବାଗ, ଡଃ ବ୍ରଜ ମୋହନ ମେହେର, ଲାଲଚନ ବଗର୍ତି, ସବିତା ମହରା, ତପସ୍ୱିନି ପସାୟତ, ଏଡଭୋକେଟ ନିମାଲ୍ୟ ସ୍ୱାଇଁ, ସୁଜିତ ଶତପଥି, ଶ୍ରୀପାଲ ପଣ୍ଡା, ପୁସ୍ତମ ଜୁଆଡି, ଜ୍ୟୋତି ପ୍ରକାଶ ଗୁରୁ ଓ ଅଭିଜିତ ଫରିକାର ବିଭିନ୍ନ କାର୍ଯ୍ୟଭାର ତୁଲାଇଥିଲେ । ଟ୍ରଷ୍ଟର ମୁଖପତ୍ର 'ମୁହୁରି' ପାଇଁ କୋଶଲି ଭାଷାରେ ଉତ୍କୃଷ୍ଟ ଓ ସମସାମୟିକ ଲେଖା ଆହ୍ୱାନ କରାଯାଇଛି । ଲେଖା ପଠାଇବା ପରେ ଅନ୍ୟୁନ ଦୁଇ ତିନିଟି ସଂଖ୍ୟା ଅପେକ୍ଷା କରିବାକୁ ଅନୁରୋଧ । ଲେଖା ମନୋନୟନରେ ସଂପାଦନା ମଣ୍ଡଳିର ନିଷ୍ପତି ଚୂଡ଼ାନ୍ତ । ପ୍ରଥମ ଥର ଲେଖା ଗୁଡିକ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଓ ପରେ ଅନ୍ୟ ସଂସ୍କରଣ ପାଇଁ ବର୍ଷ ତମାମ ମୋବାଇଲ ହ୍ୱାଟସଏପ୍ ନମ୍ବର ୯୯୩୭୧୨୮୨୭୧, ୯୪୩୯୪୧୩୩୪୫ ନମ୍ବର ରେ ପଠେଇବାକୁ ଟ୍ରଷ୍ଟ ତରଫରୁ ଆହ୍ୱାନ କରାହେଉଛି ।

# ଦୁଇ ମହିଳା କ୍ୟାଡେଟ୍ ସମ୍ବର୍ଦ୍ଧିତ

ଜୟପୁର, ୦୨/୧୨ (ନି.ପ୍ର): ଦୁଇ ମହିଳା କ୍ୟାଡେଟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଁ ସିନିୟର ଅଣ୍ଡର ଅଫିସର ଦେବସ୍ମିତା ବେନିଆ ଓ ସବ ଭାରତୀୟ ସ୍ଥଳ କ୍ୟାମ୍ପରେ ଭାଗନେବା ପାଇଁ କ୍ୟାଡେଟ ଶିତଲ ନନ୍ଦାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ଜୟପୁର ପରିସରରେ ଆଜି ସମ୍ବର୍ଦ୍ଧନା ଦିଆଯାଇଛି । ଏଥିରେ ବିଶ୍ୱବିଦ୍ୟାଳୟର ଓଏସଡି ଦେବୀ ପ୍ରସାଦ ମିଶ୍ର, କୁଳ ସଚିବ ରଞ୍ଜନ ପ୍ରଧାନ, ପିଜି କାଉନସିଲ ମୁଖ୍ୟ ପ୍ରଶାନ୍ତ କୁମାର ପାତ୍ର, କ୍ୟାପଟନ ଲକ୍ଷ୍ମଣ ପାତ୍ର, ଏବଂ ସିଟିଓ ସନ୍ତୋଷୀନୀ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ ।

# ବାଇକ୍ ଚୋରି ଅଭିଯୋଗରେ ୩ ଅଟକ

କୋରେଇ, ୦୨/୧୨ (ନି.ପ୍ର): ପାଣିକୋଇଲି ପୁଲିସ ୩ ଜଣଙ୍କୁ ବାଇକ ଚୋରି ଅଭିଯୋଗରେ ଧରି ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି । ପାଣିକୋଇଲି ଥାନା ଅଂଚଳରୁ ବହୁ ବାଇକ ଚୋରି ହୋଇଥିବା ବେଳେ ଗତ ୨୮ ସଠିପୁରସ୍ଥିତ ବିଦେଶୀ ମଦ ଦେକାନ ଆଗରୁ ଏକ ବାଇକ ଚୋରି ହୋଇଥିଲା । କେଉଁଝର ଜିଲ୍ଲା ନନ୍ଦୀପଦା ଥାନା ଅନ୍ତର୍ଗତ ଗେଡମା ଗ୍ରାମର ସଂଜୟ କୁମାର ପଲେଇ ତାଙ୍କ ବାଇକଟି ସଠିପୁର ବିଦେଶୀ ମଦ ଦୋକାନ ଆଗରେ ରଖି ତାଙ୍କ ସମ୍ପର୍କୀୟ ସହ କଥା ହେଉଥିଲେ । ସେଠାରୁ କାମ ସାରି ଦେଖିଲା ବେଳେକୁ ତାର ବାଇକଟି ନାହିଁ । ଏହା ପରେ ମଦ ଦେକାନର ସିସିଟିଭି ଯାଂଚ କରିବାରୁ ସଠିପୁର ଭୀମ ଦଳେଇ ଗ୍ୟାରେଜର କର୍ମଚାରୀ କୋରେଇ ଥାନା ଅନ୍ତର୍ଗତ ଦୁଲାଖାପାଟଣା ଗ୍ରାମର ସୁଦର୍ଶନ ସାହୁଙ୍କ ପୁଅ ପ୍ରଶାନ୍ତ କୁମାର ସାହୁ ଓରଫ ଟୁଲିଆ ବାଇକଟି ଚୋରି କରିନେଇଥିବା ଦେଖିବାକୁ ପାଇଲେ । ଏନେଇ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ବାଇକଟିକୁ ଜବତ କରିବା ସହ ଏହି ମାମଲାରେ ତିନି ଜଣ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଜାରି ରଖିଛି ।

# ପ୍ରଫେସର ମଣୀନ୍ଦ୍ର ମେହେର ପାଇବେ ବୌଦ୍ଧ ପୁସ୍ତକମେଳା ସମ୍ମାନ

ଭୁବନେଶ୍ୱର , ୦୨/୧୨ (ନି.ପ୍ର): ଏ ବର୍ଷର ମର୍ଯ୍ୟାଦା ଜନକ ବୌଦ୍ଧ ପୁସ୍ତକ ମେଳା ସମ୍ମାନ ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗମୁଖ୍ୟ, ସ୍ୱଭାବ-କବି ଗଙ୍ଗାଧର ମେହେରଙ୍କ ପ୍ରପୋ ?ତ୍ର ତଥା ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟର ପରିଦର୍ଶକ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କୁ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ବୌଦ୍ଧଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ ତରଫରୁ ଆୟୋଜିତ ପୁସ୍ତକ ମେଳା ତଥା ସାମ୍ବାଦିକ ଫୋରମର ବାର୍ଷିକ ଉତ୍ସବ ପାଳନ ଅବସରରେ ଆଗାମୀ ଡିସେମ୍ବର ୮ତାରିଖ ଦିନ ଏ ସମ୍ମାନ ପ୍ରଫେସର ମେହେରଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯିବ। ସାମ୍ବାଦିକ ଫୋରମର ସମ୍ପାଦକ ତଥା ହୀରାଞ୍ଚଳ ଦୈନିକ ସମ୍ବାଦପତ୍ରର ସମ୍ପାଦକ ଯୁଗଳ କିଶୋର ସାମଲ ଏହା ଘୋଷଣା କରିଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ, ପ୍ରଫେସର ମେହେରଙ୍କ ପ୍ରାୟ ଅର୍ଦ୍ଧ ଶତାଧିକ



ପୁସ୍ତକ ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଳେ ତାଙ୍କ ସମ୍ପାଦନାରେ ଅନେକ ପତ୍ରପତ୍ରିକା, ସ୍ମରଣିକା, ଗଙ୍ଗାଧର ଗ୍ରନ୍ଥାବଳୀ ତଥା କବିପୁତ୍ର ଭଗବାନ ମେହେରଙ୍କ ରଚିତ ଗଙ୍ଗାଧର ମେହେରଙ୍କ ପ୍ରାମାଣିକ ଜୀବନୀ ଗ୍ରନ୍ଥ ପିତୃପ୍ରସଙ୍ଗ ପ୍ରକାଶିତ ହୋଇଛି । ଏ ଅବସରରେ ପ୍ରିୟ ଛାତ୍ରଛାତ୍ରୀ,ଅନେକ ଲେଖକ, ଲେଖିକା, ସହକର୍ମୀ,ଅନୁଷ୍ଠାନ ତଥା ଧ୍ୱନି ପ୍ରତିଧ୍ୱନି ପକ୍ଷରୁ ପ୍ରଫେସର ମେହେରେଙ୍କୁ ସାଦର ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଜୟପୁର, ୦୧/୧୨ (ନି.ପ୍ର): ଜୟପୁର ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେଥିରେ ଦୌଡ଼, କବାଡି, ଖୋ ଖୋ, ରିଲେ ରେସ, ବେଡ୍ମିଣ୍ଟନ୍, ଥ୍ରୀନ୍ ଲେଗ୍ଡ ରେସ, ଦଉଡ଼ି ଡିଆଁ, ବାଲାନସିଂ ରେସ, ଫ୍ରୋଗ ଜମ୍ପ, ଇତ୍ୟାଦି ଅନେକ ପ୍ରତିଯୋଗିତାରେ ଛାତ୍ର ଛାତ୍ରୀ ମାନେ ଭାଗ ନେଇଥିଲେ। ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟର ସଭାପତି କିଶୋର କୁମାର ହୋତା, ସମ୍ପାଦକ ନୟନ କିଶୋର ମହାନ୍ତି, ନିର୍ଦ୍ଦେଶିକା ଶ୍ରୀମତି କୁମୁଦ ମାଳା ମହାନ୍ତି, ଅଧକ୍ଷା ଶ୍ରୀମତି ସୁପ୍ରିୟା ପାଣିଗ୍ରାହି, ଉପ ଅଧକ୍ଷ ସଚିଦାନନ୍ଦ ମହାପାତ୍ର, ଅଜମଲ୍ ବେଗ୍ ନିରଞ୍ଜନ ପାଣିଗ୍ରାହୀ, ଏବଂ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ ।

# କେନ୍ଦୁଝରରେ ଅନିୟମିତତାକାରୀ ଯନ୍ତ୍ରୀଙ୍କୁ ଜେଲ୍ ଦଣ୍ଡ

କେନ୍ଦୁଝର, ୦୨/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜାଲି ପଂଚାୟତର ନିଶ୍ଚିତପୁର ଗ୍ରାମର ମେର୍ମେଦା ନାଳରେ ୨୦୧୨-୧୩ ମସିହାରେ ଆଡିବନ୍ଧ ନିର୍ମାଣରେ ଅଧିକ ୨ ଲକ୍ଷ ୩ ହଜାର ଟଙ୍କା ବିଲ କରି ଠିକାଦାରଙ୍କୁ ପେମେଂଟ କରିବା ଅଭିଯୋଗରେ ଶନିବାର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଦେବବ୍ରତ ବିଶ୍ୱାଳ ୧୬ ଜଣ ସାକ୍ଷୀଙ୍କ ବୟାନକୁ ଭିତି କରି ଠିକାଦାର ଚତୁର୍ଭୁଜ ବେହେରା, ସହକାରୀ ଯନ୍ତ୍ରୀ ଶିବାନନ୍ଦ ପଟ୍ଟନାୟକ ଓ ଜୁନିୟର ଇଞ୍ଜିନିୟର ଶକ୍ତି ରଞ୍ଜନ ସିଂ ସାମନ୍ତଙ୍କୁ ୪ ବର୍ଷ ଲେଖାଁଏ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ।

# ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

କୋରେଇ, ୦୨/୧୨ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚଳିତ ଶିକ୍ଷା ବର୍ଷ ପାଇଁ ଆଜି ବିଦ୍ୟାଳୟ ପରିସରରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାସମାରୋହରେ ଅନୁଷ୍ଠିତ କର୍ମଶାଳାରେ ପ୍ରାରମ୍ଭରୁ ଦ୍ୱିତୀୟ ;ଶ୍ରେଣୀର ପର୍ଯ୍ୟନ୍ତ ଶିଶୁ ମାନଙ୍କର ୧୧୦ ଜଣ ମା ଭାଗ ନେଇଥିଲେ । ଏହି ଅବସରରେ ମା ମାନଙ୍କ ମଧ୍ୟରେ ଝୋଟି ଚିତା, ମୁରୁଜ, ରଂଗ ପ୍ରତିଯୋଗୀତା କରାଯାଇଥିଲା । ଶେଷରେ ସଂଗୀତ ଚୌକି ପ୍ରତିଯୋଗୀତା କରାଯାଇଥିଲା । ପରେ ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ବୃନ୍ଦାବନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥିଭାବେ ସାମ୍ବାଦିକ ମନୋଜ କୁମାର ସାହୁ, ମାନସ ରଂଜନ ଧଳ, ପରିଚାଳନା କମିଟିର ସମ୍ପାଦକ ଦିଲ୍ଲୀପ ଧଳ, ଯୁଗ୍ମ ସମ୍ପାଦକ ରାଜକିଶୋର ମଲ୍ଲିକ, ଉପସଭାପତି ଶଙ୍କର୍ଷଣ ପରିଡା, କୋଷାଧକ୍ଷ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ସନ୍ତୋଷୀ ଗୁରୁମା ମଂଚ ପରିଚାଳନା କରିଥିବା ବେଳେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ଓ ଅଳକା ଗୁରୁମା କାର୍ଯ୍ୟକ୍ରମର ଆଭିମୁଖ୍ୟ ସର୍ମ୍ପକରେ ଅବଗତ କରିଥିଲେ ।

# ସିଓ୍ୱା ଅନୁଷ୍ଠାନ ଦ୍ୱାରା ଆଧ୍ୟାତ୍ମିକ ପାଠଶଳା

ଜୟପୁର, ୦୨/୧୨ (ନି.ପ୍ର): ସିଓ୍ୱା ଅନୁଷ୍ଠାନ ଦ୍ୱାରା ଆଧ୍ୟାତ୍ମିକ ପାଠଶାଳା। ସ୍ଥାନୀୟ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ବୈଧିକ୍ ଚେତନା ର ବିକାଶ ନିମନ୍ତେ ପ୍ରତ୍ୟେକ ରବିବାର ସକାଳ ୧୦ଟା ୩୦ ରୁ ୧୧ଟା ୩୦ ପର୍ଯ୍ୟନ୍ତ ଜୟନଗର ସ୍ଥିତ ଦିବ୍ୟ ଜୀବନ ସଂଘ ଆଶ୍ରମରେ ଆଧ୍ୟାତ୍ମିକ ପ୍ରବଚନର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଦିବ୍ୟ ଜୀବନ ସଂଘ ର ସହଯୋଗରେ ପ୍ରବଚକ ଅରବିନ୍ଦ ମହାପାତ୍ର, ଶ୍ରୀମତୀ ଶାନ୍ତିଲତା ଷଡ଼ଙ୍ଗୀ ଓ ସୋନାଲି ପତି ଛାତ୍ର ଛାତ୍ରୀ ମାନଙ୍କୁ ନୈତିକ ମୂଲ୍ୟଯୁକ୍ତ ଶିକ୍ଷା ସହ ଆଧ୍ୟାତ୍ମିକ ଚେତନା ର ବିକାଶ ପାଇଁ ଦିଗ ଦର୍ଶନ ପ୍ରଦାନ କରିଛନ୍ତି। ସିଟି ଉଚ୍ଚ ବିଦ୍ୟାଳୟ, ନାରାୟଣୀ ବିଦ୍ୟାଳୟ, ମଡର୍ନ ଉଚ୍ଚ ବିଦ୍ୟାଳୟ, ପ୍ରକାଶ ବିଦ୍ୟାଳୟ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ କେନ୍ଦ୍ର, ପବ୍ଲିକ ସ୍କୁଲ, ବିଜ୍ଞାନ ଇଣ୍ଟର୍ଣାନେସନଲ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର ରୁ ୫୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇ ଆସୁଛନ୍ତି। ଏହି କାର୍ଯ୍ୟକ୍ରମର ଅଧକ୍ଷ ଶ୍ରୀ ଭେଙ୍କଟ ରେଡ୍ଡୀ ଓ ସଭ୍ୟ ଆନନ୍ଦ ମୂନ୍ଦ୍ରା ଙ୍କ ପ୍ରଚେଷ୍ଟାରେ ଆୟୋଜନ କରାଯାଉଛି। ସିଓ୍ୱା ର ସଭାପତି ସୁଧାକର ପଟ୍ଟନାୟକ, ସମ୍ପାଦକ ସୌମ୍ୟ ରଞ୍ଜନ ଦଳାଇ ଓ ଅନ୍ୟାନ୍ୟ ସଭ୍ୟ ପ୍ରତାପ କୁମାର ପଟ୍ଟନାୟକ, ପ୍ରଦୀପ୍ତ କୁମାର ସାହୁ, ରଞ୍ଜିତ ନାୟକ, ଅଶୋକ କୁମାର ଚୌଧୁରୀ, ବିଶ୍ୱଜିତ୍ ମିଶ୍ର, ରଘୁନାଥ ପାଣିଗ୍ରାହୀ, ଅଜୟ କୁମାର ମିଶ୍ର ଓ ମହିଳା ସଭ୍ୟ ଭାବେ ବିଜୟ ଲକ୍ଷ୍ମୀ ତ୍ରିପାଠୀ, ଭୁଲକ୍ଷ୍ମି ଆଚରି ଓ ଅନ୍ୟ ବିଦ୍ୟାଳୟ ର ଶିକ୍ଷକ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ସଭପତି ସୁଧାକର ପଟ୍ଟନାୟକ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଆଗାମୀ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆହ୍ୱାନ ଜଣାଇଛନ୍ତି।

# ପିଇବାପାଣି ପାଇଁ ଡହଳବିକଳ ୪୦ରୁ ଉର୍ଦ୍ଧ୍ୱ ପରିବାର: ପଂଚାୟତ ସାମ୍ନାରେ ଧାରଣାରେ ବସିଲେ ଗ୍ରାମବାସୀ

ବାରିପଦା, ୦୨/୧୨ (ନି.ପ୍ର): ପାନୀୟ ଜଳ ପାଇଁ ଆଜି ସୃଷ୍ଟି କରିଛି ବିବାଦୀୟ ପରିସ୍ଥିତି । ସ୍ୱାଧୀନତାର ଦୀର୍ଘବର୍ଷ ପରେ ପିଇବାପାଣି ପାଇଁ ଡହଳବିକଳ ୪୦ରୁ ଉର୍ଦ୍ଧ୍ୱ ପରିବାର । ଏଭଳି ଘଟଣା ସାମ୍ନାକୁ ଆସିଛି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ନୁଆଗାଁ ପଂଚାୟତ ନୁଆଗାଁ ଗ୍ରାମରେ । ତେବେ ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ପିଇବାପାଣି ନ ପାଇବାରୁ ବାରମ୍ବାର ସରପଂଚ ଏବଂ ବ୍ଲକ ପ୍ରଶାସନକୁ ଜଣାଇ ଆସୁଥିଲେ ମଧ ଜଳ ସମସ୍ୟାର ସମାଧାନ ପାଇଁ ପଂଚାୟତ କିମ୍ବା ବ୍ଲକ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ।ଶେଷରେ ବାଧ ହୋଇ ଜଳକ୍ଲିଷ୍ଟ ପରିବାର ପକ୍ଷରୁ ଆଜି ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗାଗରା,ବାଲ୍ଟି ଧରି ଚାରି ଘଂଟାରୁ ଉର୍ଦ୍ଧ୍ୱ ସମୟ ଧାରଣା ଦେବା ପରେ ଖବରପାଇ ଯୁବସମାଜ ସେବୀ ଦିଲ୍ଲୀପ ତୁଙ୍ଗ ଧାରଣାସ୍ଥଳରେ ପହଂଚିଥିଲେ । ପରେ ଜଡଝଝ ଜେଇ ବିରେନ୍ଦ୍ର ମହାନ୍ତ ଓ ଛଟରାୟ ମୁର୍ମୁ ପହଂଚି ଧାରଣାରେ ବସିଥିବା ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ ମଧ ସଫଳ ନ ହୋଇ ପରେ ପମ୍ପ ଡ୍ରାଇଭର ଉପରେ ଦୋଷ ଲଦିଦେଇ ଖସିଯିବାକୁ ଉଦ୍ୟମ କରିଥିଲେ। ଗ୍ରାମବାସୀ ଅଧିକାରୀଙ୍କ ନିକଟରୁ ଲିଖିତ ପ୍ରତିଶ୍ରୁତି ନେବା ପରେ ଧାରଣାରୁ ଓହରି ଥିଲେ । ତେବେ ୨ବର୍ଷ ହେବ ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଭଳି ଭାବରେ ଜଡଝଝ ର ଅଧିକାରୀମାନେ ପଦକ୍ଷେପ ନେଉନଥିଲେ ନା ଅଧିକାରୀମାନେ ଜାଣିଶୁଣି ଗ୍ରାମବାସୀଙ୍କୁ ହନ୍ତସନ୍ତ କରାଉଥିଲେ ତାହା ବଡ ପ୍ରଶ୍ନ ହୋଇ ମୁଣ୍ଡ ଟେକିଛି । ଶୁଳିଆପଦା ବ୍ଲକ ପ୍ରଶାସନରେ ଏହା ପ୍ରଥମ ଘଟଣା ନୁହଁ ପାଣି ସମସ୍ୟା ପାଇଁ ବିଭିନ୍ନ ସମୟରେ ଲୋକେ ଆନ୍ଦୋଳନକୁ ଓଲ୍ହାଇ ଥାନ୍ତି ଯାହାକି ଶୁଳିଆପଦା ବ୍ଲକ ଆରଡବ୍ଲୁଏସଏସ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ପାଣି ସମସ୍ୟାର ସମାଧାନ କେବେ ହେଉଛି ଦେଖିବାକୁ ବାକି ରହିଲା।

# ହୀରାକୁଦ ଇକୋ ରିଟ୍ରିଟ ୨୦୨୪-୨୫ ଉଦ୍‌ଘାଟିତ

ସମ୍ବଲପୁର, ୦୨/୧୨ (ନି.ପ୍ର): ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ହୀରାକୁଦ ଇକୋ ରିଟ୍ରିଟ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଆଜି ସମ୍ବଲପୁରରେ ପୂର୍ବାହ୍ଣ ୧୧ ଟାରେ ହୀରାକୁଦ ଇକୋ ରିଟ୍ରିଟ ଉଦଘାଟନ ହୋଇଯାଇଛି । ଏହି ଉଦ୍ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନି ନାୟକ ଯୋଗ ଦେଇଥିଲେ । ଉତରାଚଂଳ ଆଇ.ଜି. ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସପି ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ କମିସନର ବେଦ ଭୂଷଣ, ସମ୍ବଲପୁର ଡିଏଫଓ କାଳୁଁଗେ ଗୌରଖ ଥ୍ୱମାନ, ଆଇ.ପି.ଏସ. (ପ୍ରୋବେଶନର) ଭୋସଲେ ଶୁଭମ ସଞ୍ଜୟ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର , ଉପଜିଲ୍ଲାପାଳ ଡ଼. ପୁଷ୍ପାଞ୍ଜଳି ପଣ୍ଡା, ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀଙ୍କ ପ୍ରତିନିଧି ବିଭୁତି କଲ୍ୟାଣ ପଟେଲ, ସରପଂଚ କୀଲାସମା ଗୌରୀ ବାରିକ, ପର୍ଯ୍ୟଟନ ବିଭାଗର ସହାୟକ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଦଳେଇଙ୍କ ସମେତ ଜିଲ୍ଲା ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଜି ଠାରୁ ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ । ଏହି ଇକୋ ରିଟ୍ରିରେ ଷ୍ଟାର ହୋଟେଲର ରହଣି ସୁବିଧା, ସକାଳ ଜଳଖିଆ ଠାରୁ ଆରମ୍ଭ କରି ରାତ୍ରି ଭୋଜନ ପର୍ଯ୍ୟନ୍ତ ମେନ୍ୟୁରେ ରହିଛି ସୁସ୍ୱାଦ ଖାଦ୍ୟ, ପାନୀୟ, ନାଚ, ଗୀତ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଜଳକ୍ରୀଡା, ବୋଟରେ ହୀରାକୁଦ ଜଳରାଶିରେ ବୁଲିବାର ମଜା, ଦୁଃସାହସିକ ଖେଳ ସହ ପ୍ରକୃତି କୋଳଲେ ଅପୂର୍ବ ଅନୁଭୂତି ପର୍ଯ୍ୟଟକ ମାନେ ସାଉଁଟିବେ । ଏହା ସହିତ ହୀରାକୁଦ ଇକୋ ରିଟ୍ରିଟ ଆସିଥିବା ପର୍ଯ୍ୟଟକ ମାନେ ସମଲେଇ ମନ୍ଦିର , ହୀରାକୁଦ ଡ୍ୟାମ, ଡେବ୍ରିଗଡ଼ ଅଭୟାରଣ୍ୟ ଇତ୍ୟାଦି ବୁଲିବା ସହିତ ମଜାନେବେ । ଚଳିତ ବର୍ଷ ଇକୋ ରିଟ୍ରିଟରେ ପର୍ଯ୍ୟଟକଙ୍କ ପାଇଁ ୨୫ ଗୋଟିଏ ବିଳାସପୂର୍ଣ୍ଣ କଟେଜ ସହିତ ଷ୍ଟାର ହୋଟେଲ ସୁବିଧା ମିଳିବ । ଏହି କଟେଜରେ ଗୋଟିଏ ଦିନର ରହଣି (ସୋମବାରରୁ ଶୁକ୍ରବାର ) ୫ ହଜାର ଟଙ୍କା ଏବଂ ଶନିବାର ଓ ରବିବାର ପ୍ରତି କଟେଜର ମୂଲ୍ୟ ୬ ହଜାର ଟଙ୍କା ସହିତ ସ୍ୱତନ୍ତ୍ର ଦିବସ ଯଥା ଡ଼ିସେମ୍ବରରୁ ୨୨ରୁ ଜାନୁଆରୀ ୨ ତାରିଖ ପାଇଁ ୭ ହଜାର ଟଙ୍କା ରହିଛି । ସୂଚନାଯୋଗ୍ୟ ଯେ, ଆଜି ହୀରାକୁଦ ସମେତ କଟକ ଜିଲ୍ଲାର ସାତୋକୋଶିଆ, କନ୍ଧମାଳ ର ଦାରିଙ୍ଗିବାଡି, କୋରାପୁଟର ପୁଟସିଲ ଇକୋ ରିଟ୍ରିଟର, ଗଞ୍ଜାମ ର ସୋନାପୁର ଇକୋ ରିଟ୍ରିଟ , କେନ୍ଦ୍ରାପଡ଼ାର ଭିତରକନିକା ଇକୋ ରିଟ୍ରିଟର ଉଦଘାଟନ ମଧ ଆଜି ହୋଇଛି ।

# ଜିଲ୍ଲାସ୍ତରୀୟ ବିଶ୍ୱ ଏଡସ୍ ଦିବସ ପାଳିତ

ଖୋର୍ଦ୍ଧା, ୦୨/୧୨ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲ୍ଲା ଏଡସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷର ମିଳିତ ଆନୁକୁଲ୍ୟରେ ଜିଲ୍ଲା ଚିକିସ୍ଥା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଯରୁ ବିଭିନ୍ନ ମହାବିଦ୍ୟାଳୟ ଓ ନର୍ସିଂ ଛାତ୍ର, ଛାତ୍ରୀ ନେଇ ନେଇ ଏକ ଏଚଆଇଭି,ଏଡସ୍ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହାକୁ ଜିଲ୍ଲା ପରିବାର କଲ୍ୟାଣ ଅଧିକାରୀ ଡା. ବିଶ୍ୱନାଥ ପାଢୀ ଆନୁଷ୍ଠାନିକ ଭାବେ ଭାବେ ଉଦଘାଟନ କରିଥିଲେ ଓ ଚଳିତ ବର୍ଷର କାର୍ଯ୍ୟାଳୟ ସମିଳନୀ କକ୍ଷରେ ଡା. ପାଢୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା ଓ ପ୍ରାଣ ନାଥ 'ଅଲ୍‌କାରର ସଠିକ୍ ମାର୍ଗ ଅନୁସରଣ କରିବା'" ଉପରେ ଆଲୋଚନା କରଯାଇଥିଲା ଓ ମୁଖ୍ୟ ବକ୍ତା କବି ପ୍ରସନ୍ନ ପାଟସାଣି ସ୍ୱୟଙ୍ଗ ଶାସିତ ମହାବିଦ୍ୟାଳୟର ଅଧାପକ ଶ୍ରୀ ଜଗଦେବ, ଆଞ୍ଚଳିକ ମହାବିଦ୍ୟାଳୟର ଅଧାପକ ଶ୍ରୀ ଜୟସିଂ ଓ ଖୋର୍ଦ୍ଧା ନର୍ସିଂ ସ୍କୁଲର ସ୍ୱର୍ଣ୍ଣ ପ୍ରଭା ସାହୁ ଏଚଆଇଭି,ଏଡସ୍ ସମ୍ପର୍କରେ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ ସଭାପତି ଡା. ପାଢୀ ନିଜ ଏଡ୍ସର କାରଣ, ନିରାକରଣ, ପ୍ରତିକାର ଓ ଏ ବର୍ଷର ବୋଧନରେ ଏଚଆଇଭି,ଏଡସ୍ ର ବର୍ଷର ବିଷୟ ବସ୍ତୁ 'ଅଧିକାରର ବା' ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀମାନେ ସଠିକ୍ ମାର୍ଗ ଅନୁସରଣ କରିବା" ଜୀବନରେ ଏହାକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ । ଶେଷରେ ଜିଲ୍ଲା ପ୍ରକଳ୍ପ ପରିଚାଳ ପରିଚାଳକ ବିଧାନ ଚନ୍ଦ୍ର ନାୟକ ସାମାଜିକ ଯୋଗଯୋଗ ମାଧ୍ୟମ (ଫେସ୍ ବୁକ, ଇଷ୍ଟାଗ୍ରାମ, ୟୁଟ୍ୟୁବ) କୁ ପ୍ରାଧାନ୍ୟ ଦେଇ । ବାର୍ତାକୁ ବହୁଳ ଭାବେ ପ୍ରଚାର, ପ୍ରସାର ଓ ଅନୁସରଣ କରିବା ସହିତ ନିଶୁଳ୍କ ନମ୍ବର- ଏହାର ପୃଷ୍ଠାରୁ ଆସୁଥିବା ୧୦୯୭ ରେ ଯୋଗାଯୋଗ କରି ଏଡସ୍ ସମ୍ପର୍କରେ ଅଧିକ ବିବରଣୀ ଜାଣିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ପ୍ରାଣନାଥ ସ୍ୱୟଙ୍ଗ ଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା, କବି ପ୍ରସନ୍ନ ପଟ୍ଟସାଣି ଆଂଚଳିକ ମହାବିଦ୍ୟାଳୟ, ମଳିପଡା, ଖୋର୍ଦ୍ଧା ନର୍ସିଂ ସ୍କୁଲ ର ଅଧାପିକା, ଅଧାପକ ଓ ଛାତ୍ର ଛାତ୍ରୀମାନେ ଯୋଗ ଦେଇଥିଲେ ।

# କାହିଁକି ଚାପଗ୍ରସ୍ତ ଆମ ଯୁବପିଢ଼ି ? ଜାଣନ୍ତୁ ସମାଧାନର ବାଟ

**ବର୍ତ୍ତମାନ ଆମେ ଏପରି ଏକ ସ୍ଥିତିର ପହଞ୍ଚିଛନ୍ତି, ଯେଉଁ ସମୟରେ ଚାପ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟା। ଚାପ ଏବେ ଅନେକ ରୋଗର ମୁଖ୍ୟ କାରଣ ପାଲଟିଛି। ୧୮ ରୁ ୪୫ ବର୍ଷ ବୟସର ଯୁବପିଢ଼ି ଭୋଗୁଥିବା ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହେଉଛି ଚାପ। ତେବେ ଆମ ଯୁବପିଢ଼ିଙ୍କ ଚାପଗ୍ରସ୍ତର କାରଣ କଣ ହୋଇପାରେ, ପୁରୁଷ ଓ ମହିଳାଙ୍କ ମଧ୍ୟରେ ପ୍ରାର୍ଥକ୍ୟ ଏବଂ କିପରି ଏହାର ସମାଧାନ କରାଯାଇ ପାରିବ, ଜାଣନ୍ତୁ...**



*ଚାପ କ'ଣ ?*

ଚାପ ହେଉଛି ଏକ ପ୍ରାକୃତିକ ପ୍ରତିକ୍ରିୟା, ଯାହା ବିଭିନ୍ନ କାରଣରୁ ହୋଇପାରେ, ଯେପରିକି କାର୍ଯ୍ୟ, ସମ୍ପର୍କ, ଆର୍ଥିକ ଅସୁବିଧା କିମ୍ବା ଜୀବନର ପ୍ରମୁଖ ପରିବର୍ତ୍ତନ। ଯେତେବେଳେ ଆମେ ଚାପର ସମ୍ମୁଖୀନ ହୋଇଥାଉ, ଏହା ଶାରୀରିକ ଏବଂ ମାନସିକ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ଏହି ପ୍ରତିକ୍ରିୟାଗୁଡ଼ିକ ଟେନସନ, ଚିନ୍ତା, କିମ୍ବା ଅତ୍ୟଧିକ ଭାବନା ପରି ଦେଖାଯାଏ।

ଚାପଗ୍ରସ୍ତ ହେଲେ ଶରୀର କର୍ଟିସୋଲ ଏବଂ ଆଡ୍ରେନାଲିନ୍ ପରି ହରମୋନ ମୁକ୍ତ କରିଥାଏ। ଏହି ହରମୋନ ହୃଦସ୍ପନ୍ଦନ ଏବଂ ରକ୍ତଚାପ ବୃଦ୍ଧିକରେ, ଫଳରେ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ।

ଆପୋଲୋ ହସ୍ପିଟାଲ ପ୍ରକାଶ କରିଥିବା ଏକ ରିପୋର୍ଟ ଅନୁସାରେ, ପ୍ରତି ୧୧,୦୦୦ ଲୋକଙ୍କ ମଧ୍ୟରୁ ପ୍ରାୟ ୮୦% ଲୋକ କ୍ରନିକ୍ ଚାପରେ ପୀଡ଼ିତ। ଏହି ରିପୋର୍ଟରେ କୁହାଯାଇଛି ଯେ, ଉଚ୍ଚ ରକ୍ତଚାପ ଏବଂ ମଧୁମେହ ପରି ଅଣସଂକ୍ରାମକ ରୋଗ (ଘଉଉଷ୍) ସହ ଚାପର ସିଧାସଳଖ ଲିଙ୍କ ରହିପାରେ। ବାସ୍ତବରେ, ଏହା ଉଚ୍ଚ ରକ୍ତଚାପ ଏବଂ ମଧୁମେହ ରୋଗକୁ ୧.୩ରୁ ୨ ଗୁଣ ବଢ଼ାଇଥାଏ।

*କେଉଁ କାରଣର ଆମେ ଅଧିକ ଅଧିକ ଚାପଗ୍ରସ୍ତ ?*

ବିଶେଷଜ୍ଞଙ୍କ କହିବା ଅନୁସାରେ, ଚାପର ବିଭିନ୍ନ କାରଣ ମଧ୍ୟରୁ ମୁଖ୍ୟ କାରଣ ହେଉଛି ଏକାଡେମିକ୍ ଚାପ, ଆର୍ଥିକ ଚିନ୍ତା ଏବଂ କ୍ୟାରିୟର ଅନିଶ୍ଚିତତା। ଅନ୍ୟାନ୍ୟ ଚିନ୍ତା, ଯାହା ଯୁବପିଢ଼ିଙ୍କୁ ରୋଗ ବିପଦରେ ପକାଇଥାଏ ତାହା ହେଉଛି ସୋଶାଲ ମିଡିଆରେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରିବା ଏବଂ ଜୀବନ ସାଥୀ ଓ ପରିବାର ସମସ୍ୟା।

ଅଧିକାଂଶ ଲୋକ ଭାବନ୍ତି ଯେ, ଚାପଗ୍ରସ୍ତର ଅର୍ଥ ମସ୍ତିଷ୍କ ଉପରେ ପ୍ରଭାବ ପଡିବା। ବାସ୍ତବରେ ଏହା ନୁହେଁ, ଚାପ ସମଗ୍ର ଶରୀରକୁ ପ୍ରଭାବିତ କରିପାରେ। ନିୟମିତ ଭାବେ କର୍ଟିସୋଲ ହରମୋନ ରିଲିଜ୍ ହେଲେ ସ୍ୱାସ୍ଥ୍ୟ ଉପରେ ଏହାର ଗମ୍ଭୀର ପ୍ରଭାବ ପଡେ। କର୍ଟିସୋଲ କାରରୁ ଶରୀରରେ ଚର୍ବି ଜମାଟ(ବିଶେଷ କରି ପେଟ), ଓଜନ ବୃଦ୍ଧି, ଇନସୁଲିନ୍ ପ୍ରତିରୋଧ, ମେଟାବୋଲିକ୍ ଡିସଫଙ୍କସନ, ମଧୁମେହ ଏବଂ ଉଚ୍ଚ ରକ୍ତଚାପର ଆଶଙ୍କା ବଢ଼ିଥାଏ। ଏହି ହରମୋନ କାରଣରୁ ମଧ ଠିକ୍ ନିଦ ହୋଇନଥାଏ।

*ମହିଳା ଓ ଚାପ*

୨୦୨୪ ଆପୋଲୋ ହସ୍ପିଟାଲ୍ ରିପୋର୍ଟ ଅନୁଯାୟୀ, ମହିଳାମାନେ ହିଁ ଅଧିକ ଚାପଗ୍ରସ୍ତ ହୁଅନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞ ଦର୍ଶାଇଛନ୍ତି ଯେ, ଜୈବିକ, ମାନସିକ ଏବଂ ସାମାଜିକ କାରଣଗୁଡ଼ିକ ଏଥିପାଇଁ ମୁଖ୍ୟତଃ ଭାବେ ଦାୟୀ। ମହିଳାଙ୍କ ଶରୀରରୁ ରିଲିଜ୍ ହେଉଥିବା ଇଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରନ୍ ହରମୋନ ଚାପର ପ୍ରତିକ୍ରିୟାକୁ ପ୍ରଭାବିତ କରିପାରେ। ଅଧ୍ୟୟନରୁ ଜଣାପଡିଛି ଯେ, ମାସିକ ଋତୁଚକ୍ର, ଗର୍ଭାବସ୍ଥା ଏବଂ ମେନୋପଜ୍ ସମୟରେ ଏହି ହରମୋନଗୁଡ଼ିକର ପରିବର୍ତ୍ତନ କାରଣରୁ ମହିଳାମାନେ ଅଧିକ ଚାପଗ୍ରସ୍ତ ହୋଇପାରନ୍ତି। ଅନୁସନ୍ଧାନରୁ ଆହୁରି ଜଣାଯାଇଛି ଯେ, ଚାପ ସମୟରେ ମହିଳା ଏବଂ ପୁରୁଷଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖାଯାଏ।

*ସମାଧାନ କ'ଣ ?*

ବିଶେଷଜ୍ଞଙ୍କ କହିବା ଅନୁସାରେ, ନିୟମିତ ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ ହେବା ଏବଂ ପୋଷକତତ୍ତ୍ୱରେ ଭରପୂର ସନ୍ତୁଳିତ ଖାଦ୍ୟ ବଜାୟ ରଖିବା ଦ୍ୱାରା ଚାପରୁ ମୁକ୍ତି ମିଳିପାରିବ। ଶାରୀରିକ ବ୍ୟାୟାମ ଫଳରେ ଏଣ୍ଡୋରଫିନ ରିଲିଜ୍ ହୋଇଥାଏ। ଏହି ହରମୋନ ମନୋବଳକୁ ଦୃଢ଼ କରିବା ସହ ସୁସ୍ଥତା ବଜାୟ ରଖିଥାଏ। କେତେକ ଖାଦ୍ୟ ଅଛି, ଯେପରିକି ଓମେଗା-୩ ଫ୍ୟାଟି ଏସିଡ୍ ଚାପ ହରମୋନ ଉତ୍ପାଦନକୁ ହ୍ରାସ କରିପାରେ। ଏହା ବ୍ୟତୀତ, ପ୍ରିୟଜନଙ୍କ ସହ ବାର୍ତ୍ତାଳପ, ବନ୍ଧୁମାନଙ୍କ ସହ ସମୟ ବିତାଇବା ଏବଂ ସଙ୍ଗୀତ ସାହାଯ୍ୟରେ ମଧ୍ୟ ଚାପକୁ ଦୂର କରାଯାଇ ପାରିବ।

# ଘରେ କରନ୍ତୁ ରେଷ୍ଟୁରାଣ୍ଟ ଷ୍ଟାଇଲର ମଲାଇ ମସରୁମ ମସାଲା

ଆବଶ୍ୟକ ସାମଗ୍ରୀ: ମସରୁମ, ରିଫାଇନ ତେଲ, ଜିରା,ଗୁଜରାତି, ଡାଲିଚିନି, ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ଗୁଣ୍ଡ, ଟମାଟୋ, କାଜୁ, ଫ୍ରେଶ୍ ମଲାଇ, କସ୍ତୁରୀ ମେଥି, ଧନିଆ ପତ୍ର



ପ୍ରସ୍ତୁତି ପ୍ରଣାଳୀ: ଏକ ପ୍ୟାନ୍ ରେ ରିଫାଇନ ତେଲ ଗରମ କରି ଜିରା ପକାନ୍ତୁ। ଏହାପରେ ସେଥିରେ ଗୁଜରାତି, ଡାଲିଚିନି ପକାଇ ପିଆଜ ପକାନ୍ତୁ। ପିଆଜ ଗୋଲଡେନ ଫ୍ରାଏ ହେବା ପରେ ସେଥିରେ ଅଦା ରସୁଣ ଓ କଞ୍ଚାଲଙ୍କା ପେଷ୍ଟ ପକାନ୍ତୁ। ଏହାକୁ ଭଲ ଭାବେ କଷନ୍ତୁ। ଏହାପରେ ସେଥିରେ ଲୁଣ, ହଳଦି, ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ଗୁଣ୍ଡ ପକାନ୍ତୁ। ଅଳ୍ପ ପାଣି ଦେଇ ମସଲାକୁ ଭଲ ଭାବେ ଘାଣ୍ଟନ୍ତୁ। ଏହାପରେ ସେଥିରେ ଟମାଟୋ କଟା ପକାନ୍ତୁ। ସେଥିରେ ଲୁଣ ପକାଇ ଘୋଡ଼ାଇ ଦିଅନ୍ତୁ। ଟମାଟୋ ଭଲ ଭାବେ ସିଝିଯିବା ପରେ ଗ୍ୟାସ୍‌କୁ ସ୍ଲୋ କରି ସେଥିରେ ଦହି ପକାଇ ଫେଣ୍ଟନ୍ତୁ। ଦହି ଭଲ ଭାବେ ମିଶିଯିବା ପରେ ସେଥିରେ କାଜୁ ପେଷ୍ଟ ଓ ଫ୍ରେଶ୍ ମଲାଇ ପକାନ୍ତୁ। ଏହା ଭଲ ଭାବେ କଷି ଯିବା ପରେ ମସରୁମ୍‌କୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ସେଥିରେ ଆବଶ୍ୟକ ଅନୁଯାୟୀ ଲୁଣ ପକାଇ ଗ୍ୟାସ୍‌କୁ ସିମ୍ କରି ଦିଅନ୍ତୁ। ପ୍ରାୟ ୧୦ ମିନିଟ୍ ପରେ ଢାଙ୍କୁଣି କାଢ଼ି ତାହାକୁ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ କସ୍ତୁରୀ ମେଥି, ଧନିଆ ପତ୍ର, ପକାଇ ପ୍ଲେଟରେ ସର୍ଭ କରନ୍ତୁ ମସରୁମ୍ ମସାଲା । ଗରମାଗରମ ରୁଟିଇ ସହ ଏହାର ମଜା ନିଅନ୍ତୁ।

# ଜୀବନ ପ୍ରତି ବିପଦ ବ୍ଲଡ ସୁଗାର୍‌ର ଏହି ସ୍ତର: ଜାଣନ୍ତୁ ନିଜକୁ ବଂଚାଇବାର ଉପାୟ

ଆଜିକାଲି ଡାଇବେଟିସ୍ ବା ମଧୁମେହ ରୋଗକୁ ସାଧାରଣ ରୋଗ ଭାବରେ ବିବେଚନା କରାଯାଏ । ବୟସ୍କ ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ ଲୋକେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ତେବେ ଶରୀରରେ ବ୍ଲଡ ସୁଗାର ଅର୍ଥାତ୍ ରକ୍ତରେ ଗ୍ଲୁକୋଜର ମାତ୍ରା କମ ବେଶି କାରଣରୁ ଜଣେ ବ୍ୟକ୍ତି ଡାଇବେଟିସ୍ ରୋଗରେ ଆକ୍ରାନ୍ତ ହୋଇଥାଏ । ଯାହାଫଳରେ ଏହାକୁ ନିୟନ୍ତ୍ରଣରେ ରଖିବା ରୋଗୀ ପାଇଁ ନିତ୍ୟାନ୍ତ ଜରୁରୀ ହୋଇଥାଏ । ନେଚେତ୍ ଏହି ବ୍ଲଡ ସୁଗାରର ସ୍ତର କମ୍ ବେଶି କାରଣରୁ ରୋଗୀର ଜୀବନ ମଧ ଯାଇପାରେ । ତେବେ ଆମେ ଆଜି ଆପଣଙ୍କୁ କହିବୁ ଶରୀରରେ ବ୍ଲଡ ସୁଗାରର




କେଉଁ ସ୍ତର ଆପଣଙ୍କ ଜୀବନ ପ୍ରତି ବିପଦ ଆଣିପାରେ । ଯାହାଫଳରେ ଜଣେ ରୋଗୀର ମୃତ୍ୟୁ ମଧ ହେବାରେ ସମ୍ଭାବନା ଥାଏ ।

ବ୍ଲଡସୁଗାର ଏହି ସ୍ତର ଜୀବନ ପ୍ରତି ଆଣିପାରେ ବିପଦ: ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଶରୀରରେ ବାରମ୍ବାର ବ୍ଲଡସୁଗାରର ସ୍ତର ପରିବର୍ତ୍ତନ ଜଣେ ମଧୁମେହ ରୋଗିର ଜୀବନ ପ୍ରତି ବିପଦ ସୃଷ୍ଟି କରେ । ତେବେ ଶରୀରରେ ଯଦି ବ୍ଲଡସୁଗାରର ସ୍ତର ୧୨୫ mg/ DL ଠାରୁ ଅଧିକ ରୁହେ ତେବେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ । ଫଳରେ ଜଣେ ରୋଗୀର ଜୀବନ ଯିବାର ମଧ ଭୟ ଥାଏ । କାରଣ ବ୍ଲଡ ସୁଗାର ଅର୍ଥାତ୍ ରକ୍ତରେ ଗ୍ଲୁକୋଜର ମାତ୍ରା ବଢ଼ିବା ଦ୍ୱାରା ଏହା ଶରୀରରେ ଇନସୁଲିନ୍‌କୁ କମାଇ ଦିଏ । ଫଳରେ ଚିନ୍ତା ବଢ଼ିବା ସହ, ହରମୋନାଲ ଚେଞ୍ଜ ଏବଂ ନିଦରେ ଅଭାବ ହୋଇଥାଏ । ଯାହାକି ଜଣେ ଡାଇବେଟିସ ରୋଗୀ ପାଇଁ ବିପଜ୍ଜନକ ହୋଇଥାଏ ।

ସେହିପରି ଯଦି ରକ୍ତରେ ଗ୍ଲୁକୋଜର ସ୍ତର କମିଯାଏ ଏହା ମଧ ଜଣେ ରୋଗୀପାଇଁ କ୍ଷତିକାରକ ହୋଇଥାଏ । ଫଳରେ ରୋଗୀଠାରେ ଚିଡିଚିଡାପଣ, କହିବାରେ ଅସୁବିଧା, ମୁଣ୍ଡ ବୁଲାଇଦେବା ପରି ଲକ୍ଷଣ ଦେଖା ଦେଇଥାଏ । ଯାହାକି ଜଣେ ରୋଗୀକୁ ବିପଦରେ ପକାଇଥାଏ । ତେଣୁ ଶରୀରେର ବ୍ଲଡ ସୁଗାରର ସ୍ତର ୪୦ mg/ DLରୁ କମ୍ ରହିବା ଅନୁଚିତ୍।

**କିପରି ବର୍ତ୍ତିବେ:**

୧-ଶରୀରରେ ବ୍ଲଡ ସୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଜର ଡେଲି ରୁଟିନ୍ ଏବଂ ଖାଦ୍ୟ ପେୟ ଉପରେ ଧ୍ୟାନ ଦିଅନ୍ତୁ । ଏପରି ଖାଦ୍ୟ ସେବନ କରନ୍ତୁ ଯେଉଁଥିରେ କାର୍ବୋହାଇଡ୍ରେଡର ସ୍ତର କେତେ ମାତ୍ରାରେ ରହିଛି ତାହା ଆପଣଙ୍କୁ ଜଣାଥିବ ।

୨- ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ସେବନ କରନ୍ତୁ ।

୩- ଯଥେଷ୍ଟ ପରିମାଣର ଶୁଅନ୍ତୁ । କାରଣ ଶୋଇବା ଦ୍ୱାରା ଶରୀର ସୁସ୍ଥ ରୁହେ ଏବଂ ରକ୍ତରେ ଇନସୁଲିନ୍ ସ୍ତର ମଧ ନିୟନ୍ତ୍ରଣରେ ରୁହେ ।

# ଗର୍ଭରେ କ'ଣ ନିର୍ଦ୍ଧାରିତ ହୁଏ ମଣିଷର ଭାଗ୍ୟ ? ଜାଣନ୍ତୁ ଜନ୍ମ ସହ ଜଡ଼ିତ ଏହି ରହସ୍ୟ

*ସଂସାରରେ ଜନ୍ମ ନେଉଛ ମାନେ ମୃତ୍ୟୁ ସୁନିଶ୍ଚିତ । ଏହା ଜୀବନର ଏକ ଅପ୍ରିୟ ସତ୍ୟ । ମୃତ୍ୟୁ ପରେ ମଣିଷର କର୍ମ ସ୍ଥିର କରିଥାଏ କି ତାଙ୍କୁ ସ୍ୱର୍ଗ ପ୍ରାପ୍ତି ହେବ ନା ନର୍କ ଭୋଗିବାକୁ ପଡ଼ିବ । ଜନ୍ମ ପରେ ମଣିଷ ଜୀବନରେ ଅନେକ ଭଲ ଓ ଖରାପ ଘଟଣଶ ଘଟିଥାଏ । ଭଲ ଘଟଣା ଯୋଗୁଁ ମଣିଷ ନିଜ ଭାଗ୍ୟକୁ ପ୍ରଶଂସା କରେ ତ' ଖରାପ ଘଟଣା ପାଇଁ ନିଜ ଭାଗ୍ୟକୁ ନିନ୍ଦା କରେ । ଏବେ ଏପରି ପ୍ରଶ୍ନ ମନକୁ ଆସେ କି, ମଣିଷର ଜନ୍ମ ପୂର୍ବରୁ ଭାଗ୍ୟର ହିସାବ-କିତାବ ସ୍ଥିର ହୁଏ ନା ଜନ୍ମ ପରେ ନିର୍ଦ୍ଧାରିତ ହୁଏ । ଜାଣନ୍ତୁ ଏହାର ଉତ୍ତର...*

**କେବେ ନିର୍ଦ୍ଧାରିତ ହୁଏ ମଣିଷର ଭାଗ୍ୟ ?**

ପଣ୍ଡିତ ଇନ୍ଦ୍ରମଣି ଘନଶ୍ୟାଲ କହିଛନ୍ତି ଯେ, ଜୀବନର ସଙ୍କଟକୁ ଦୂର କରିବା ପାଇଁ ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିଶାସ୍ତ୍ରରେ ଶହ ଶହ ନୀତି ବିଷୟରେ ବର୍ଣ୍ଣନା କରିଛନ୍ତି । ଆଚାର୍ଯ୍ୟ ଚାଣକ୍ୟଙ୍କ ମତରେ, ଯେକୌଣସି ମଣିଷର ଭାଗ୍ୟର ୫ଟି ଜିନିଷ ମା' ଗର୍ଭରେ ସ୍ଥିର ହୋଇଯାଏ । ଏହାକୁ କେହି ବଦଳାଇପାରିବେ ନାହିଁ ।

ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, 'ବୟସ, କର୍ମ, ଧନ-ସମ୍ପତ୍ତି, ଶିକ୍ଷା ଏବଂ ମୃତ୍ୟୁ' ଏହି ୫ଟି ଜିନିଷ ମାତୃ ଗର୍ଭରେ ଥିବା ସମୟରେ ତାଙ୍କ ଭାଗ୍ୟରେ ଲେଖା ଯାଇଥାଏ । ଜୀବନସାରା ଏହାକୁ କେହି ବଦଳାଇ ପାରିବେ ନାହିଁ । ଯାହାରେ ଯେତେ ବୟସ ଥିବ, ସେ ସେତିକି ବର୍ଷ ହିଁ ବଞ୍ଚିବ ।



**ମନୁଷ୍ୟର ଲକ୍ଷ୍ୟ କ'ଣ ?**

ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଜଣେ ବ୍ୟକ୍ତି ନିଜ ଜୀବନରେ ଧର୍ମର ମାର୍ଗ ଅନୁସରଣ କରି ଜ୍ଞାନ ଏବଂ ଧନ ଅର୍ଜନ କରିବା ଉଚିତ । ଯାହା ଫଳରେ ସମାଜରେ ସେହି ବ୍ୟକ୍ତିର ସମ୍ମାନ ରହିବ । ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଜଣେ ବ୍ୟକ୍ତି ଜନ୍ମ ପରେ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଏହି ୪ଟି ଜିନିଷ ହାସଲ କରିବା ଉଚିତ୍ । ଧର୍ମର କାମ କରି ବ୍ୟକ୍ତିଙ୍କୁ ଧନ-ସମ୍ପତ୍ତି ପ୍ରାପ୍ତ କରିବା ଉଚିତ୍ । ଏହା ପରେ ବିବାହ କରି ନିଜର ଗୃହସ୍ଥ ଜୀବନ ଆରମ୍ଭ କରିବା ଉଚିତ୍ । ଶେଷରେ ମୋକ୍ଷ ପାଇବା ପାଇଁ ଭଗବାନଙ୍କୁ ସ୍ମରଣ ଓ ଭଲ କାମ କରିବା ଉଚିତ୍ । ଏହିପରି ଭାବେ କୌଣସି ମଣିଷର ଭାଗ୍ୟ ତାଙ୍କ ଜନ୍ମ ପୂର୍ବରୁ ହିଁ ସ୍ଥିର ହୋଇଥାଏ ।

## ଅତ୍ୟଧିକ ଚା' ଓ ଦାନ୍ତ କ୍ଷୟ

ମନକୁ ଟିକେ ହାଲକା କରିବା ପାଇଁ ଅମେ ଚା' କିମ୍ବା କଫି ପିଇଥାଉ । କିନ୍ତୁ ଏହା ଯଦି ଅଭ୍ୟାସରେ ପରିଣତ ହୁଏ ଏବଂ ଜଣେ ବ୍ୟକ୍ତି ଦିନକୁ ଅଧିକ ଥର ଚା' ପିଅନ୍ତି ତେବେ ତାହାର ପ୍ରଭାବ ଦାନ୍ତ ଉପରେ ପଡ଼ିଥାଏ । ଆବଶ୍ୟକତାଠାରୁ ପ୍ରତିଦିନ ଅଧିକ ଥର ଚା' ପିଇଲେ ଦାନ୍ତ କ୍ଷୟ ହେବା ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି ବୈଜ୍ଞାନିକମାନେ । ପ୍ରତିଦିନ ଅତିକମ୍‌ରେ ୧୦/୧୨ଥର ଚା'ପିଇଲେ ତାହାର ପ୍ରଭାବ କେବଳ ଦାନ୍ତ ନୁହେଁ ଅସ୍ଥି ଉପରେ ମଧ୍ୟ ପଡ଼ିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



# ଏହି ସବୁ ଖାଦ୍ୟ ଦୈନିକ ଖାଆନ୍ତୁ ନାହିଁ: ଅନେକ ଅସୁବିଧାର ହୋଇପାରନ୍ତି ସମ୍ମୁଖୀନ

**ଶରୀରର ହାଡ଼କୁ ମଜଭୁତ ରଖିବା ପାଇଁ ଆମକୁ କ୍ୟାଲସିୟମ୍ ଓ ଭିଟାମିନ୍ ଡି'ର ଖୁବ୍ ଆବଶ୍ୟକତା ରହିଛି । କିନ୍ତୁ ଦିନ ସାରା ଆମେ ବହୁ ଏମିତି ଖାଦ୍ୟ ଖାଇଥାଉ ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ । ସେହି ସବୁ ଖାଦ୍ୟ ସଂପର୍କରେ ନିମ୍ନରେ ଉଲ୍ଲେଖ କରାଯାଇଛି ।**

ନମ୍କିନ୍ (ଖଟାମିଠା), ଚିପ୍ସ୍ ଭଳି ସ୍ନାକ୍ସରେ ସୋଡିୟମର ମାତ୍ରା ବହୁ ଅଧିକ ଥାଏ। ଏହାକୁ ଅଧିକ ଖାଇଲେ ଶରୀରର କ୍ୟାଲସିୟମ୍ ମୂତ୍ରାଶୟରୁ ବାହାରକୁ ପଳାଇ ଯାଇଥାଏ, ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ। ଚିନିଜାତୀୟ ଖାଦ୍ୟ ଓ ପାନୀୟରେ ଫସଫରିକ୍ ଏସିଡ୍ ଭଳି ରାସାୟନିକ ପଦାର୍ଥ ବହୁ ମାତ୍ରାରେ ଥାଏ। ଏହାକୁ ଅଧିକ ମାତ୍ରାରେ ଖାଇଲେ ହାଡ଼ ଦୁର୍ବଳ ହୋଇଯାଏ। ଏମିତିରେ ହାଡ଼ ଭାଙ୍ଗିବା ସମସ୍ୟା ବଢ଼ିପାରେ। ପ୍ୟାକେଟରେ ଆସୁଥିବା ତିଆରି ହୋଇଥିବା ଖାଦ୍ୟରେ ସୋଡିୟମର ମାତ୍ରା ଅଧିକ ରହିଥାଏ। ଏହା ଶରୀରରେ କ୍ୟାଲସିୟମ୍‌ର ମାତ୍ରା କମ୍ କରିଥାଏ। ଏହା ଯୋଗୁ ହାଡ଼ ଦୁର୍ବଳ ହୋଇଥାଏ। ବର୍ଗର, ପିଜା, ପାସ୍ତା ଆଦି ଜଙ୍କ୍ ଫୁଡ୍‌ରେ ସୋଡିୟମ୍ ଅନେକ ମାତ୍ରାରେ ଥାଏ। ଏହା ମଧ ଶରୀରରେ କ୍ୟାଲ୍ସିୟମ୍‌ର ମାତ୍ରାକୁ କମ୍ କରିଥାଏ, ଯାହାଦ୍ୱାରା ହାଡ଼ ଦୁର୍ବଳ ହୋଇଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୁରକ୍ଷାର ଆହ୍ୱାନ

ପ୍ରଯୁକ୍ତିବିଦ୍ୟାର ପ୍ରସାର ଯୋଗୁଁ ସମୟ ସହିତ ତାଳ ଦେଇ ଯେଉଁ ଦୁଇଟି ସାମଗ୍ରୀ ଆମ ଦେଶରେ ଘରେଘରେ ପହଞ୍ଚି ପାରିଛି, ସେ ଦୁଇଟି ହେଲା ଭ୍ରାମ୍ୟଭାଷ ଯନ୍ତ୍ର ଓ ସ୍ୱୟଂଚାଳିତ ଗଣକ ଯନ୍ତ୍ର କାର୍ଡ। ସ୍ମାର୍ଟଫୋନର ଉଦ୍ଭାବନ ପରେ ଭ୍ରାମ୍ୟଭାଷ କେବଳ ବାର୍ତ୍ତାଳାପର ମାଧ୍ୟମ ହୋଇ ରହିନାହିଁ, ଏହା ଅନେକ ପାରମ୍ପରିକ ଯୋଗାଯୋଗ, ମନୋରଞ୍ଜନ ଓ ଜ୍ଞାନ ଆହରଣର ସଫଳ ବିକଳ୍ପ ହୋଇଛି। ସାମାଜିକ ଉତ୍ସବାନୁଷ୍ଠାନ ପାଳନ ଇତ୍ୟାଦି କାର୍ଯ୍ୟକ୍ରମର ନିମନ୍ତ୍ରଣ ପତ୍ର ଆଜିକାଲି ଭ୍ରାମ୍ୟଭାଷ ମାଧ୍ୟମରେ ପ୍ରଦାନ କରାଯାଉଛି। ପୋଷ୍ଟକାର୍ଡ, ଅନ୍ତର୍ଦେଶୀୟ ପତ୍ର ଭଳି ଚିଠିର ସ୍ଥାନ କ୍ଷୁଦ୍ର ବାର୍ତ୍ତା ସେବା , ବୈଦ୍ୟୁତିକ ଡାକ ନେଇ ସାରିଛି। ଦୂରଦର୍ଶନ ସ୍ଥାନରେ 'ୟୁ-ଟ୍ୟୁବ' ଓ କ୍ଷୁଦ୍ର ଚଳଚ୍ଚିତ୍ର ହାତ ପାଆନ୍ତାରେ ମିଳିପାରୁଛି। ଶ୍ରେଣୀଗୃହ ବିଦ୍ୟାଦାନର ସ୍ଥାନ ୟୁ-ଟ୍ୟୁବ ଓ ଅନଲାଇନ୍ ଆପ୍ ସଗୁଡ଼ିକ ନେବାରେ ଲାଗିଛନ୍ତି। ଭୌତିକ ବୈଠକ ଓ ସମ୍ମାନର ସ୍ଥାନ ଗୁଗୁଲ ମିଟ, ଜୁମ ଟିମ ଭଳି ଆପ୍‌ସଗୁଡ଼ିକ ନେଇ ସାରିଲେଣି। ଏସବୁ ଗତିବିଧି ଯେଉଁ ଯନ୍ତ୍ରରେ ସମ୍ପାଦିତ ହେଉଛି ସେ ଯନ୍ତ୍ରର ସବୁଠାରୁ ଭଲ ଗୁଣ ହେଲା ଏହା ବହୁଭାଷୀ। ପୃଥିବୀର ଶତାଧିକ ପ୍ରମୁଖ ଭାଷାରେ ଏହାକୁ ପରିଚାଳନା କରିହେବ। ସୁଖର କଥା ଓଡ଼ିଆ ଭାଷାରେ ମଧ ଏହାକୁ ପରିଚାଳନା କରିବାର ବ୍ୟବସ୍ଥା ରହିଛି। ଅପରପକ୍ଷରେ ଦୁଃଖର କଥା, ଏଥିରେ ଓଡ଼ିଆ ଭାଷାର ବ୍ୟବହାର କ୍ୱଚିତ୍ ଲୋକ କରୁଛନ୍ତି। ଆମର ନିତିଦିନିଆ ଜୀବନର ଉପରୋକ୍ତ କାର୍ଯ୍ୟକଳାପଗୁଡ଼ିକ ଯଦି ଓଡ଼ିଆରେ ଆମେ ନ କରିବା, ତେବେ କ'ଣ ଏହି ସୁବିଧା ଆମକୁ ସବୁଦିନ ମିଳୁଥିବ ? ଯେଉଁମାନେ ବ୍ୟକ୍ତିଗତ ଗୋପନୀୟତାର ଦ୍ୱାହି ଦେଇ ସରକାରଙ୍କ କେତେକ ଲୋକାଭିମୁଖୀ ଯୋଜନାକୁ ବିରୋଧ କରୁଥିଲେ, ସେମାନଙ୍କ ସମେତ ସମସ୍ତେ ଜାଣିରଖିବା ଉଚିତ୍ ଯେ ଆମ ସ୍ମାର୍ଟଫୋନ ଓ କମ୍ପ୍ୟୁଟରରେ ଆମେ ଯାହାଯାହା କରୁଛେ, ଯାହା ରଖୁଛେ, ଦେଖୁଛେ ଓ ଖୋଜୁଛେ, ସେ ସବୁର ଟିକିନିଖି ତଥ୍ୟ ଗୁଗୁଲ, ଆଣ୍ଡ୍ରଏଡ୍, ଆପଲ୍, ମାଇକ୍ରୋସଫ୍ଟ ପରି ପ୍ରମୁଖ ସଫ୍ଟୱେୟାର ସଂସ୍ଥାଙ୍କ ପାଖରେ ରହିଛି। ମୋବାଇଲ୍ ଫୋନ୍ ନିର୍ମାତା ତଥା ଆଣ୍ଡ୍ରଏଡ୍ ଭଳି ପରିଚାଳନା ବ୍ୟବସ୍ଥା ନିର୍ମାତାମାନେ ମୋବାଇଲ୍ ଫୋନ୍ ଓ କମ୍ପ୍ୟୁଟରଗୁଡ଼ିକର ପରିଚାଳନା ପାଇଁ ଭାଷାର ଚୟନ କଲାବେଳେ ପ୍ରାରମ୍ଭିକ ଅବସ୍ଥାରେ ପୃଥିବୀର ବହୁଳ କଥିତ ଭାଷାଗୁଡ଼ିକୁ ବାଛିଥା'ନ୍ତି। ସମୟକ୍ରମେ ପରିସଂଖ୍ୟାନରୁ ଯେଉଁ ଭାଷାର ବ୍ୟବହାର କମ୍ ହେଉଥିବାର ଜଣାପଡ଼ିବ, ପରବର୍ତ୍ତୀ ସମୟରେ ସେହି ଭାଷାଗୁଡିକୁ ବାଦ୍ ଦିଅନ୍ତି। କହିବା ବାହୁଲ୍ୟ ଯେ ଓଡ଼ିଆ ଭାଷା ମଧ ଏହି ସ୍ୱଳ୍ପ ବ୍ୟବହାର୍ଯ୍ୟ ଭାଷା ତାଲିକାରେ ଆସୁଛି। ଉପରୋକ୍ତ ଯୁକ୍ତିକୁ ସମର୍ଥନ କରୁଥିବା ଉଦାହରଣଟିଏ ଦେଖିବା। ଯେଉଁମାନେ ୧୫/୨୦ ବର୍ଷ ହେଲା ଏଟିଏମ୍ କାର୍ଡ ବ୍ୟବହାର କଲେଣି ସେମାନେ ଲକ୍ଷ୍ୟ କରିଥିବେ ପ୍ରାୟ ବ୍ୟାଙ୍କର ଏଟିଏମ୍ କେନ୍ଦ୍ରର ନାମଫଳକ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ଲେଖା ଯାଉଥିଲା। ଧୀରେ ଧୀରେ ସେଥିରୁ ଓଡ଼ିଆ ଭାଷା ଉଚ୍ଛେଦ ହେଲା। କୌଣସି ପ୍ରତିବାଦ ହେଲା ନାହିଁ। ପ୍ରାୟ ସମସ୍ତ ବ୍ୟାଙ୍କର ଏଟିଏମ୍ ବ୍ୟବହାର କଲାବେଳେ ପରିଚାଳନା ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷା ମଧ୍ୟରୁ ଗୋଟାକର ମନୋନୟନ ପାଇଁ ବିକଳ୍ପ ରହୁଥିଲା। ଏହି ଭାଷା ତାଲିକାରୁ ଧୀରେଧୀରେ ଓଡ଼ିଆ କଟିବାରେ ଲାଗିଛି। ଯେଉଁ କେତୋଟି ଏଟିଏମ୍‌ରେ ଓଡ଼ିଆ ଭାଷା ମନୋନୟନର ସୁବିଧା ରହିଛି ସେଠାରେ ଓଡ଼ିଆ ବାଛିଲେ ଇଂରାଜୀ ପ୍ରଦର୍ଶିତ ହେଉଛି। ଏସବୁର ମଧ କୌଣସି ବିରୋଧ ନାହିଁ। ଅତୀତରେ ଏଟିଏମ୍‌ରେ ଓଡ଼ିଆ ବ୍ୟବହାରକାରୀଙ୍କ ସଂଖ୍ୟା ଶୂନ୍ୟସମ ରହିଥିବାରୁ ବ୍ୟାଙ୍କଗୁଡ଼ିକ ତ୍ରୁଟି ସୁଧାରିବା ବଦଳରେ ତାଲିକାରୁ ଓଡ଼ିଆକୁ ବାଦ୍ ଦେବା ଶ୍ରେୟସ୍କର ମଣୁଛନ୍ତି। ଝାଡ଼ଖଣ୍ଡରେ ଶିକ୍ଷକମାନଙ୍କ ପ୍ରଶିକ୍ଷଣରେ ଓଡ଼ିଆ ଭାଷା ଉଚ୍ଛେଦକୁ ନେଇ ଗଣମାଧ୍ୟମରେ ବେଶ୍ କିଛିଦିନ ତମ୍ବିତୋଫାନ ହେଲା। କୋଟିଆ ଗ୍ରାମପୁଞ୍ଜରେ ତେଲୁଗୁ ନାମଫଳକ ସମେତ ଆନ୍ଧ୍ରର ଅନୁପ୍ରବେଶ, ଉଦୟପୁର ବେଳାଭୂମିରେ ପଶ୍ଚିମବଙ୍ଗ ଜଳସମ୍ପଦ ବିଭାଗର ପାଚେରି ନିର୍ମାଣକୁ ନେଇ ମଧ ନିକଟ ଅତୀତରେ ଆମ ରାଜ୍ୟବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କିନ୍ତୁ ଏସବୁ ଗଣମାଧ୍ୟମ ପ୍ରଭାବରେ ସାମୟିକ ଉତ୍ତେଜନା ପରି ମନେ ହୁଏ ଏବଂ ଯେଉଁ ଓଡ଼ିଶାରେ ଓଡ଼ିଆ ଭାଷାକୁ ନେଇ ରାଜ୍ୟବାସୀଙ୍କର କୌଣସି ମମତା ନାହିଁ, ସ୍ୱାଭିମାନ ନାହିଁ, ସେଇଠି ପଡ଼ୋଶୀ ରାଜ୍ୟରେ ଓଡ଼ିଆ ଭାଷାର ସ୍ଥିତିକୁ ନେଇ ଚିନ୍ତାପ୍ରକଟ କରିବା କେବଳ ଆତ୍ମପ୍ରଚାର ଛଡ଼ା ଆଉ କ'ଣ ହୋଇପାରେ ? ଯେ ପର୍ଯ୍ୟନ୍ତ ଓଡ଼ିଶାବାସୀ ନିଜେ ନିଜ ଭାଷାକୁ ବ୍ୟବହାର ନକରିବେ, ନିଜ ରାଜ୍ୟରେ ଓଡ଼ିଆର ବ୍ୟବହାର ବହୁଳ ଭାବେ ନ କରିବେ; ସେ ପର୍ଯ୍ୟନ୍ତ ଅନ୍ୟ ରାଜ୍ୟରେ, ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ସ୍ଥିତିକୁ ନେଇ ଚିନ୍ତା କରିବାର କୌଣସି ମୂଲ୍ୟ ରହିବ ନାହିଁ। ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ରହିଥିବା ସମସ୍ତ ୨୨ଟି ଭାଷାର ସାମ୍ବିଧାନିକ ସ୍ଥିତି ସମାନ। ଓଡ଼ିଆ, ହିନ୍ଦୀ, ଇଂରାଜୀ ସମସ୍ତେ ଗୋଟିଏ ଧାଡ଼ିରେ ବସିଛନ୍ତି। ତେଣୁ ଯେଉଁଠି ଇଂରାଜୀ ଓ ହିନ୍ଦୀ ବ୍ୟବହାର ହେଉଛି, ସେଇଠି ଓଡ଼ିଆର ବ୍ୟବହାର ହୋଇପାରିବ। ବ୍ୟାଙ୍କ, ଡାକଘର ଟଙ୍କା ଜମା କରିବା, ଉଠାଇବା, ଡିମାଣ୍ଡ ଡ୍ରାଫ୍ଟ କରିବା ଏବଂ ରେଳ ଟିକଟ ସଂରକ୍ଷଣ ପତ୍ର ଆଦିରେ ଓଡ଼ିଶାବାସୀ ଇଂରାଜୀ ବଦଳରେ ଓଡ଼ିଆରେ ପୂରଣ କରିପାରିବେ। ଏସବୁ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ପତ୍ରଗୁଡ଼ିକ ଆଗରୁ ଉଭୟ ଓଡ଼ିଆ ଓ ହିନ୍ଦୀ କିମ୍ବା ଓଡ଼ିଆ ଓ ଇଂରାଜୀରେ ମୁଦ୍ରିତ ହେଉଥିଲା; ମାତ୍ର ଓଡ଼ିଆର ବ୍ୟବହାର କେହି ନ କରିବାରୁ କ୍ରମଶଃ ଏସବୁ ଏବେ କେବଳ ଇଂରାଜୀ କିମ୍ବା ହିନ୍ଦୀରେ ମୁଦ୍ରଣ କରାଯାଉଛି। ନିଜର ଦୈନନ୍ଦିନ ଜୀବନରେ ଯେଉଁଠି ସୁଯୋଗ ମିଳୁଛି, ସେଇଠି ଆମେ ଓଡ଼ିଆର ବ୍ୟବହାର କରିବା। ନିଜ ନିଜ ମଧ୍ୟରେ କଥାବାର୍ତ୍ତା, ଚିଠି, ଇ-ମେଲ, ଏସ୍‌ଏସ୍‌ଏସ୍ ସବୁ ଓଡ଼ିଆରେ ହୋଇପାରିବ।

# ଆମେ ନୋହୁଁ ଅକ୍ଷମ



**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଆଜି ବିଶ୍ୱ ଭିନ୍ନକ୍ଷମ (ଦିବ୍ୟାଙ୍ଗ) ଦିବସ । ସମାଜରେ ଭିନ୍ନକ୍ଷମ ମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରି ସେମାନଙ୍କ ସୃଜନଶୀଳତା ଓ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ସ୍ମୃତି ଚାରଣ ଦିବସଟିଏ ହେଉଛି ଆଜି । ସମଗ୍ର ବିଶ୍ୱରେ ପ୍ରାୟ ୧କୋଟିରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଅଛନ୍ତି, ଯେଉଁମାନେ ସମାଜର ବିଭିନ୍ନ ମହତ୍ୱପୂର୍ଣ୍ଣ କ୍ଷେତ୍ରରେ ସାମିଲ ହେବାକୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଲୋକଙ୍କ ଭଳି ସେମାନେ ସମାଜର ସୁଖ ସୁବିଧା ଉପଭୋଗ କରିପାରୁ ନାହାନ୍ତି। ଗମନାଗମନ, ଚାକିରି, ଶିକ୍ଷା ସହିତ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସେମାନେ ଭାଗ ନେଇପାରୁନାହାନ୍ତି। ଏକ ସୁସ୍ଥ ଲୋକତନ୍ତ୍ର, ସକ୍ରିୟ, ନାଗରିକ ଓ ସମାଜରେ ଅସମାନତା ଦୂର କରିବାକୁ ହେଲେ ସାର୍ବଜନୀନ ଭାବେ ଜୀବନ ବଞ୍ଚିବାର ଅଧିକାର ଅତି ଆବଶ୍ୟକ। ସମସ୍ତ ପ୍ରକାର ବାଧା ବନ୍ଧନକୁ ଦୂର କରି ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜାତିସଂଘ ଆଜିର ଦିନକୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଭାବେ ଘୋଷଣା କରିଛି। ଭିନ୍ନକ୍ଷମ ସଂସ୍ଥା, ସରକାରୀ ଓ ବେସରକାରୀ ସଂଗଠନ ଏକତ୍ରିତ ହୋଇ ଏହି ଦିନରେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଏ ଅବସରରେ ସମାଜକୁ ଭିନ୍ନକ୍ଷମ ମାନଙ୍କ ଅବଦାନକୁ ସ୍ମରଣ କରିବା ସହ ସେମାନଙ୍କୁ ପୁରସ୍କୃତ କରାଯାଏ। ପ୍ରତିବର୍ଷ ଏହି ଦିବସ ଉପଲକ୍ଷେ ଜାତିସଙ୍ଘ ପକ୍ଷରୁ ଏକ ଥିମ୍ ବା ବିଷୟ ଘୋଷଣା କରାଯାଇଥାଏ। ସବୁ ପ୍ରକାର ସାମର୍ଥ୍ୟ ଥିବା ଲୋକଙ୍କୁ ସଶକ୍ତ କରିବା ଏବଂ ସମାଜର ସମସ୍ତ ପ୍ରକାର ସୁଖ ସୁବିଧା ସେମାନଙ୍କ ନିକଟରେ ପହଞ୍ଚାଇବା।

ଆମ ମାନଙ୍କ ଆଖପାଖରେ ଦେଖାଯାଏ ସାଧାରଣତଃ ଭିନ୍ନକ୍ଷମ ମାନଙ୍କୁ ନେଇ ସମସ୍ତଙ୍କର ଏକ ଚିନ୍ତା ରହିଛି ଯେ, ସେମାନେ ସମାଜ ଉପରେ ନିର୍ଭରଶୀଳ କିନ୍ତୁ ବାସ୍ତବରେ ତାହାନୁହେଁ । ଆଜି ଭିନ୍ନକ୍ଷମମାନେ ସ୍ୱାବଲମ୍ବୀ ହୋଇ ନିଜ ଗୋଡ଼ରେ ଛିଡ଼ା ହେବା ସହ ସମାଜରେ ସେମାନେ ଅନେକ କିଛି ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଯାଉଛନ୍ତି । ସୃଜନଶୀଳତା ଠାରୁ ପ୍ରଯୁକ୍ତି ବିଜ୍ଞାନ, ପ୍ରଶାସନିକ ସେବା ଠାରୁ କ୍ରୀଡ଼ା କସରତ ସବୁ କ୍ଷେତ୍ରରେ ଭିନ୍ନକ୍ଷମ ମାନେ ନିଜର ପ୍ରତିଭାର ସ୍ୱତନ୍ତ୍ରତା ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । ସେମାନଙ୍କ ପ୍ରତିଭାର ମୂଲ୍ୟାୟନ ପାଇଁ ଆମ ସମାଜରେ ସବୁ କ୍ଷେତ୍ରରେ ସହଯୋଗର ହାତ ମଧ ଦିନକୁ ଦିନ ଲମ୍ବୁଛି ଯାହାକି ଖୁସିର ବିଷୟ । କେନ୍ଦ୍ର ସରକାରଙ୍କ ଠାରୁ ରାଜ୍ୟ ସରକାର ସମସ୍ତେ ଏହି ଭିନ୍ନକ୍ଷମମାନଙ୍କ ଥଇଥାନ ଠାରୁ ସେମାନଙ୍କର ଶିକ୍ଷା, ସଚେତନତା ସୃଷ୍ଟି କରି ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ ପାଇଁ ସୁଯୋଗ ସୃଷ୍ଟି କରାଯାଉଛି । ଭିନ୍ନକ୍ଷମ ମାନଙ୍କ ଥଇଥାନ ପାଇଁ କେନ୍ଦ୍ରସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ଭିନ୍ନ କ୍ଷେତ୍ରରେ ସେମାନଙ୍କ ପାଇଁ ଆର୍ଥିକ ସହଯୋଗ ସହଭାଗିତାର ବ୍ୟବସ୍ଥା ରଖିଛନ୍ତି କେବଳ ସେତିକି ନୁହେଁ ସେମାନଙ୍କୁ ପାଠପଢ଼ା କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ବି ରହିଛି । ଚାକିରୀ କ୍ଷେତ୍ର ହେଉ ବା ସେମାନଙ୍କ ଯାତାୟତ କ୍ଷେତ୍ରରେ ସବୁଠି ଅଗ୍ରାଧିକାର ଭିତ୍ତିରେ ସେମାନଙ୍କୁ ମନୋନୀତ କରାଯିବା ସହ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯାଉଛି । ଆଜି ସମଗ୍ର ବିଶ୍ୱରେ ସୂଚନା ପ୍ରଯୁକ୍ତି କ୍ରାନ୍ତିର ବିକାଶ ଦେଖାଇଥିବେଳେ ଭିନ୍ନକ୍ଷମମାନେ ମଧ ପଛୁଆ ନାହାଁନ୍ତି । ସେମାନେ ସମୟ ସହିତ ତାଳ ଦେଇ ଆଗକୁ ବଢ଼ିଚାଲିବାର ଉଜ୍ଜ୍ୱଳ ପ୍ରଦୀପକୁ ପ୍ରତିଭାତ କରିବାରେ ସକ୍ଷମ ହେଉଛନ୍ତି।

ଭିନ୍ନକ୍ଷମ ପ୍ରତିଭାବାନ କଳାକାରମାନେ ଆଜି ବିଭିନ୍ନ କ୍ଷେତ୍ରରେ ନିଜର କଳା ଗୌରବର ଅନିର୍ବାଣ ଦୀପଶିଖାଙ୍କୁ ସମସ୍ତଙ୍କ ପାଖରେ ପହଞ୍ଚାଇବାର ପ୍ରଚେଷ୍ଟାରେ ସାମିଲ ହୋଇଛନ୍ତି । ମୁଁ କହିବି ଭିନ୍ନକ୍ଷମଙ୍କ ପ୍ରତିଭାକୁ ବଣମଲ୍ଲୀ ପରି ବଣରୁ ସାଉଁଟି ଲୋକଲୋଚନକୁ ଥୋଇବାର ଗୁରୁଦାୟିତ୍ୱ ନେଇଛନ୍ତି ଗଣମାଧ୍ୟମ । ଖବର କାଗଜରେ ଲୋକଲୋଚନର ଉହାଡ଼ରେ ରହିଯାଇଥିବା ଭିନ୍ନକ୍ଷମଙ୍କ ପ୍ରତିଭା ଓ ସେମାନଙ୍କ ଅବହେଳା ଠାରୁ ନ୍ୟାୟ ପାଇଁ ଦାବୀର ପ୍ରସଙ୍ଗ ଖବର କାଗଜରେ ପୃଷ୍ଠା ମଣ୍ଡନ କଲାପରେ ପ୍ରଶାସନ ଚଳଚଞ୍ଚଳ ହୋଇ ଉଠୁଛି । ଯାହାଦ୍ୱାରା ସେମାନଙ୍କର ପ୍ରତିଭାର ମୂଲ୍ୟାୟନ ହୋଇପାରୁଛି । ତଥାପି ଭିନ୍ନକ୍ଷମ ମାନଙ୍କ ନ୍ୟାୟ ପାଇଁ ସଂଗ୍ରାମ ସରିନାହିଁ । ଗଣମାଧ୍ୟମରେ ଦେଖିବାକୁ ପାଉଛୁ ଏହି ଭିନ୍ନକ୍ଷମ ମାନେ ଅନେକ କ୍ଷେତ୍ରରେ ନ୍ୟାୟ ପାଉନାହାଁନ୍ତି । ନିକ୍ଷେପିତ ଓ ଅବହେଳିତ ଭାବରେ ଅନ୍ୟମାନଙ୍କ ସାମ୍ନାରେ ସେମାନେ ଯେପରି ଦୟାର ପାତ୍ର ! ଏହି ଲେଖକ ଅନେକ ଭିନ୍ନକ୍ଷମମାନଙ୍କୁ ସାମ୍ନା କରିଛି ଯେଉଁମାନଙ୍କର ଧୀ ଶକ୍ତି, ପ୍ରତିଭା, ସୃଜନଶୀଳତା, ବିଜ୍ଞତା କିଛି କମ୍ ନୁହେଁ । ସେମାନେ ଘଟଣାଚକ୍ରରେ ଭଗବାନଙ୍କ ସୃଷ୍ଟିର ବିଚାରରେ ହୁଏତ ଭିନ୍ନକ୍ଷମ ହୋଇପାରନ୍ତି କିନ୍ତୁ ବାସ୍ତବରେ ସେମାନେ ଅକ୍ଷମ ନୁହଁନ୍ତି । ଆଧ୍ୟାତ୍ମିକ ଅନୁଚିନ୍ତନରେ ଉଲ୍ଲେଖ ରହିଛି - ଏ ସମାଜରେ କେହି ବି ଜଣେ ଭିନ୍ନକ୍ଷମ ନୁହଁନ୍ତି ସମସ୍ତେ ସକ୍ଷମ ଆଉ ସମସ୍ତେ ଠାକୁରଙ୍କ ସନ୍ତାନ । ଆଜି ବିଶ୍ୱ ଭିନ୍ନକ୍ଷମ ଦିବସରେ ସମସ୍ତଙ୍କ ପାଇଁ ଶପଥର ଦିନଟିଏ ହେଉ ଆମ ମାନଙ୍କର ହାତପାହାନ୍ତାରେ ଜଣେ ବି କେହି ଭିନ୍ନକ୍ଷମ ନ୍ୟାୟରୁ ବଞ୍ଚିତ ନହୁଏ । ତାର ପ୍ରତିଭା ବଣ ମଲ୍ଲୀ ପରି ଯେପରି ବଣରେ ଝଡ଼ି ନପଡ଼େ । ତାର ସ୍ୱର, ତାର ହୃଦୟ, ତାର ଆଙ୍ଗୁଠିର ସ୍ୱାକ୍ଷର ସମସ୍ତଙ୍କ ହୃଦୟକୁ ଛୁଇଁବାର ଯେଉଁ ଭଲ ପାଇବାର ଟିକକ ସେଥିରୁ କେହି ବି ଜଣେ ବଞ୍ଚିତ ନହେଉ । ବିଶ୍ୱଭିନ୍ନକ୍ଷମ ଦିବସରେ ଏହି ଶପଥ ସମସ୍ତଙ୍କ ହୃଦୟରେ ସ୍ପନ୍ଦିତ ହେଉ ଯେ, ଆମ୍ଭମାନଙ୍କ ହାତପାହାନ୍ତାରେ ସମସ୍ତେ ଗୋଟିଏ ମାଆର ସନ୍ତାନ । ତେଣୁ ଭାଇଟିଏ ବା ଭଉଣୀଟିଏ ଭିନ୍ନକ୍ଷମ ହେଲେ ତାକୁ କ'ଣ କେହି ସ୍ନେହ ଓ ଶ୍ରଦ୍ଧାରୁ ବଞ୍ଚିତ କରିପାରିବ କି ? ସମସ୍ତଙ୍କ ଭଲପାଇବା ସମସ୍ତଙ୍କ ଆଶୀର୍ବାଦ ଆଉ ସମସ୍ତଙ୍କ ସହଯୋଗର ହାତ ସେହି ଭିନ୍ନକ୍ଷମ ମାନଙ୍କ ପାଇଁ ସକ୍ଷମର ବଳିଷ୍ଠ ବାହୁ ପ୍ରତୀୟମାନ ହେଉ ଏହା ହିଁ ଆଜି ଦିବସର ପବିତ୍ର ଉପଲବ୍ଧି।


ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ'
କାଠଗୋଲା ରୋଡ଼, ମଙ୍ଗଳାବାଗ,
କଟକ,
ମୋ : ୯୪୩୮୨୭୬୭୬୦


# ଡକ୍ଟର ଆମ୍ବେଦକର ସମ୍ବିଧାନ ଓ ହିନ୍ଦୁ ରାଷ୍ଟ୍ର



**ଡକ୍ଟର ଲକ୍ଷ୍ମଣ ସାହୁ**

ଭାରତୀୟ ସମ୍ବିଧାନସଭା ଦ୍ୱାରା ପାରିତ ହୋଇଥିବା ସମ୍ବିଧାନ ୭୪ ବର୍ଷ ପୂରଣ କରିସାରିଛି । ଆସନ୍ତା ବର୍ଷ ୨୦୨୫ ଜାନୁୟାରୀ ୨୬ରେ ଏହା ୭୫ ବର୍ଷ ପୂରଣ କରିବ । ବାଇଜାଣ୍ଟାଇନ୍ ସମ୍ରାଟଙ୍କ ଦ୍ୱାରା ମାଗନା କାର୍ଟା କିମ୍ବା 'ଗ୍ରେଟ୍ ଚାର୍ଟ' ସ୍ୱାକ୍ଷରିତ ହେବାର ୭୩୫ ବର୍ଷ ପରେ, ଭାରତୀୟ ସମ୍ବିଧାନ ହେଉଛି ମାନବିକ ଅଧିକାରର ସୁରକ୍ଷା ପାଇଁ କୌଣସି ସମାନ୍ତରାଳ ନୁହେଁ । ମାଗନା କାର୍ଟା ଆଇନର ନିୟମ ପ୍ରତିଷ୍ଠା କଲା ଓ ଇଂରାଜୀ ନାଗରିକଙ୍କ ଅଧିକାରକୁ ନିଶ୍ଚିତ କଲା । ସେହିଭଳି ଡକ୍ଟର ଭୀମ୍ ରାଓ ଆମ୍ବେଦକରଙ୍କ ଦ୍ୱାରା ପ୍ରସ୍ତୁତ ଭାରତୀୟ ସମ୍ବିଧାନ ପାଞ୍ଚ ହଜାର ବର୍ଷରୁ ଅଧିକ ପୁରୁଣା ରୀତିନୀତି ଓ ଆଇନକୁ ରଦ୍ଦ କରି ଦାସତ୍ୱ ତଥା ଅସମ୍ପୂର୍ଣ୍ଣତାକୁ ଅପରାଧ ବୋଲି ଘୋଷଣା କରିଛି । ସମସ୍ତ ନାଗରିକଙ୍କୁ ସମାନ ମାନ୍ୟତା ଦେଇଛନ୍ତି । ୧୯୫୦ ମସିହାରେ ଯେଉଁମାନେ ଏହି ସମ୍ବିଧାନକୁ ବିରୋଧ କରୁଥିଲେ । ସେମାନେ ଏହି ସମ୍ବିଧାନର ସାହାଯ୍ୟରେ ଦେଶ ତଥା ଅନେକ ରାଜ୍ୟରେ କ୍ଷମତାରେ ଅଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ସେମାନେ ଏହି ଡକ୍ୟୁମେଣ୍ଟକୁ ହୃଦୟରୁ ଗ୍ରହଣ କରିପାରୁ ନାହାଁନ୍ତି ଏବଂ ଆଜି ମଧ ସେମାନେ ସମୟ ସମୟରେ ଏହାକୁ ବିରୋଧ କରୁଛନ୍ତି । ଆସନ୍ତା ବର୍ଷ ସେମାନେ ନିଜ ସଂଗଠନର ଶତବାର୍ଷିକୀ ପାଳନ କରିବାକୁ ଯାଉଛନ୍ତି । ଯାହା ମନୁସ୍ମୃତି ଉପରେ ବିଶ୍ୱାସ କରୁଥିବାବେଳେ ଜାତି ପ୍ରଣାଳୀକୁ ସମର୍ଥନ କରେ ଏବଂ ଗଣତନ୍ତ୍ର ବିରୋଧୀ ଅଟେ ।

ଏକଥା ମଧ ସମସ୍ତଙ୍କୁ ଜଣା ଯେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଗଠନ ଏବଂ 'ହିନ୍ଦୁତ୍ୱ ସଂଗଠନ' ଏକ ଜାତୀୟ ଆନ୍ଦୋଳନ । ଏହାର ନେତୃତ୍ୱ, ଆଦର୍ଶ ଏବଂ ଦେଶର ସମ୍ବିଧାନକୁ କେବେ ବି ଧ୍ୱଂସ କରିନଥିଲେ । ଯାହା ସ୍ୱାଧୀନତାର ପ୍ରଥମ ଯୁଦ୍ଧରୁ ପ୍ରାୟତଃ ୯୦ ବର୍ଷ ଧରି ଚାଲିଥିଲା । ୧୮୫୭ ରୁ ୧୯୪୭ ରେ ଆରମ୍ଭ ହୋଇଥିଲା । ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଗ୍ରହଣ କରିନଥିଲେ ଏବଂ ସର୍ବଦା ବିରୋଧ କରିଥିଲେ । ନିଜକୁ ଏକ ସାଂସ୍କୃତିକ ସଂଗଠନ ବୋଲି କହିଥିବା ତଥା ପ୍ରଥମ ହିନ୍ଦୁ ମହାସଭା, ରାମରାଜ ପରିଷଦ, ପରେ ଭାରତୀୟ ଜନ ସଂଗଠନ ଏବଂ ୧୯୮୦ ମସିହାରୁ ଭାରତୀୟ ଜନତା ପାର୍ଟି ଭାବରେ ରାଜନୀତି କରୁଥିବା ରାଷ୍ଟ୍ରିୟ ସ୍ୱୟଂସେବକ ସଂଗଠନର ଆଦର୍ଶ କ'ଣ ରହିଛି ତାହା ଧ୍ୟାନ ଦେବା ଜରୁରୀ ଅଟେ । ଯେଉଁମାନଙ୍କୁ ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଗଠନ ଏହାର ପୂର୍ବପୁରୁଷ ଭାବରେ ବିବେଚନା କରନ୍ତି ଏବଂ ଯାହାର ମାନସିକ ପୁତ୍ର ସ୍ୱୟଂସେବକ ହେଉଛନ୍ତି ସେମାନେ ହେଉଛନ୍ତି ବିନୟକ ଦାମୋଦର ସାବାର୍କ ଏବଂ ସଂଗଠନର ଦ୍ୱିତୀୟ ସରସଙ୍ଗଚାଳକ, ମାଧବ ସାଦାଶିଭ ଗୋଲୱାଲକର ଛଦ୍ମନାମ ଗୁରୁଜୀ । ଗୋଲୱାଲକର ହିଟଲରଙ୍କ ଆଦର୍ଶ ଦ୍ୱାରା ବହୁ ପ୍ରଭାବିତ ହୋଇଥିଲେ ଏବଂ ଏହାକୁ ଭାରତରେ କାର୍ଯ୍ୟକାରୀ କରିବାକୁ ଚାହୁଁଥିଲେ । ଗୋଲୱାଲକରଙ୍କର ଏକ ପୁସ୍ତକ ଅଛି 'ଆମେ ଓ ଆମର ଜାତି ପରିଭାଷିତ ' ।

୧୯୪୬ ମସିହାରେ ପ୍ରକାଶିତ ଏହି ପୁସ୍ତକର ଚତୁର୍ଥ ସଂସ୍କରଣରେ ଗୋଲୱାଲକର ଲେଖିଛନ୍ତି, 'ଭାରତର ସମସ୍ତ ଅଣ-ହିନ୍ଦୁଙ୍କୁ ହିନ୍ଦୁ ସଂସ୍କୃତି ଓ ଭାଷା ଗ୍ରହଣ କରିବାକୁ ପଡ଼ିବ । ହିନ୍ଦୁ ଧର୍ମକୁ ସମ୍ମାନ ଦେବା ଏବଂ ସେମାନଙ୍କ ମନରେ ହିନ୍ଦୁ ଜାତି କିମ୍ବା ସଂସ୍କୃତିର ଗୌରବ ବ୍ୟତୀତ ଅନ୍ୟ କୌଣସି ଚିନ୍ତାଧାରା ରଖିବାକୁ ପଡିବ ନାହିଁ । ପୁସ୍ତକର ୪୨ ପୃଷ୍ଠାରେ ସେ ଲେଖିଛନ୍ତି ଯେ ଜାତି ଓ ସଂସ୍କୃତିର ଶୁଦ୍ଧତା ବଜାୟ ରଖିବା ପାଇଁ ସେମିଟିକ୍ ଯିହୁଦୀ ଜାତିକୁ ବିଲୋପ କରି ଜର୍ମାନୀ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ କରିଥିଲା । ଏହା ଜାତିଗତ ଗର୍ବର ଚରମ ରୂପ ଦିଏ । ଗୋଲୱାଲକର ଅନ୍ୟ ଏକ ପୁସ୍ତକ ହେଉଛି 'ବ୍ଲାଞ୍ଚ ଅଫ୍ ଥଟସ୍' । ନଭେମ୍ବର ୧୯୬୬ ର ଏହି ପୁସ୍ତକର ସଂସ୍କରଣରେ ଗୋଲୱାଲକର ଦେଶ ପାଇଁ ତିନୋଟି ଆଭ୍ୟନ୍ତରୀଣ ବିପଦ ବିଷୟରେ ଆଲୋଚନା କରିଥିଲେ: ମୁସଲମାନ, ଖ୍ରୀଷ୍ଟିଆନ ଓ କମ୍ୟୁନିଷ୍ଟ ।

ସେ ମଧ ବର୍ଣ୍ଣ ବ୍ୟବସ୍ଥା ଅର୍ଥାତ୍ ଜାତି ପ୍ରଣାଳୀର ଏକ ଦୃଢ ସମର୍ଥକ । ସେ ଲେଖିଛନ୍ତି, 'ଆମ ସମାଜର ବିଶେଷତ୍ୱ ??ଥିଲା ବର୍ଣ୍ଣ ବ୍ୟବସ୍ଥା ପ୍ରଣାଳୀ । ଯାହାକି ଆଜି ଏହାକୁ ଏକ ଜାତି ପ୍ରଣାଳୀ ବୋଲି କହି ଉପହାସ କରାଯାଇଛି । ସମାଜ ସର୍ବଶକ୍ତିମାନ ଈଶ୍ୱରଙ୍କ ଚାରିଗୁଣ ପ୍ରଦର୍ଶନ ଭାବରେ କଳ୍ପିତ ହୋଇଥିଲା ଯାହାକୁ ସମସ୍ତେ ନିଜ ସାମର୍ଥ୍ୟରେ ଓ ନିଜ ପଦ୍ଧତିରେ ଉପାସନା କରିବା ଉଚିତ୍ । ବ୍ରାହ୍ମଣ ମହାନ ବିବେଚିତ ହୋଇଥିଲେ କାରଣ ସେମାନେ ସମାଜରେ ହିଁ ଜ୍ଞାନର ଆଲୋକ ପ୍ରଦାନ କରିଥିଲେ । ସେମାନଙ୍କ ଜ୍ଞାନ ସମାଜରେ ନୀତି ଧର୍ମ ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟବହୃତ । ସେହିଭଳି ବୈଶ୍ୟମାନେ ମଧ କମ୍ ଗୁରୁତ୍ୱପୂର୍ଣ୍ଣ ନଥିଲେ । କାରଣ ସେ କୃଷି ଏବଂ ବାଣିଜ୍ୟ ମାଧ୍ୟମରେ ସମାଜର ଆବଶ୍ୟକତା ପୂରଣ କରିଥିଲେ । ଶୁଦ୍ର ମଧ ତାଙ୍କ କଳା କୌଶଳ ଦକ୍ଷତା ମାଧ୍ୟମରେ ସମାଜର ସେବା କରିଥିଲେ । ଏଥିରେ ଗୋଲୱାଲକର ଅତି ଚତୁରତାର ସହ ଯୋଗ ଦେଇଛନ୍ତି ଯେ ଶୁଦ୍ରମାନେ ସେମାନଙ୍କର ଦକ୍ଷତା ଓ କାର୍ଯ୍ୟଶୈଳୀ ସହିତ ସମାଜକୁ ସେବା କରନ୍ତି । କିନ୍ତୁ ଏହି ପୁସ୍ତକରେ ଗୋଲୱାଲକରଙ୍କ ଦ୍ୱାରା ପ୍ରଶଂସିତ ଚାଣକ୍ୟର ଅର୍ଥନୀତିରେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନଙ୍କ ସେବା କରିବା ଶୁଦ୍ରମାନଙ୍କ କର୍ତ୍ତବ୍ୟ ବୋଲି ଲେଖାଯାଇଛି । ଏହା ଏକ ସରଳ ସହଜ ଧର୍ମ ଅଟେ । ସହଜ ଧର୍ମ ସ୍ଥାନରେ ଗୋଲୱାଲକର ସମାଜ ପାଇଁ ସେବା ଯୋଗ କରିଥିଲେ ।

ସେମାନେ ସମାଜବାଦ ଓ ସାମ୍ପ୍ରଦାୟିକତାକୁ ବିଦେଶୀ ବସ୍ତୁ ଭାବରେ ବିବେଚନା କରନ୍ତି । ସେ ଲେଖିଛନ୍ତି ଯେ 'ଏହି ସବୁ ଇସ୍ୟୁ ଯଥା ଧର୍ମନିରପେକ୍ଷତା, ସମାଜବାଦ, ସାମ୍ପ୍ରଦାୟିକତା ଓ ଗଣତନ୍ତ୍ର ସବୁ ବିଦେଶୀ ଧାରଣା । ଆମେ ସେମାନଙ୍କୁ ପରିତ୍ୟାଗ କରିବା ନିହାତି ଅଟେ । ଭାରତୀୟ ସଂସ୍କୃତି ଆଧାରରେ ଏକ ସମାଜ ଗଠନ କରିବା ଉଚିତ୍ ।' ଜାତୀୟ ଆନ୍ଦୋଳନ ସମୟରେ ଏକ ୟୁନିୟନ ରାଜ୍ୟର ଧାରଣା ଗ୍ରହଣ କରାଯାଇଥିଲା, ଅର୍ଥାତ୍ କେତେକ ବିଷୟ କେନ୍ଦ୍ରର ଦାୟିତ୍ୱରେ ରହିବ । ବାକି ସବୁ ରାଜ୍ୟମାନଙ୍କ ଅଧୀନରେ ରହିବ । କିନ୍ତୁ ସେ ଭାରତୀୟ ସମ୍ବିଧାନର ଏହି ମୌଳିକ ଉପାଦାନକୁ ମଧ ବିରୋଧ କରିଥିଲେ ।

ସ୍ୱାଧୀନତା ସମୟରେ ଓ ବିଭାଜନ ପରେ ମଧ ଜାତୀୟ ନେତାମାନେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଦେଶକୁ ଏକ 'ଗଣତାନ୍ତ୍ରିକ ଗଣତନ୍ତ୍ର' ଭାବରେ ପ୍ରତିଷ୍ଠା କରିଥିଲେ । ଯଦି ଏହି ନେତାମାନେ ଚାହାଁନ୍ତି, ସେମାନେ ୧୯୪୭ ଅଗଷ୍ଟ ୧୫ ରେ ଏହି ଦେଶକୁ ହିନ୍ଦୁ ରାଷ୍ଟ୍ର ଭାବରେ ଘୋଷଣା କରିଥାନ୍ତେ , କାରଣ ମୁସଲିମ ଲିଗ୍ ଓ ଏହାର ନେତା ମହମ୍ମଦ ଅଲି ଜିନ୍ନା ମୁସଲମାନ, ପାକିସ୍ତାନ ପାଇଁ ଏକ ପୃଥକ ରାଷ୍ଟ୍ର ହାସଲ କରିଥିଲେ । ତେଣୁ ଭାରତକୁ ହିନ୍ଦୁ ରାଷ୍ଟ୍ର କରିବାରେ କୌଣସି ଅସୁବିଧା ହେବ ନାହିଁ । କିନ୍ତୁ ଏହି ନେତାମାନେ ସାମୂହିକ ଭାବରେ ପ୍ରତିଶ୍ରୁତି ଦେଇଛନ୍ତି ଯେ ସେମାନେ ଏହି ମହାନ ଦେଶ ଭାରତକୁ ପାକିସ୍ତାନ ହେବାକୁ ଦେବେ ନାହିଁ ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)


# ଆମ ସରକାର ଅନ୍ୟ ରାଜ୍ୟମାନଙ୍କ ଉପରେ କେତେଦିନ ନିର୍ଭରଶୀଳ ହୋଇ ରହିବେ ?



**ସୁବ୍ରତ କର**

ଆମେ ଯାହା ଦେଖୁଛି ଆମ ସରକାର ଅତି ଦରକାରୀ ପଦାର୍ଥ ମାନଙ୍କ ପାଇଁ ଦୟାର ପାତ୍ର ସାଜିଛି କିନ୍ତୁ ସରକାରଙ୍କୁ ଏଥିରେ କିଛି ଫରକ୍ ଆସୁନାହିଁ । ସମସ୍ତେ ଯେକୌଣସି ସମୟରେ ଆମକୁ ଏବଂ ଆମ ରାଜ୍ୟକୁ ଧମକ ଦେଉଛନ୍ତି । ସରକାରଙ୍କ ଲାଜ ସରମ୍ ଅଛି କି ନାହିଁ ଜଣା ନାହିଁ କିନ୍ତୁ ଏହି ସବୁ ଜାଗାରେ ଓଡ଼ିଆ ଭାଇଙ୍କ ଅସ୍ମିତା କୁଆଡ଼େ ଗଲା । ପଶ୍ଚିମବଙ୍ଗ ଆଳୁ ପଠେଇଲେ ଆମ ତରକାରୀରେ ଆଳୁ ପଡ଼ିବ । ସେମିତି ପିଆଜ ମଧ । ନାସିକରୁ ବା ଦକ୍ଷିଣ ଭାରତରୁ ପିଆଜ ଟ୍ରକ୍ ପହଞ୍ଚିଲେ ଗରିବ ଲୋକେ ପଖାଳ ସହିତ ଆଳୁ ପିଆଜ ଖାଇ ପାରନ୍ତି। ଅନ୍ୟ ପରିବା ଉପରେ ଚଳିବା କାଠିକର ପାଠ। ବଜାରରେ ଯେତେ ପ୍ରକାରର ପରିବା ଆସୁଛି ଏ ପର୍ଯ୍ୟନ୍ତ ସବୁ ବାହାର ରାଜ୍ୟର ସେ ଫୁଲକୋବି ହେଉ ବା ଗାଜର ହେଉ। ହଁ, ଆମ ଚାଷୀ ଭାଇମାନେ ପରିବା ଚାଷ କରନ୍ତି କିନ୍ତୁ ତାଙ୍କର ପରିବା ବଜାରକୁ ଆସିବା ବେଳକୁ ଜାନୁଆରୀ ମାସ ପରେ। ସେତେବେଳେ ଏତେ ପରିମାଣରେ ବାହାରେ ଯେ ଫୁଲକୋବି, ବିଲାତି ବାଇଗଣ, ବନ୍ଧାକୋବି, ବାଇଗଣ କେଜି ପିଛା ୫ଟଙ୍କାରୁ ୧୦ ଟଙ୍କା । ଚାଷୀଭାଇଙ୍କୁ ଫୁଲକୋବି, ବନ୍ଧାକୋବି, ସବୁ ପଚିବାକୁ ଛାଡ଼ି ଆସିବାକୁ ପଡ଼େ କାରଣ ତୋଳିବା ଏବଂ ବହିବା ଖର୍ଚ୍ଚ ଠାରୁ ପଡ଼ିଆରେ ମଜୁରୀ ନ ଲଗାଇ ଛାଡ଼ିଦେବା ଠିକ୍ ମନେ କରନ୍ତି। ଯେତେବେଳେ ଫସଲ ଆମଦାନୀ ହୁଏ ସେହି ସମୟରେ ବଳକା ଫସଲକୁ ଠିକ୍ ଭାବରେ ସାଇତି ରଖିବାର କୌଣସି ବ୍ୟବସ୍ଥା ନାହିଁ । ଏହା ପାଇଁ ଶୀତଳ ଭଣ୍ଡାରର ପ୍ରଚୁର ଅଭାବ ଏବଂ ଯେତେଗୁଡ଼ାଏ ଅଛି ପ୍ରାୟ ସେଗୁଡ଼ିକ ଠିକ୍ ଭାବେ ଚାଲୁନାହିଁ । ପୁରୁଣା ସରକାର ବହୁତ କଥା କହି ଆଳୁ ମିସନ ଆରମ୍ଭ କରିଥିଲେ କିନ୍ତୁ ଏମିତି ଫଳପ୍ରଦ ହେଲା ଯେ ଦୁଃଖର କଥା ଲକ୍ଷ୍ମଣନାଥ ଚେକ୍ ଗେଟର ଶହ ଶହ ଆଳୁଟ୍ରକ ଛିଡ଼ା ହୋଇଛନ୍ତି ଓଡ଼ିଆ ମୁହାଁ କିନ୍ତୁ ଦିଦିଙ୍କର ପରମିଶନ ନାହିଁ । ଏପଟେ ଆମ ରାଜ୍ୟରେ ଆଳୁ ପାଇଁ ଲୋକେ କଲବଲ ହେଉଥିବା ବେଳେ ଆମ ମନ୍ତ୍ରୀ ଆଶ୍ୱାସନା ବାଣି ଶୁଣାଇଛନ୍ତି ଯେ 'ଆଳୁ ଚାଷରେ ଆମ ରାଜ୍ୟ ଆତ୍ମ ନିର୍ଭରଶୀଳ ହେବ' । ସେ ଆହୁରି କହୁଛନ୍ତି ପ୍ରଥମଥର ଲାଗି ୧୫୦୨୩ ହେକ୍ଟରରେ ଆଳୁଚାଷ ହେବାକୁ ଯାଉଛି ଏଥର । ଏ ପର୍ଯ୍ୟନ୍ତ ୧ ଲକ୍ଷ ୨ହଜାର କ୍ୱିଣ୍ଟାଲ ଉନ୍ନତ ମାନର ପ୍ରାମାଣିକ ଆଳୁ ବିହନ ଚାଷୀଙ୍କୁ ଦିଆ ହୋଇଛି । ଏହି ଆଳୁ ଚାଷ ପାଇଁ ୯୫୮୪୧ ଜଣ ହିତାଧିକାରୀ ଚିହ୍ନଟ ସରିଛି । ଏହି ସବୁ ତଥ୍ୟ ମୁଁ ଆପଣମାନଙ୍କ ପାଖରେ ପଇଠ କରୁନାହିଁ ଏହା ଖୁବ୍ କୃଷି ମୁହଁରୁ ବାହାରିଛି। ଏହା ପୂର୍ବରୁ ମଧ ଆଳୁ ଯାଇ କାହା ଉପରେ ନିର୍ଭର କରିବାର ଦରକାର ପଡ଼ିବ ନାହିଁ ବୋଲି ବହୁଥର ଆମ୍ଭମାନଙ୍କୁ କୁହା ହୋଇଥିଲା । କିନ୍ତୁ କିଛି ଲାଭ ଓଡ଼ିଶାବାସୀ ପାଇ ନାହାନ୍ତି । ସେହି ଦିଦିଙ୍କର ଆଙ୍ଗୁଳି ହଲାଇବା ଉପରେ ନିର୍ଭର କରିବ ନା ସତରେ ଓଡ଼ିଶାବାସୀ ସମ୍ମାନର ସହିତ ନିଜ ମାଟିର ଆଳୁ ଏବଂ ସ୍ୱଳ୍ପ ଦରରେ ପାଇ ପାରିବେ । ସରକାର ମନେ ରଖିବା ଉଚିତ ଯେ ଚାଉଳ (ଭାତ) ପରେ ଆଳୁ ଦୁଇ ନମ୍ବରରେ ।



## କହିବ କି ମୁହଁ ଖୋଲି ?

**ନିରଞ୍ଜନ ସହୁବି**

ତୁମେ କହିବ କି ତୁମରି ମୁହଁରେ
ଅନ୍ତରକୁ ଖୋଲି ଦେଇ
ଯେଉଁଠି ରହୁଛ କେମିତି ରହୁଛ
ତୁମ ପରିବାର ନେଇ ?

ମୋହରି ଖବର ବୁଝୁଛ ଜବର
ତହିଁରୁ ମିଳେ କି ଲାଭ
କ୍ଷତି ହେବ ବୋଲି ଭାବିନେଇ ତୁମେ
କାଟିଛ ସେଦିନ ଭାବ
ଜୀବନେ କଷିଲ ଲାଭକ୍ଷତି ଅଙ୍କ
ତୁମେ ପରା ଅଟ ସେଇ ।

ତୁମ ଜୀବନର ପରିଧି ବାହାରେ
ମୁଁ ବାନ୍ଧିଛି ମୋର ବସା
ତୁମେ ତ କରିଛ ଜୀବନକୁ ମୋର
ଚିରକାଳ ଲୋକହସା
ବାରମ୍ବାର ପୁଣି ଧସେଇକି ପଶି
କୁହ, 'ଶୁଣ ଟିକେ ଏଇ ।'

ତୁମର ସଂସାର ବିଷୟରେ ମୋର
ଜାଣିବାକୁ ନାହିଁ ଇଚ୍ଛା
ତୁମେ କିନ୍ତୁ କୁହ ଛାଡି ପାରିଛ କି
କେବେହେଁ ମୋହରି ପିଛା
ଶାନ୍ତିରେ ଟିକିଏ ରହିବାକୁ ଦିଅ
ନଚା ନାହିଁ ଥେଇଥେଇ ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ : ୯୯୩୮୭୪୧୫୮୩


## ଅଭିବ୍ୟକ୍ତି

**ସୁଦର୍ଶନ ମହାପାତ୍ର**

ତୁମେ ଦିଅ ମୋତେ
ଓଠ ଆକାଶରୁ ଦ୍ୱିତୀୟା ଜହ୍ନର ହସ
ମୁଁ ଦେବି ତୁମକୁ
ସରାଗେ ସାଇତା
ସପନଟେ ଅଭ୍ରଂକଷ ।

ତୁମେ ଦିଅ ମୋତେ
ଚିକମିକ ତାରା ଝଲମଲ
ଗୋଟେ ରାତି
ମୁଁ ଦେବି ତୁମକୁ
ଉପହାର ରୂପେ
ଲେଉଟାଣି ଚାରୁ ସ୍ମୃତି ।

ତୁମେ ଦିଅ ମୋତେ
ଆଖିର ଇସାରା ସମ୍ୟକ ନିମନ୍ତ୍ରଣ
ମୁଁ ଦେବି ତୁମକୁ
ଅନୁଭବିବାକୁ ମିଠା ମିଠା ଆଲୋଡନ।

ତୁମେ ଦିଅ ମୋତେ
କନକ ଚମ୍ପା ଆଙ୍ଗୁଳିର ସ୍ନିଗଧ ଛୁଆଁ
ମୁଁ ଦେବି ତୁମକୁ
ଖୁସି ପାରିଜାତ ଗଢି ସ୍ୱର୍ଗ ଏକ ନୂଆ ।

ତୁମେ ଦିଅ ମୋତେ
ଚିର ଇପ୍ସିତ ବାହୁ ବନ୍ଧନର ଶାନ୍ତି
ମୁଁ ଦେବି ତୁମକୁ
ସଜ ସୁମନର ସୁଗନ୍ଧିରେ
ଭରା ପ୍ରୀତି।

ତୁମେ ଦିଅ ମୋତେ
ରତିଏ ସାନ୍ନିଧ ଉଜାଗର ଏକ ରାତି
ମୁଁ ଦେବି ତୁମକୁ
ମହଣ ମହଣ ସୁଖ ବଇଭବ ତୃପ୍ତି ।


+କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨


## ଆସକ୍ତି

**ପ୍ରଶ୍ନ କୁମାର ଶତପଥୀ**

ଆସକ୍ତିର ମୋହ ଫାଶେ
ମୋହିତ ଜୀବ ଜୀବନ,
ତା'ରି ପାଶେ ଗୁଡ଼େଇ ତୁଡ଼େଇ
ସବୁରି ପରାଣ ।

ଆସକ୍ତିର ମନୋଯୋଗେ
ଶ୍ରାନ୍ତି ଏକୋଇ ତ ଶାନ୍ତି,
ଦିନରେ ମମତା ଢାଳି
ଆସକ୍ତି ଭରେ ରାତି ।

ଆସକ୍ତିର ସନ୍ଧ୍ୟା ପ୍ରାତେ
ଜୀବ କିଛି ବିଚାରଇ,
ଅହରହ ଖେଳିବୁଲି
ଭାବ ମନ ପାଶେ ଥାଇ ।


+ଦୁମାଡ଼ିହି, ଜାମଦା, ମୟୂରଭଞ୍ଜ

# କବିତାମାଳା

## ସତ୍ୟର ସ୍ୱର

### ପ୍ରିୟନାଥ ପାଣି



ଭଲପାଇବାର ତରୁ ମୂଳେ ଦିନେ
ବସିଥିଲେ ଦୁଇ ପକ୍ଷୀ ।
ଦେହେ ଘଷାଘଷି ଆଖି ମିଶାମିଶି
ରଖିଥିଲେ କିଛି ସାକ୍ଷୀ ।।

ଜଣେ କହୁଥିଲା ଆଉ ଜଣକୁ ତ
ଇଏ କି ସଂସାର କହ ।
ଆନନ୍ଦ ଯେତିକି ବିଷାଦ ସେତିକି
ବଞ୍ଚିବା ଦୁର୍ବିସହ ।।

ଗହଳ ଜନରେ ସବୁରି ମନରେ
ଛଳନା, ହିଂସା, ଦ୍ରୋହ ।
ମିଛ ଭାଇଚାରା ପକେଇଛି ଡେରା
କୁମ୍ଭୀରକାନ୍ଦଣା, କୋହ ।।

ଆଖି ପଲକରେ ତରବାରୀ ଉଠେ
ଘନେଇ ଆସଇ ଯୁଦ୍ଧ ।
ବିଷବଳୟରେ ଘେରା ଏ ଜୀବନ
କୋଉଠୁ ପାଇବୁ ବୁଦ୍ଧ ।।

କିଏ ଭେଟିଦେବ ନିଷ୍ପାପ ଶିଶୁ
ଆମରି ହାତରେ କହ ।
ସରଳ ମନରେ ଗରଳ ନ ଥିବ
ଥିବ ପ୍ରୀତି ଗହଗହ ।।

ପ୍ରୀତି ସଉଦାଟା ସହଜ ନୁହଁ ଲୋ
ତୁ ଯାହା ଦେଉ ମୋତେ ।
ମନ ଫରୁଆରେ ଲୁଚେଇ ରଖିଛି
ଗୋପନ ପ୍ରଣୟ ସାଥେ ।।

ଜଣକ ଆଖିରୁ ଝରିଲା ଲୋତକ
ଆର ଜଣେ ହେଲା ମୂକ ।
ଉପରକୁ ଚାହିଁ ମାଗୁଥିଲେ କିଛି
କହୁଥିଲେ ପ୍ରଭୁ ରଖ ।।

ରୋଗ, ଶୋକ, ଭୟ ନଥିବ ଜୀବନେ
ନ ଥିବ ଜଞ୍ଜାଳ କିଛି ।
ସ୍ନେହ, କରୁଣାର ଝରୁଥିବ ଝର
ଲାଗିବ ଜୀବନ ଅଛି ।।

ଯେଉଁ ତରୁ ମୂଳେ ବସିଥିଲେ ଦୁହେଁ
ଝଡିଲା ପତ୍ର ଏକ ।
ସେଇ ପତ୍ରରେ ଲେଖାଥିଲା କାଲେ
ବାଜିବ ନୂତନ ଶଙ୍ଖ ।।

ଥରିବ ଆକାଶ ଥରିବ ପାତାଳ
ଉର୍ଦ୍ଧ୍ୱ ଉଠିବ ଶିର ।
ଆସିବ ସମୟ ନଥିବ ପ୍ରଳୟ
ଶୁଭିବ ସତ୍ୟ ସ୍ୱର ।।
ଁଁଁ


♥କଦଳିଆ, ବୈଶିଙ୍ଗା,ମୟୂରଭଞ୍ଜ
ମୋ: ୯୯୩୭୧୨୫୧୫୧


## ପରିଚୟ

### ସୁଚରିତା ମହାନ୍ତି



ଅତୀତର ଫର୍ଦ୍ଦ ଯେତେ
ଚିରି ଫାଡ଼ି ଫୋପାଡ଼ି ଦେଲି
ତଥାପି ସେ କାହିଁକି ଛାଇ ପରି ପିଛା
ଛାଡୁନାହିଁ
ବେତାଳ ପରି କାନ୍ଧରେ ଲଦି ହେଇ ରହିଚି
ହୁଏତ ସେ ହିଁ ଅତି ଆପଣାର ବୋଲି
ସୂଚେଇ ଦେବାକୁ ଚାହେଁ
ଆଉ ସବୁ ନିମିତ୍ତ ମାତ୍ର ।

ଯେବେ ଠାରୁ ବୁଝିବାର ବୟସ ହେଲାଣି
ସେବେଠାରୁ ମାନ, ଅପମାନ,
କ୍ରୋଧ, ହିଂସାର ଢେଉ ମାନଙ୍କୁ
ଅତି ପାଖରୁ ପରଖୁଚି,
ମିଛର ଦୁନିଆ ହାଟରେ ସତର ଚାଦରଟେ
କେବେ ମିଳେନାହିଁ ବରଂଚ ଆଜିବି
ଲୁହ ଆଉ ଲହୁର ଲୁଣିଆ ସ୍ୱାଦ ଚାଖୁଚି ।

କାହାକୁ ଦୋଷ ଦେଇ
କିଏ କ'ଣ ଲାଭ ପାଇଲାଣି
ସମସ୍ତେ ଏଠି ନିଜକୁ ନିଜେ ଭାବନ୍ତି
ସର୍ବେସର୍ବା ।

ମୁଁ ବା କାହିଁକି ଭାବିବି ଏମିତି
କ'ଣ ମୋର ପରିଚୟ
କେଉଁଠୁ ଆସିଚି କେଉଁଠି କି ଯିବି
ଯେବେ ନିଜକୁ ନାହିଁ ଜଣା ।


♥କାଏଣ୍ଡା, ବାଲେଶ୍ୱର
ମୋ: ୮୯୧୭୫୭୧୨୦୨




## ଭଲ ପାଇବାର ଅଭିନୟ

### ତାରାପ୍ରସାଦ ଜେନା

ଭଲ ପାଇବାର ଅଭିନୟ କରି
ଫସାଇ ଦେଇଛ ମୋତେ
ସଂପର୍କର ସେତୁ ଭାଙ୍ଗିଯିବ ବୋଲି
ଧାରଣା ନଥିଲା ଏତେ
ଭଲ ପାଇବାର ଅଭିନୟ କରି..... !

ସବୁ ଓଠ ତଳେ ବାରିହୋଇ ପଡ଼େ
ହସର ଖିଆଲି ବିଷ
କୋହ ଅଯଥାରେ ଆପଣାର ମୋହ
ଖୋଜୁଛି ବିଗୁଣ ଦୋଷ,
ଯେତେ ଭାବିଲେ ବି ମନ ବୁଝିବାଟା
ସହଜ ଲାଗୁନି ସତେ
ଭଲ ପାଇବାର ଅଭିନୟ କରି..... !

ଦୁନିଆରେ ସୁଖୀ ମଣିଥିଲି ଯାହା
ଦୁଃଖୀରେ ଲେଖିଲି ନାଆଁ
ଭଲ ପାଇବାଟା ପୁଣ୍ୟ ନୁହେଁ ପାପ
ଖୋଲି ମୁଁ ପାରୁନି ଛାଆଁ,
ଅଭାବ ବୋଧର ହସ ଟିକକରେ
ଜୀଇବା ଏମିତି ମାତେ
ଭଲ ପାଇବାର ଅଭିନୟ କରି..... !


♥ରଣପୁର
(ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର, ଜିଲ୍ଲା -
ନୟାଗଡ଼, ପିନ୍- ୭୫୨୦୨୬,
ମୋ: ୯୩୪୮୦୫୪୩୦୦


## ଚା' କପରେ ତୁମେ

### ଶୁଭେନ୍ଦୁ ମେହେର



ଯେତେବେଳେ
ନିଆଁ ଉପରେ ପାଣି ଫୁଟୁଥିଲା
ମୋ' ହୃଦୟର
ମୁଁ କାର ଓ ଅଧିକାର
ମୋତେ ଅଧିକ ଆନ୍ଦୋଳିତ କରୁଥିଲା ।
ତତଲା ପାଣିରେ........!
ଯେବେ ଚା'ପତି ଓ ଚିନି ମିଶିଲା
ଭାବିନେଲି,
ଶୀତ ରାତିର ଉଷୁମ ପରସେ
ମୋ' ପର୍ଣ୍ଣ କୁଟୀର ମଧୁମୟ ହେଲା ।
ଯେବେ ଚା' କୁ ଛାଣି
କପରେ ପୁରାଇ ଦିଆଗଲା
ଲାଗିଲା ଯେମିତି,
ତମ ମୋ' ଭିତରର
ସମ୍ପର୍କରେ ଥିବା ସନ୍ଦେହ ସବୁ
ଦୁରୀଭୂତ ହେଲା ।
ହୃଦୟତାର ସହ ଅତି ସନ୍ତର୍ପଣେ ଆସି
ଚା'..........କହି
ଯେବେ କପଟି ସମର୍ପିଲ ବୁଝିନେଲି
ସମଗ୍ର ପୃଥିବୀଟି ମୋର ବୋଲି ।
କପଟି ହାତରେ ଧରି ଦେଖିଲି
ଚା' କପର
ତତଲା ଚା' ରେ ଗୋଲାପି ଅଧରେ
ତୁମ ଗୋଲାକାର ମୁହଁକୁ ଦେଖିଲି ।
ଯେବେ ଓଠରେ ସ୍ପର୍ଶ କଲି
ମୋ' ମରୁଭୂମିରେ କଅଁଳିଲା ଘାସ
ପାଇଲି ତୁମ ଓଠର ସ୍ପର୍ଶ
ଦେହର ସୁବାସ, ତେବେ ତ ମୁଁ
ସମଗ୍ର ସାନ୍ନିଧ୍ୟକୁ ଆୟତ୍ତ କରିଲି ।


♥ଯାଲୋଏ, ସୁବର୍ଣ୍ଣପୁର


## ବିଜେ କର ମହାଲକ୍ଷ୍ମୀ

### ନଳିନୀ ଦାଶ



ତୁମ ଆଗମନ ବାରତା ପାଇ ମା
ଶୁଦ୍ଧ କରିଅଛି ଘର
ଝୋଟି ଚିତା ଆଙ୍କି ତୋରଣ ବାନ୍ଧିଛି
ଆସ ମାଆ ଲକ୍ଷ୍ମୀ ମୋର ।
ଝୋଟି ଦେଇ ଫୁଲେ ମହଲ ଗଢିଛି
କିଣିଛି ନାଲିଆ ପାଟ
ବିଜେ କର ଆସି ଧରଣୀ ବୁକୁରେ
ଚାହିଁଛି ତୁମର ବାଟ ।
ଗେଣ୍ଡୁ ମଳଦଲ୍ଲୀ ତୋଳି ଆଣିଅଛି
ଜତନେ ଗୁନ୍ଥିଛି ମାଳ
ଗଜବାହାନରେ ବସି ଆସ ମାଆ
ଅମୃତ କଳସ ଢାଳ ।
ସୋରିଷ ଫୁଲକୁ ସରାଗେ ଆଣିଛି
ମାଗୋ ତୁମ ପାଇଁ ତୋଳି
ମନ ଆନନ୍ଦରେ ଶଙ୍ଖ ଫୁଙ୍କୁଅଛି
ପକାଉଛି ହୁଳହୁଳି ।
ମାତ ମହାଲକ୍ଷ୍ମୀ କମଳ ନୟନୀ
ଦୁଃଖ ନିବାରଣ କର
ବିପଦେ ଡାକିଲେ ସାହା ହୁଅ ମାଆ
ସୁଖର ଝରଣା ଝର ।
ପଦ୍ମ ଫୁଲେ ତୁମ ଅତି ଶରଧା ମା
ନାମ ଅଟେ ପଦ୍ମାସନୀ
ଅଚଳା ଚଞ୍ଚଳା ଅଭୟ ଦାୟିନୀ
ଘେନ ମା ମୋର ଦୟିନୀ ।
ତୁମର ଆଶିଷେ ପଙ୍ଗୁ ଲଙ୍ଘେ ଗିରି
ବନ୍ଧ୍ୟା ପାଏଟି ସନ୍ତାନ
ଭକ୍ତିରେ ଡାକଇ ଯେଉଁ ଜନ ମାଆ
ପୂର୍ଣ୍ଣ କର ଘରେ ଧନ ।
ବିଷ୍ଣୁ ପାଟରାଣୀ ଲକ୍ଷ୍ମୀ ସାଆନ୍ତାଣୀ
ସୁଖ ସମ୍ପଦରେ ଭର
ତୁମର ଆଶିଷେ ଧନ ଐଶ୍ୱର୍ଯ୍ୟରେ
ହସୁଥାଉ ଏ ସଂସାର ।
ଅନ୍ଧକୁ କରହେ ଚକ୍ଷୁଦାନ ତୁମେ
ଦୁଃଖୀର ପୋଛ ମ ।ଲୁହ
ମଗୁଶୁରେ ଆସି ପୂଜା ପାଉ ଥାଅ
ସର୍ବ ଜନେ ସାହା ହୁଅ ।


♥ ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯


## ଅୟି ! ହିମମୟୀ

### ରତ୍ନକାନ୍ତି ମିଶ୍ର



ନିୟତି ନିୟମେ ବନ୍ଧା ଏ ଜଗତ ବନ୍ଧା ତେଣୁ ଋତୁ ଚକ୍ର
ତୁମ ଆଗମନୀ ବାର୍ତ୍ତାରେ ବଦଳେ ସସାଗରା ଧରା ଚିତ୍ର,
ଜାହିର କରନ୍ତି କୁହୁଡି କାକର ଆଧିପତ୍ୟ ସ୍ୱୀୟ ଢଙ୍ଗେ
ମୃଦୁ ମୃଦୁ ବହି ଉତ୍ତରା ପବନ ଖରାର ଔଦ୍ଧତ୍ୟ ଭାଙ୍ଗେ ।।

ବନେ ଉପବନେ ଝରିପଡ ତୁମେ ନାନାବର୍ଣ୍ଣ ପାଖୁଡ଼ାରେ
ବିଚ୍ଛୁରିତ ହୁଏ ଇନ୍ଦ୍ରଧନୁ ସତେ ମୋ ଆଶାର ଆକାଶରେ,
ସେ ରଙ୍ଗ ମାଖି ମୋ ମନ ପ୍ରଜାପତି ସ୍ମୃତି ପୃଷ୍ଠା ଓଲଟାଏ
ପ୍ରତିଟି ଉଡାଣେ ମଧୁ ଆକର୍ଷଣେ ମିଳନ ଗୀତିକା ଗାଏ ।।

ଧରଣୀ ବୁକୁରେ ଦୃଶ୍ୟାୟିତ ହୁଏ ସ୍ନିଗ୍ଧ ନୀଳ ଚନ୍ଦ୍ରାଲୋକ
ସୁଗନ୍ଧା ସୁମନ ଶେଫାଳି ଶୁଭ୍ରତା ଦୃଶ୍ୟ କେଡ଼େ ଅପରୂପ,
ଗାଢ଼ ଶର୍ବରୀର ସୁସୁପ୍ତି ସୁଷମା ରୋମାଞ୍ଚିତ କରେ ମୋତେ
ଦେହମନେ ମୋର ତୁମରି ସାନ୍ନିଧ ମଧୁ ଧୁନି ଜାଳେ ସତେ !!

ତୁମ ପାଇଁ ସିନା ସ୍ୱପ୍ନର ଉଡାଣ ଭରେ ତା' ଛାତିରେ ଚାଷୀ
ଅୟି ! ହିମମୟୀ ଶୀତ ତୁମ ପାଇଁ ହୃଦେ ମୋ ରାଜିତ ଖୁସି ।।


♥ଆଳି, କେନ୍ଦ୍ରାପଡା




## ପ୍ରସ୍ତୁତି

### ଡ. ମନୋରଞ୍ଜନ ବିଷୋୟୀ

ଶୃଙ୍ଖଳା ନଈର ସୁଅ
ପୁଣିଥରେ ଉଜାଣି ଯମୁନା
ସ୍ୱପ୍ନ ଦେଖିଲାଣି ।
ବସନ୍ତର ରଙ୍ଗ ନେଇ
ଗୋଲାପି ଓଠର କଥା
ଆଜି ପୁଣି ମନେ ପଡ଼ିଲାଣି ।
ହୁଏତ ଏମିତି କିଛି ଆସିବାର
ପ୍ରତିଶ୍ରୁତି, ସ୍ୱପ୍ନ ଓ ସମ୍ଭାର
ମନମାରି ପଡ଼ିଥିଲା
ଶତାୟୁର ଅନ୍ଧାର ଗହ୍ୱରେ
ସେଥିରୁ ମୁକୁଳିବାର ବେଳ
ବୋଧହୁଏ ଆସିଗଲାଣି ।
ତେଣୁ ବିଗତ ସ୍ମୃତିକୁ ସାଉଁଟି
ଆମର କାମନା ପାଇଁ
ଆଗାମୀ ପାହାଚ ଚଢ଼ିବାର
ପ୍ରସ୍ତୁତି ଆରମ୍ଭ କରିସାରିଲିଣି ।


♥ଦାମୋଦରପୁର, ଗଂଜାମ
ମୋ:୮୮୯୫୧୪୧୭୨୭


## କାଠ

### ଡ. ଦୀପକ କୁମାର ମିଶ୍ର



ଯେ ପର୍ଯ୍ୟନ୍ତ ମୋ ଦେହରେ ଜୀବନ ଥାଏ
ମୁଁ ବୃକ୍ଷ, ନତୁବା ମୁଁ ନିର୍ଜୀବ କାଠଟିଏ
ଚୁଲିରେ, ଜୁଇରେ
ଅବା ଶାଣ ଦେଇ ପଜା ହେଇଥିବା
କେଉଁ କୁରାଢ଼ି ବେଣ୍ଟରେ ।

ମୁଁ ଡଙ୍ଗାଟିଏ ଅହଲ୍ୟା ଘାଟର
ମୁଁ ଧର୍ମଟିଏ ହୋମାଗ୍ନି ତୁଠର, କାଠରୁ କଠଉ
ଯାତ୍ରା ମୋର ବିସ୍ମୟ ଚକିତ ।
ବେକକୁ ମାପି ଚୋଟ ଦେଲା ବେଳେ
ମଣିଷ ଭାବେ
ପାପ ବୋଧେ ଛୁଇଁଯାଏ
ମୋର ଶୃଙ୍ଖଳା ଦେହରେ
ହେଲେ ଛୁଇଁ ଦେଖ
ସର୍ବାଙ୍ଗର ରନ୍ଧାମରା ଗଣ୍ଠି ଗୁଡ଼ିକରୁ
କେମିତି ଝରୁଚି ଏବେ ବି
ଅମ୍ଳଜାନର ଝରଣାଟିଏ
ଧୀରେ ସୁସ୍ଥେ ସୁପ୍ତ ଅବସ୍ଥାରେ ।

ବିଧିର କି ବିଚିତ୍ର ବିଧାନ
ମତେ ଦିନେ ଯିଏ କରିଥିଲା ଶବ
ମଶାଣିକୁ ବୋହିନିଏ ତା'ରି ଶବକୁ
ମହାଯାତ୍ରାର କୋକେଇଟିଏ ସାଜି ।ଁଁଁ


♥ଭୁବନେଶ୍ୱର
ମୋ:୮୨୮୦୨୧୧୦୦୦


## ବାପା

### ଅରୁଣ କୁମାର ଦାସ



ଖାଲି ଜୈବିକ ଉପାଦାନରେ ଗଢା ନୁହେଁ
ବରଂ ଜୀବନ୍ତ ଈଶ୍ୱର ପ୍ରତିମା
ବେଦ ବେଦାନ୍ତର ମୂଳ
ସଦ୍ୟ ଉଷାର କାକର ଓ ଗୋଧୂଳିର ମୁହଁ ।
ପଦିଏ କଥା ଭରିଦିଏ ଶରୀରରେ
ପ୍ରାଣ ସଂଚାର
ତାଙ୍କ ପଦବ୍ରଜ ଆମର ସ୍ୱର୍ଗପୁର ।
ଦର୍ଶନ ମାତ୍ରକେ ଆଣି ଦିଏ
ଶତ ସିଂହର ବଳ
ତାଙ୍କ ଅନୁପସ୍ଥିତି
ହେଇ ଥାଏ ମୋ ଶରୀର ଦୁର୍ବଳ
ଧନ ଥାଇ ବି ଲାଗେ କାଙ୍ଗାଳ ।
ରୋଗରେ ପଡ଼ିଲେ ମୋ ପାଇଁ ହୁଅ ବଇଦ
ସହଜ ହୁଅଇ ଶରୀର
ହୋଇଲେ ଧନର ଅଭାବ
ମୋ ପାଇଁ ସାଜ କୁବେର ।
ବାପା ଥିବା ପୁଅ ହାରେନା ସଭାରେ
ସେଥି ଲାଗି ମୁଣ୍ଡ ଉଠାଏ ଉପରେ
ହାରେନା ଡରେନା କାହାକୁ
ଥାଏ ପରା ବାପା ସାଥୀରେ ।
ନ ଦେଖିଲେ ଆଖି ହୁଅଇ ଅନ୍ଧ
କଥାରୁ ଝରଇ ଅବା ମକରନ୍ଦ
ଦର୍ଶନ ମିଳଇ ପରମାନନ୍ଦ
ସେ ମୋ ପାଇଁ ଆଦିକନ୍ଦ ।
ସେ ମୋ ଠିକଣା ଓ ପରିଚୟ
ମାନ ସମ୍ମାନ ଓ ବରାଭୟ
ବାହୁ ଦୁଇଟି ମୋ ଅଭୟ
ଦେଖିନି କେବେ ପରାଜୟ
ସବୁଠି ସେ ଅରାଜେୟ ।


♥ଠାକୁରା, ପୁରୁଣା ବଉଳମାଳ,
ଜେନାପୁର, ଯାଜପୁର
ମୋ: ୯୯୩୮୭୩୩୦୭୫


## ଭଲ ମନ୍ଦ

### ଅମରନାଥ ବାରିକ୍



କଳଙ୍କ ଅଟଇ ଅନ୍ଧାରରୁ କଳା
ଭୂମିଠାରୁ ଭାରି ପାପ
ଅଧିକ ଚଞ୍ଚଳ ପବନଠୁଁ ମନ
ରାଧେ କୃଷ୍ଣ ନାମ ଜପ ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ......!

ଅଗ୍ନିତେଜ ଠାରୁ ପ୍ରଖର ଯେ କ୍ରୋଧ
ଜଳଠୁଁ ପତଳା ଜ୍ଞାନ
ଜହରଠୁଁ ବିଷ ମିଥ୍ୟା ପ୍ରତାରଣା
ଦାନ ଠାରୁ ନାହିଁ ପୁଣ୍ୟ ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ......!

ପଥର ଦିଅଁଠୁ ବଡ଼ ପିତାମାତା
ଚଳନ୍ତି ଦେବତା ମୋର
ମଧୁଠୁଁ ମଧୁର ମୋର ମାତୃ ଭାଷା
କହି ଜାଣିଲେ ସୁନ୍ଦର ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ......!

ରତ୍ନ ଅଳଙ୍କାର ସବୁ ପରା ତୁଚ୍ଛ
ସ୍ୱାସ୍ଥ୍ୟ ସମ୍ପଦ କେବଳ
ଧନ ଅସ୍ତ୍ରଶସ୍ତ୍ର ସବୁ ପରାଜିତ
ପାଖେ ଥିଲେ ଶିକ୍ଷା ବଳ ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ......!

ଚଣ୍ଡାଳଠୁଁ ବଡ଼ ମୂର୍ଖ ସେହି ଜାଣ
କରେ ଯିଏ ପର ନିନ୍ଦା
ଧରେ ନାହିଁ ଦିନେ ହରି ନାମ ତୁଣ୍ଡେ
କରୁଥାଇ ମିଛ ଧନ୍ଦା ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ......!


♥ଗ୍ରା/ପୋ-କୟାଁ,
ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ମୋ: ୯୫୪୦୩୦୮୦୯୫




## କହୁଥିଲ କଥା ଛଳେ

### ସର୍ବାଣୀ ଦାସ



ସବୁଜ ସରାଗ ଗଲାଣି ମଉଳି
ପ୍ରୀତିର ଅଗଣା ତଳେ
ଝରିପଡିଲାଣି ଦୁଃଖର ଲୋତକ
ଭଗ୍ନ ଅବସୋସ ଜଳେ ।

ଅନେକ ଯାତନା ସହିଲାଣି ଛାତି
ରହିଛି ନୀରବ ହୋଇ
ଏ ପାଖରେ ହସେ କୁଆଁରୀ ଫୁଲଗୋ
ସେପାଖେ ଫୁଲେଇ ନଈ
ବିରହବତୁରା ଗୋଧୂଳି ସଂଜ
ହଜେନାହିଁ କୋଳାହଳେ ।

ସ୍ମୃତି ଦରଜାରେ ମଥା ପିଟୁଥାଏ
ବୟସର ଚାବିକାଠି
ଫେରିଯାଏ ଋତୁ ସରିଯାଏ ରାତି
ଲିଭେନା ନିଆଁର ଝୋଟି
ଅଲୋଡ଼ା ହେଲାଣି ହୃଦୟର ଗୀତ
କହୁଥିଲ କଥା ଛଳେ ।


♥ଅଧିବକ୍ତା, ପଥୁରିଆ ସାହି
ପଣ୍ଡିତ ମଠ । (ନିକଟ)
ପୁରୀ :୧
ମୋ :୯୩୩୭୪୨୯୨୧୨


## ପିଲାଦିନ ମନେପଡ଼େ

### ବିଶ୍ୱେଶ୍ୱର ମାଝୀ



ମୋ ପିଲାବେଳ ମା' ଉଷ୍ମ କୋଳ
ସାଥୀଙ୍କ ଗୋଳ ହାସ୍ୟର ରୋଳ ।
ଯେଦିନୁ ହେଲି ଯୌବନୋଛଳ
ଭୁଲି ହୁଏନା ଅମୃତ କାଳ ।

ଶକ୍ତ ଧକ୍କା ଖାଇ ତଳେ ପଡିଗଲେ
ଉପରକୁ ଉଠିବା ନିଶା ଖସିଗଲେ ।
ନିଜର ଲୋକଠୁ ଝଟକା ଖାଇଲେ
ମନ ଭାଙ୍ଗିଯାଏ ପିଲାଦିନ ମନେପଡ଼େ ।

ଦୌଡ଼ରେ ଅଣନିଶ୍ୱାସୀ ହେଲେ
ପ୍ରତିଯୋଗିତାରେ ହାରିଗଲେ ।
ଏକାନ୍ତ ପ୍ରେମରେ ଅସଫଳ ହେଲେ
ମନ ଭାଙ୍ଗିଯାଏ ପିଲାଦିନ ମନେପଡ଼େ ।

ବନ୍ଧୁ ଯଦି ବାଟଭାଙ୍ଗି ଚାଲିଯାଏ
ବୟସ ଆସ୍ତେକରି ଖସିଯାଏ ।
ପରିବାର ସାଥିରେ ନରୁହେ
ମନ ଭାଙ୍ଗିଯାଏ ପିଲାଦିନ ମନେପଡ଼େ ।

ଉପକାର ପ୍ରତିଦାନ ମିଳେନାହିଁ
ଧନ୍ୟବାଦ କେହି ଦିଏ ନାହିଁ ।
ଚିହ୍ନା ମୁହଁ ଅଚିହ୍ନା ପାଲଟେ
ମନ ଭାଙ୍ଗିଯାଏ ପିଲାଦିନ ମନେପଡ଼େ ।

ପିଲାଦିନ ଭାରି ସରଳ ତରଳ
ମନରେ ନଥାଏ ଛଳର ଗରଳ ।
ଶିଖିଥିବା ସଂସ୍କାର ପାଲଟେ କାଳ
ମନ ଭାଙ୍ଗିଯାଏ ପିଲାଦିନ ମନେପଡ଼େ ।


ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ: ୯୪୩୭୬ ୯୭୧୬୧

# ବିଏସଏଫ୍‌ର ୬୦ ତମ ରାଇଜିଂ ଦିନରେ ଆଇଜି ଅଧୀନରେ ମିନି ମାରାଥନ୍ ରେସ୍

ଜୟପୁର, ୦୨/୧୨ (ନି.ପ୍ର): ସୀମା ସୁରକ୍ଷା ବଳ (ବିଏସଏଫ ) ଏହାର ୬୦ ତମ ବୃଦ୍ଧି ଦିବସ ପାଳନ କରୁଛି । ବିଶ୍ୱର ସର୍ବବୃହତ ସୀମା ସୁରକ୍ଷା ବଳ ଯାହା ପ୍ରତିରକ୍ଷାର ପ୍ରଥମ ଧାଡ଼ି ଭାବରେ ଜଣାଶୁଣା ଜାତୀୟ ସୁରକ୍ଷା ଏବଂ ଅଖଣ୍ଡତା ସୁନିଶ୍ଚିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ୧୯୬୫ ମସିହାରେ ଇଣ୍ଡୋ - ପାକିସ୍ତାନ ଯୁଦ୍ଧ ପରେ ବିଏସ୍ଏଫ୍ ପ୍ରତିଷ୍ଠିତ ହୋଇଥିଲା । ଏହାର ଉଦ୍ଦେଶ୍ୟ 'ଡ୍ୟୁଟି ଟୁ ଡେଥ୍' ଯାହା ଦେଶକୁ ସୁରକ୍ଷିତ ରଖିବା ପାଇଁ ଅଦମ୍ୟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ। ଦେଶର ସୀମା ସୁରକ୍ଷିତ ତଥା ସୁରକ୍ଷା କରିବାରେ ବିଏସ୍ଏଫ୍ କର୍ମଚାରୀଙ୍କ ଉତ୍ସର୍ଗୀକୃତତା, ବଳିଦାନ ଏବଂ ଦୃଢ଼ ପ୍ରତିବଦ୍ଧତାକୁ ସମ୍ମାନିତ କରୁଥିବାରୁ ଏହି ଦିନଟି ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଦିନକୁ ସ୍ମରଣୀୟ କରିବା ପାଇଁ, ସ୍ଥାନୀୟ ଜନତାଙ୍କ ମଧ୍ୟରେ ଆଥଲେଟିକ୍ସ ଏବଂ ଶାରୀରିକ ସୁସ୍ଥତା ବିଷୟରେ ଏକ ସଚେତନତା ସୃଷ୍ଟି କରିବା ପାଇଁ କୋରାପୁଟରେ ବିଏସ୍ଏଫ୍ କୋରାପୁଟ ଦ୍ୱାରା ଆୟୋଜିତ ବିଜେତାମାନଙ୍କ ପାଇଁ ଆକର୍ଷଣୀୟ ନଗଦ ପୁରସ୍କାର ସହିତ ୫ ଏବଂ ୧୦ କି.ମି. ଉଭୟ ପୁରୁଷ ଏବଂ ମହିଳା ପାଇଁ ଚାଲିଥାଏ । ରେଲୱେ ଗ୍ରାଉଣ୍ଡ କୋରାପୁଟରେ ଏହି ରନ୍ ଆରମ୍ଭ ଏବଂ ଶେଷ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ତ୍ତୃପକ୍ଷ, ସମସ୍ତ ବୟସ ବର୍ଗର ସାଧାରଣ ନାଗରିକ, ଛାତ୍ର ଏବଂ ସୁରକ୍ଷା ବାହିନୀର ଏକ ଜବରଦସ୍ତ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ସମୁଦାୟ ୧୦୦୮ ଅଂଶଗ୍ରହଣକାରୀ ଉତ୍ସାହର ସହିତ ଏହି ରେସରେ ଅଂଶଗ୍ରହଣ କରିଥିଲେ । କୋରାପୁଟ ଜିଲ୍ଲାପାଳ ଭି କୀର୍ତି ଭାସନଙ୍କ ସହ ଏସଏଚ ସତ୍ୟବାନ ଖଞ୍ଜି (ଡିଆଇଜି ବିଏସଏଫ ସେକ୍ଟର କୋରାପୁଟ) ରନ ଫ୍ଲାଗ କରାଯାଇଥିଲା। ସେମାନଙ୍କ ବ୍ୟତୀତ କୋରାପୁଟ ପୌର ଅଧ୍ୟକ୍ଷ ଲାଲତ ରଂଜନ ସେଠୀ କୋରାପୁଟ ଏସଡିପିଓ , ମିସ୍ ଶ୍ରାବଣୀ ନାୟକ, ସଞ୍ଜୟ ଦାସ, କମାଣ୍ଡାଂଟ ୧୮୦ ବିଏନ୍ ବିଏସ୍ଏଫ୍ ଏହି ଉତ୍ସବରେ ଯୋଗ ଦେଇଥିଲେ। ଉଭୟ ବର୍ଗରେ ରନ୍ ବିଜେତାମାନଙ୍କୁ ସମ୍ମାନିତ ଅତିଥିମାନେ ନଗଦ ପୁରସ୍କାର ପ୍ରଦାନ କରିଥିଲେ। ସତ୍ୟବନ ଖାନଚି, ଡିଆଇଜି ବିଏସଏଫ କୋରାପୁଟ ସମସ୍ତ ଅଂଶଗ୍ରହଣକାରୀ, ନାଗରିକ ମାନ୍ୟଗଣ୍ୟ ବ୍ୟକ୍ତି, ପୋଲିସ ଏବଂ ବିଏସଏଫ ଟ୍ରୁପସ ମାନଙ୍କୁ ବିଶେଷ ଭାବରେ କମାଣ୍ଡାଂଟ ୧୮୦ ବିଏନଏସଏଫ ଏବଂ ତାଙ୍କ ଦଳକୁ ନକ୍ସଲ ପ୍ରଭାବିତ ଅଂଚଳରେ ଏହିପରି ଉତ୍ସାହଜନକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅଂଚଳରେ ବିଏସ୍ଏଫ୍ ଦ୍ୱାରା କରାଯାଇଥିବା ପ୍ରୟାସରେ ଲୋକ ଏବଂ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଖୁସି ବ୍ୟକ୍ତ କରିଛନ୍ତି ଯାହା ବଳ ଏବଂ ସାଧାରଣ ନାଗରିକଙ୍କ ମଧ୍ୟରେ ସୁସ୍ଥ ଏବଂ ପାରସ୍ପରିକ ସମନ୍ୱୟ ଆଣିଥାଏ।

# ୨୧ ଗ୍ରାମ ବ୍ରାଉନସୁଗାର ଜବତ : ୩ ଗିରଫ

କେନ୍ଦୁଝର, ୦୨/୧୨ (ନି.ପ୍ର): କେନ୍ଦୁଝରରେ ବ୍ରାଉନ ସୁଗାର କାରବାର । ୨୧ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି ଟାଉନ ପୋଲିସ । କେନ୍ଦୁଝର ସହରରେ ବ୍ରାଉନ ସୁଗାର କାରବାର ସମ୍ପର୍କରେ ବିଭିନ୍ନ ସମୟରେ ଅଭିଯୋଗ ମାନ ଆସୁଥିବା ସମୟରେ ପୋଲିସ ଏ ଦିଗରେ ବିଶେଷ ଧ୍ୟାନ ଦେଉ ନଥିଲା । ଫଳରେ ଏହା ବଢି ଚାଲିଥିଲା । ବର୍ତ୍ତମାନ କିନ୍ତୁ ପୋଲିସ ଏ ଦିଗରେ ସକ୍ରିୟ ହୋଇ ଉଠିଛି। ଟାଉନ ଥାନା ଘୁଟୁର ଅଂଚଳରେ ବ୍ରାଉନସୁଗାର କରବାର ଚାଲିଥିବା ନେଇ ଏକ ବିଶେଷ ସୂତ୍ରରୁ ଖବର ପାଇ ଶନିବାର ଟାଉନ ଥାନା ପୋଲିସ ସେହି ଅଂଚଳରେ ଅଚାନକ ଚଢଉ କରିଥିଲା । ଯେଉଁଠାରେ ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୧ ଗ୍ରାମ ବ୍ରାଉନସୁଗାର ଜବତ କରିଛି ପୋଲିସ । ଗିରଫ ହୋଇଥିବା ୩ ଜଣ ହେଲେ ପଶ୍ଚିମବଙ୍ଗ ରାଜ୍ୟ ରଣାଘାତ ଥାନା ଅଂଚଳର ଦେବାଶିଷ, ଭଦ୍ରକ ଜିଲ୍ଲାର ଚନ୍ଦ୍ରମଣୀ ସାହୁ, ଘଟଗାଁର ବାସୁଦେବ ତ୍ରିପାଠୀ । ସେମାନଙ୍କ ନିକଟରୁ ବ୍ରାଉନସୁଗାର ସହିତ ଟଙ୍କା, ମୋବାଇଲ ଫୋନ, ହୋଣ୍ଡା ସ୍କୁଟି ଜବତ କରିଛି ପୋଲିସ । ଏହାର ମୁଖ୍ୟ କିଙ୍ଗପିନ କୁ ଧରିବାକୁ ପୋଲିସ ଅଧିକ ତଦନ୍ତ ଚଳାଇଛି ବୋଲି କହିଛନ୍ତି ଅତିରିକ୍ତ ଏସପି ମନୋଜ କୁମାର ରାଉତ।

# ଜିଲ୍ଲା ସ୍ତରୀୟ ବିଶ୍ୱ ଏଡ଼ସ ଦିବସ ପାଳନ

ବଲାଙ୍ଗିର, ୦୨/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ଏଡ୍ ?ସ ଦିବସ ପାଳନ ହୋଇଛି । ଏହି ଉପଲକ୍ଷେ ଆଶା, ଏ.ଏନ୍. ଏମ୍, ଅଙ୍ଗନୱାଡ଼ି ର କର୍ମୀ ମାନଙ୍କୁ ଏଚ୍. ଆଇ. ଭି. ଉପରେ ସଚେତନତା କରାଯାଇଛି । ଏମ୍ ସି ଏଚ୍ ବିଲଡିଂ ଠାରୁ ଏ ଏନ୍ ଏମ୍ ଟି ଏସ୍ ର ଛାତ୍ରୀ, ଆଶା, ଏ.ଏନ୍. ଏମ୍. ଅଙ୍ଗନୱାଡ଼ି ର କର୍ମୀ, ହେଲ୍‌ଥ ଷ୍ଟାଫ, ବିଭିନ୍ନ କଲେଜର ଛାତ୍ର ଓ ଲେକଚର, ଏନ୍ ଜି ଓ ର କର୍ମ କର୍ତା ଏକ ପଦ ଯାତ୍ରା ଓ ସଚେତନତା ଅଭିଯାନର ଅଟୋ ରିକ୍ ?ସାକୁ ସିଡିଏମଓ ଡା. ରମେଶ ଚନ୍ଦ୍ର ସାହୁ ଓ ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ଓ ସଚେତନତା ଅଭିଯାନ ସହିତ ପ୍ଲାକାର୍ଡ୍, ସ୍ଲୋଗାନ ମାଧ୍ୟମରେ ନଗର ପରିକ୍ରମା କରି ସିଡିଏମୋପିଏଚ୍ ଅଫିସ୍ ପ୍ରାଙ୍ଗଣରେ ସମାପନ ହୋଇଥିଲା । ଏହି ବିଶ୍ୱ ଏଡ଼ସ ଦିବସ ଉପଲକ୍ଷେ ଏକ ସେଚ୍ଛାକୃତ ରକ୍ତଦାନ ଶିବିର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଶାସ୍ତ୍ରୀ ନଗର ଠାରେ ଅନୁଷ୍ଠିତ ହୋଇଥିଲା । ଏହାକୁ ଡା. ରମେଶ ଚନ୍ଦ୍ର ସାହୁ ସିଡିଏମ୍‌ଓ ଶୁଭାରମ୍ଭ କରିଥିଲେ । ଏଠାରେ ବିଭିନ୍ନ ସଂଗଠନର ସେଚ୍ଛାକୃତ ରକ୍ତ ଦାତା ରକ୍ତ ପ୍ରଦାନ କରିଥିଲେ । ଏହା ପରେ ଏନ୍ ଏଚ୍ ଏମ୍ ସଭା ଗୃହରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶାନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥ୍ୟ ଭାବେ ଯୋଗ ଦାନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଡ. ସିଧେଶ୍ୱର ମାଝୀ, ଏ ଡି ପି ଏଚ୍ ଓ (ଟିବି), ଶ୍ରୀ ଯୁକ୍ତ ଲମ୍ବୋଦର ଦୀପ୍ ଚେୟାର ପର୍ସନ ସି ଡବ୍ଲୁ ସି, ଓ ଅନ୍ୟ ଲାଇନ ଡିପାର୍ଟମେଟର ଅଫିସର ମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇଥିଲା, ଏ.ଏନ୍.ଏମ୍.ଟି.ଏସ୍.. ଛାତ୍ରୀମାନେ ପ୍ରାରମ୍ଭିକ ଉଦ୍‌ଘାଟନୀ କବିତା ପାଠ କରିଥିଲେ। ୨୦୩୦ ମଧ୍ୟରେ ଏଚ୍ ଆଇ ଭି କୁ ସମୂଳେ ଉତ୍ପାଟନ କରିବା ପାଇଁ ସବୁ ସ୍ତରରେ ସଠିକ୍ ମାର୍ଗ ଅନୁସରଣ କରି ସ୍ୱାସ୍ଥ୍ୟଗତ ଅଧିକାରକୁ ପ୍ରାଧାନ୍ୟ ଦେବା ଓ ଅସମାନତାକୁ ଦୂର କରିବା ଓ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା । ତେଣୁ ଅଧିକରୁ ଅଧିକ ସଚେତନତା ଜନ ସାଧାରଣଙ୍କ ମଧ୍ୟରେ ବୃଦ୍ଧି କରାଇବା ଏହାର ମୂଳ ଲକ୍ଷ୍ୟ । ଏହି ସାଧାରଣ ସଭାକୁ ଶ୍ରୀ ରାଜେନ୍ଦ୍ର ମହାରଣା (ଡି ପି ଏମ୍ – ଡାପସୁ) ସୁ ପରିଷ୍କଳନା କରିଥିଲେ । ଶେଷରେ ଏ. ଏନ୍. ଏମ୍.ଟି.ଏସ୍.. ଛାତ୍ରୀମାନେ ଉଦ୍‌ଯାପନୀ କବିତା ପାଠ କରିଥିଲେ । ପରିଶେଷରେ ଏହି ସାଧାରଣ ସଭାରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟଙ୍କୁ ରାଜେନ୍ଦ୍ର ମହାରଣା (ଡି ପି ଏମ୍ – ଡାପସୁ) ଧନ୍ୟବାଦ ଜ୍ଞାପନ କରି ସଭା ଶେଷ କରିଥିଲେ । ସଂଧ୍ୟା ସମୟରେ ମୁଖ୍ୟ ଡାକ୍ତରଖାନା ଏବଂ ବିବିଏମସିଏଚ ସମ୍ମୁଖରେ ଏକ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜିଲ୍ଲା ଓକିଲ ସଂଘ ନାମକୁ ବ୍ୟବହାର କରିବାକୁ ନେଇ ନିନ୍ଦା କଲେ ସମ୍ପାଦକ: ଜିଲ୍ଲାପାଳଙ୍କୁ ଭେଟିବ ସଂଘ

ମାଲକାନଗିରି, ୦୨/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଲଏର ଆସୋସିଏସନ ତାର ନିଜସ୍ୱ ଗୃହ ସାଂସଦ, ବିଧାୟକ ପାଣ୍ଡି ଓ ମେମ୍ବର ମାନଙ୍କ ଡୋନେସନରେ ଗୃହ ନିର୍ମାଣ ସରିଛି। ଉକ୍ତ ସଂସ୍ଥା ଓକିଲ ମାନଙ୍କ ପାଇଁ କାମ କରୁଛି ସେଥିରେ ଜିଲ୍ଲା ଓକିଲ ସଂଘ ର କୌଣସି ଭୂମିକା ନାହିଁ। ଜିଲା ବାର ଆସୋସିଏସନ ଏବଂ ଓକିଲ ମାନଙ୍କ ପାଇଁ ଜୁଡିସିଆଲ କଂପ୍ଲେକ୍ସ ଭିତରେ ବିଲିଡିଂ ହାଇକୋର୍ଟ ଯୋଗାଇ ଦେବାର ପ୍ରାବିଧାନ ରହିଛି। ସେଥିପାଇଁ ଚିଠି ନମ୍ବର ୧୨୭୧୦ ତାରିଖ୦୮/୦୮/୨୪ ହାଇକୋର୍ଟ ଜିଲ୍ଲା ଜର୍ଜ କୁ ବାର ଆସୋସିଏସନ ର ନୂତନ ଗୃହ ପାଇଁ ଫିଜୁବୁଲିଟି ରିପୋର୍ଟ ମାଗିଥିଲେ। ଜିଲ୍ଲା ଜର୍ଜଙ୍କ ତରଫରୁ ଫିଜିବୁଲିଟି ରିପୋର୍ଟ ହାଇ କୋର୍ଟ କୁ ଦିଆ ସରିଛି। ଜୁଡିସିଆଲ କଂପ୍ଲେକ୍ସ ଭିତରେ ଖୁବ ଶୀଘ୍ର ଜିଲା ବାର ଆସୋସିଏସନ ର ଗୃହ ଓ ସଭା ଗୃହ ନିର୍ମାଣ ହେବ। କିଛି ବାର ଆସୋସିଏସନ ସଭ୍ୟ ଓ ସଭାପତି ଶନିବାର ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି ତାହା ତାଙ୍କର ବ୍ୟକ୍ତିଗତ । ସେଥିରେ ବାର ଆସୋସିଏସନ ନାମ ଓ ସମ୍ପାଦକ ବିଜୁ ସରକାର ସେମାନଙ୍କ ସହ ନଥିବା ବେଳେ ତାଙ୍କ ନାମ ବ୍ୟବହାର କରିଥିବା ନିନ୍ଦନୀୟ। ବ୍ୟକ୍ତିଗତ ଅଭିଯୋଗକୁ ବାର ଆସୋସିଏସନ ନାମ ଦେଇ ଆମ ଅନ୍ୟ ସମସ୍ତ ସଭ୍ୟ ଓ ଏକଜେକ୍ୟୁଟିଭ ବଡି ନଜାଣିଥିବା ବେଳେ ଏହା ଭିତିହିନ ଅଭିଯୋଗକୁ ଆମେ ସଂଘ ତରଫରୁ ଖଣ୍ଡନ କରୁଛୁ। ଏନେଇ ଯେଉଁ ଗଣମାଧ୍ୟମ ଖବର ପ୍ରକାଶ କରିଛନ୍ତି, ସତ୍ୟାସତ୍ୟ ଆନୁଧ୍ୟାନ କରି ଖବର ପରିବେଷଣ କରିବାକୁ ଅନୁରୋଧ କରାଯାଇଛି। ଏନେଇ ଓକିଲ ସଂଘ ସଭା ଗୃହରେ ଏକ ଜରୁରୀ ବୈଠକ ଡକା ଯାଇଥିଲା। ସେହି ବୈଠକରେ ନିଷ୍ପତ୍ତି ହୋଇଛି ସୋମବାର ବାର ଆସୋସିଏସନ ତରଫରୁ ସମସ୍ତ ସତ୍ୟ ଜିଲାପାଳ ଓ ଜିଲାଜର୍ଜ ଙ୍କ ନିକଟରେ ଦିଆଯିବ। ଲୟର ଆସୋସିଏସନ ଜନସାଧାରଣ ଓ ସାଧାରଣ ଜନତା ପାଇଁ କାମ କରୁଛନ୍ତି। ସେମାନଙ୍କୁ ଧନ୍ୟବାଦ ଦେବା କଥା। ତା ବଦଳରେ ଏଭଳି କରିବା ନିନ୍ଦନୀୟ। ଜିଲ୍ଲାରେ ବିଭିନ୍ନ ସଂଘ ତାର କାର୍ଯ୍ୟାଳୟ କରିଥିବା ବେଳେ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ କରିବା ନିନ୍ଦନୀୟ।

# ତହଁକ୍ କୁଟୁମ୍‌ର ଭାବର୍ ଭେଟ୍

ବଲାଙ୍ଗିର, ୦୨/୧୨ (ନି.ପ୍ର): କଦଲିମୁଡା ନର୍ସରୀ ଠାରେ ତହଁକ୍ କୁଟୁମ୍ ପକ୍ଷରୁ ଭାବର୍ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋପୀନାଥ ଦଣ୍ଡସେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଶୋକ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀ, କଣ୍ଠଶିଳ୍ପୀ ବ୍ୟାସଦେବ ପୁରୋହିତ, କବି ନିରଂଜନ ପଣ୍ଡା, ଅରୁଣ ମିଶ୍ର ଯୋଗ ଦେଇଥିଲେ। ସାମ୍ବାଦିକତା କ୍ଷେତ୍ରରେ ଓଟିଭି କେମେରା ପର୍ସନ୍ କରୁଣାକର ପଧାନ, ପ୍ରେରଣା ସଂପାଦକ ରଘୁନନ୍ଦନ ସିଂହ, ଅନୁପମ୍ ଭାରତ୍ ପ୍ରତିନିଧି ଯୁଧିଷ୍ଠିର ମେହେର, ମହାଭାରତ ପ୍ରତିନିଧି ଜଗନ୍ନାଥ ଧରୁଆଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରିୟାକାନ୍ତ ଦାଶ ସ୍ୱାଗତ୍ ଭାଷଣ ଦେଇଥିବାବେଳେ ଦିଲିପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରାଜେଶ ଦଣ୍ଡସେନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଏବଂ ମୁଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରସିଦ୍ଧ ଚଳଚିତ୍ର ଅଭିନେତା ଅଟଳ ବିହାରି ପଣ୍ଡାଙ୍କ ଜନ୍ମ ଦିନ ଅବସରରେ ଅତିଥି ମାନଙ୍କ ଦ୍ୱାରା ଅଂଗରା ପତ୍ରିକା ଲୋକାର୍ପିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଗୋପବନ୍ଧୁ ଶତପଥୀ, ବିରେନ୍ଦ୍ର ଝାଂକର୍, ପାର୍ଥ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମନୋରଞ୍ଜନ ଯୋଷୀ, ଅଞ୍ଜନ ପଧାନ, ଘଟେଶ୍ୱର ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ବିଭୁକଲ୍ୟାଣ ଗଡତ୍ୟା, ରାଜୀବ ଷଡଙ୍ଗୀ, ଚନ୍ଦ୍ରଭାନୁ ମୌଲାନା, ମୁକେଶ ବହିଦାର, ମହେନ୍ଦ୍ର ପଧାନ, ବାରଣ ଭୂୟାଁ, ପଲସି ବରିହା ପ୍ରମୁଖଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମିଲନ ପଣ୍ଡା, ଭରତ ମେହେର, ଶଂକର୍ଷଣ ସାହୁ, ପ୍ରଭାସିନି ଭୋଇ, ଗୋପାଲ ମେହେର, ପୁଷ୍ପାଞ୍ଜଳି ମେହେର, ଭବାନୀ ମିଶ୍ର, ବିବେକ ପ୍ରଧାନ, ସୁଦେଷ୍ଣା ମିଶ୍ର, ସାଲିନି ସା, ଗିତାଞ୍ଜଳୀ ମିଶ୍ର, ପୂର୍ଣ୍ଣିମା ମିଶ୍ର, ଜୋତିରାଣୀ ମିଶ୍ର,ରାଜୀବ ଭୋଇ,ପ୍ରଶାନ୍ତ ମହାକୁର, ଦୁଃଖିଶ୍ୟାମ ଦିକ୍ଷିତ, ରଂଜନ ଦିକ୍ଷିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିଶ୍ୱାମ୍ବ ବିଦ୍ୟା ମନ୍ଦିର, ବଲାଙ୍ଗୀରରେ 'ଅଷ୍ଟମ ଆନ୍ତଃ ବିଦ୍ୟାଳୟ ବିଜ୍ଞାନ, ଚିତ୍ର ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀ'

ବଲାଙ୍ଗିର, ୦୨/୧୨ (ନି.ପ୍ର): ବିଶ୍ୱାମ୍ବ ବିଦ୍ୟା ମନ୍ଦିର, ବଲାଙ୍ଗିରରେ ଅଷ୍ଟମ ଆନ୍ତଃ-ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳା ପ୍ରତିଯୋଗୀତା ୨୯ ଏବଂ ୩୦ ନଭେମ୍ବର ଦୁଇ ଦିନ ଧରି ହର୍ଷୋଲ୍ଲାସପୂର୍ବକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପୂଜ୍ୟପାଦ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ଦିବ୍ୟ ଉପସ୍ଥିତିରେ ଦୀପ-ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମ ପ୍ରାରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଶ୍ୱାମ୍ବ ବିଦ୍ୟା ମନ୍ଦିରର ବିଭିନ୍ନ ଶାଖାମାନଙ୍କର ୧୦୩ଟି ବିଜ୍ଞାନ ପ୍ରକଳ୍ପ ଏବଂ ୧୫୦ଟି କଳା ଏବଂ ହସ୍ତଶିଳ୍ପ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ଏବଂ ତନ୍ମଧ୍ୟରୁ ୧୦ଟି 'ଶ୍ରେଷ୍ଠ ବିଜ୍ଞାନ ପ୍ରକଳ୍ପ' ନିର୍ବାଚିତ ହୋଇଥିଲା । ଏହି ଅବସରରେ ପୂଜ୍ୟପାଦ ଶ୍ରୀ ସ୍ୱାମୀଜୀ ମହାରାଜ ଛାତ୍ର-ଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିକୋଣର ଅଭିବୃଦ୍ଧି ବିକାଶ ଉପରେ ଗୁରୁତ୍ୱଦେଇ କହିଥିଲେ ଯେ ଭାରତୀୟ ପୁରାତନ ଋଷିମୁନୀମାନେ ବୈଜ୍ଞାନିକ ଥିଲେ । ଜୀବନ ଏବଂ ଜଗତର ଅନେକ ତଥ୍ୟ ସେମାନେ ଅନୁସନ୍ଧାନ କରୁଥିଲେ ଏବଂ ଆମେ ସମସ୍ତେ ସେହି ଋଷି ବୈଜ୍ଞାନିକମାନଙ୍କ ଦାୟାଦ । ପ୍ରଥମ ଦିନ ସନ୍ଧ୍ୟାରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆକୃଷ୍ଟ କରିଥିଲା । ଦ୍ୱିତୀୟ ଦିବସ ଉଦ୍‌ଯାପନ ସମାରୋହରେ ସମସ୍ତ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ବିଶ୍ୱାମ୍ବ ଚେତନା ପରିଷଦର ସାଧାରଣ ସମ୍ପାଦକ ତଥା ବିଦ୍ୟାଳୟ ଚେୟାରମ୍ୟାନ ସ୍ୱାମୀ ସତ୍ୟବେଦାନାନ୍ଦ ସରସ୍ୱତୀଜୀ, ପୂଜ୍ୟ ସ୍ୱାମୀ ମାଧବାନନ୍ଦ ସରସ୍ୱତୀ (ମାଲକାନଗିରି), ବିଦ୍ୟାମନ୍ଦିରର, ବଲାଙ୍ଗୀରର ସମ୍ପାଦକ ନବୀନ କୁମାର ବେଦବାକ, ବିଶ୍ୱାମ୍ବ ବିଦ୍ୟା ଉଚ୍ଚ ବିଦ୍ୟାଳୟ ପ୍ରାଚାର୍ଯ୍ୟ ଡଃ. ସୁଶାନ୍ତ କୁମାର ପ୍ରଧାନ, ନିର୍ଦ୍ଦେଶିକା ମା ଶ୍ରଦ୍ଧାମୂର୍ତି, ବିଦ୍ୟାମନ୍ଦିରର, ସମ୍ବଲପୁରର ସମ୍ପାଦକ ବିମଳ ପ୍ରସାଦ ପାଣ୍ଡିଆ, ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ତ୍ରିପାଠୀ, ବିଜ୍ଞାନମେଳା ସଂଯୋଜକ ଚନ୍ଦ୍ରକୁମାର ପୁରୋହିତ ଉପସ୍ଥିତ ରହିଥିଲେ । ଏହି ସମ୍ପୂର୍ଣ୍ଣ ବିଜ୍ଞାନମେଳାକୁ ବିଦ୍ୟାମନ୍ଦିରର ବିଜ୍ଞାନ ବିଭାଗ ପ୍ରମୁଖ ସୁଶ୍ରୀ ଇଲାମୟୀ ପଟ୍ଟନାୟକ, ରାଜାରାମ ପୁରୋହିତ ଏବଂ ଜୟରାମ ଭୋଇ ପରିଚାଳନା କରିଥିବା ବେଳେ ବିଶ୍ୱାମ୍ବ ବିଦ୍ୟାମନ୍ଦିରର ସଂଯୋଜକ ସମ୍ବିତ୍ କୁମାର ସଭାକାର୍ଯ୍ୟର ସଂଯୋଜନା କରିଥିଲେ ।

# ଜୁନିଅର ରେଡକ୍ରସ ତରଫରୁ ଏକମ୍ବା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ

ଜୟପୁର, ୦୨/୧୨ (ନି.ପ୍ର): ବିଶ୍ୱ ଏଡସ୍ ଦିବସ ସରକାରୀ ଉଚ୍ଚ ବିଦ୍ୟାଳୟ, ଏକମ୍ବାରେ ଜୁନିଅର ରେଡକ୍ରସ ତରଫରୁ ପାଳନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଡ଼ଃ. ଜ୍ୟୋସ୍ନା ମିଶ୍ର ସଭାପତିତ୍ୱ କରିଥିଲେ । ଜୁନିଅର ରେଡକ୍ରସ ପରାମର୍ଶଦାତା ମନୋଜ କୁମାର ମିଶ୍ର ବେଦପାଠ କରିବା ସହିତ ସଭା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୁରର ପରାମର୍ଶଦାତା ମନୋଜ କୁମାର ପଣ୍ଡା ଓ ସୁଧୀର କୁମାର ପଣ୍ଡା ମହୋଦୟ ଯୋଗଦେଇ ବହୁତ ସୁନ୍ଦର ଭାବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅନ୍ୟମାନଙ୍କୁ ପରାମର୍ଶ ଦେଇ ସଚେତନତାର ବାର୍ତା ଦେଇଥିଲେ । ଏହି ଉପଲକ୍ଷେ ଛତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରି ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ବି. ନଳୀନ କୁମାର, ଉମାରାଣୀ ସାହୁ, ରାଜଲକ୍ଷ୍ମୀ ପ୍ରିୟା ସାମନ୍ତରାୟ, ପ୍ରସନ୍ନ କୁମାର ପାଣିଗ୍ରାହୀ, ବୃନ୍ଦାବତୀ ଖୋରା, ଶୁଭଙ୍କର ଦାଶ ମହୋଦୟମାନେ ଓ ଜୁନିୟର୍ସମାନେ ବିଶେଷ ଭାବରେ ସହଯୋଗ କରିଥିଲେ।

# ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ ଓଡ଼ିଶା କେନ୍ଦୁଝର ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ

କେନ୍ଦୁଝର, ୦୨/୧୨ (ନି.ପ୍ର): କେନ୍ଦୁଝର ସହର କଲେଜ ଛକ ନିକଟସ୍ଥ 'ହୋଟେଲ ସାନ୍ସ' ଠାରେ ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ (ଏସୟୁଜେ) ଓଡ଼ିଶା' କେନ୍ଦୁଝର ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ସଭାପତି ବିନୟ ଭୂଷଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକକୈଳାଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, କେନ୍ଦୁଝର ଜିଲ୍ଲା ଶାଖା ପର୍ଯ୍ୟବେକ୍ଷକ ରାଜ୍ୟ ଉପ ସଭାପତି ବାସୁଦେବ ତ୍ରିପାଠୀ ମୁଖ୍ୟ ବକ୍ତା, ରାଜ୍ୟ ଉପଦେଷ୍ଟା ବିଭୂତି ଭୂଷଣ ପଟ୍ଟନାୟକ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିଲ୍ଲିପ କୁମାର ମିଶ୍ର,ରାଜ୍ୟ ଯୋଗାଯୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶୀଭୂଷଣ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଡ଼ଃ. ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ 'ଗଣମାଧ୍ୟମ ର ଭବିଷ୍ୟତ' ଉପରେ ଆଲୋଚନା କରିଥିଲେ। ରାଜ୍ୟ ସଭାପତି ଶ୍ରୀ ନାୟକ ଏସୟୁଜେ ଓଡ଼ିଶା ର ଲକ୍ଷ୍ୟ ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ରଖିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀକୁମାର ମିଶ୍ର ବିବରଣୀ ପାଠ କରିଥିବା ବେଳେ ବିଦାୟୀ କୋଷାଧ୍ୟକ୍ଷ ପାର୍ଥସାରଥୀ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ ବ୍ରଜ କିଶୋର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୨୦୨୫-୨୬ ବର୍ଷ ନିମନ୍ତେ ନୂତନ ଜିଲ୍ଲା କମିଟି ସର୍ବସମ୍ମତି କ୍ରମେ ଘୋଷଣା କରାଯାଇଥିଲା। ସଭାପତି:- ବିନୟ ଭୂଷଣ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି:- ଶ୍ରୀକୁମାର ମିଶ୍ର, ସାଧାରଣ ସମ୍ପାଦକ:- ପାର୍ଥସାରଥୀ ମିଶ୍ର। ଉପସଭାପତି:- (୧): ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ (୨) ସତ୍ୟଜିତ ସାହୁ (୩) ସନ୍ତୋଷ କୁମାର ପତି (୪) ମୋହନ ମୂର୍ତି, ସଂଗଠନ ସମ୍ପାଦକ:- ସୁଜଳ କୁମାର ସେଠୀ, ସମ୍ପାଦକ:-(୧) କିଶୋର କୁମାର ଆଚାର୍ଯ୍ୟ (୨) ବ୍ରଜ କିଶୋର ରାୟ (୩) ଗଦାଧର ସାହୁ, କୋଷାଧ୍ୟକ୍ଷ:- ସଞ୍ଜୟ କୁମାର ପଣ୍ଡା, ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଅଧ୍ୟକ୍ଷ:-ବିଭୂତି ଭୂଷଣ ପଟ୍ଟନାୟକ, କାର୍ଯ୍ୟକାରିଣୀ ସଭ୍ୟ:-୧- ସ୍ୱପ୍ନେଶ୍ୱର ପଣ୍ଡା, ୨- ସନ୍ତୋଷ କୁମାର ରାଉତ। ୩- ନାରାୟଣ ଚନ୍ଦ୍ର ସାହୁ, ୪- ସୁଶ୍ରୀ ସଙ୍ଗୀତା ଦେଓ, ୫- ଦୀପା ଗୋଛାୟତ, ୬- ଉମାକାନ୍ତ ଦାସ, ୭- ରମେଶ ଚନ୍ଦ୍ର ମହାନ୍ତ।ବ୍ଲକ ସଂଯୋଜକ:- ଆନନ୍ଦପୁର: ଉପେନ୍ଦ୍ର ସାହୁ, ଘଷିପୁରା:- ଗତିକୃଷ୍ଣ ଭୁୟାଁ, ହାଟଡିହି:- ପାର୍ଥ ସୌରଭ ସା, ଯୋଡ଼ା:- ଦିଗାମ୍ବର ବେହେରା, ଚମ୍ପୁଆ:- ପ୍ରଦୀପ ମହାନ୍ତ, ସାହାରପଡା:- ରଜନୀକାନ୍ତ ବେହେରା, ବାଂଶପାଳ:- ଭୋଲାନନ୍ଦ ମହାନ୍ତ, ସଦର ବ୍ଲକ:- ପୂର୍ଣ୍ଣ ଚନ୍ଦ୍ର ଦାସ, ସମସ୍ତ ନବ ନିର୍ବାଚିତ କର୍ମକର୍ତା ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ ।

# ଗନ୍ଧମାର୍ଦ୍ଦନ ଗଣଧାରଣା ସମର୍ଥନରେ ରାଜ୍ୟ ଯୁବ ବିଜେଡି ସଂପାଦକ ଅଜିତ ଯୋଶୀ

ବଲାଙ୍ଗିର, ୦୨/୧୨ (ନି.ପ୍ର): ଗନ୍ଧମାର୍ଦ୍ଦନ ପାହାଡ ତଳେ ଆଦାନୀ କମ୍ପାନୀ ଜମି କିଣିବା ପରେ ବଲାଙ୍ଗିର ଜିଲ୍ଲାରେ ରାଜନୀତି ସରଗରମ ହୋଇଥିବା ବେଳେ ଏହି ପ୍ରସଙ୍ଗରେ ବିଧାନସଭାରେ ମଧ୍ୟ ବାକ ବିତଣ୍ଡା ହୋଇଛି । ଆଦାନୀ କମ୍ପାନୀକୁ ଆଣି ଗନ୍ଧମାର୍ଦ୍ଦନ ପାହାଡରେ ଖଣି ଖନନ କରିବା ପାଇଁ ରାଜ୍ୟ ସରକାର ଯୋଜନା କରି ବିକ୍ରି କରୁଥିବା ଅଭିଯୋଗ ହେଉଛି। ଆଦାନୀ ହଟାଓ ଗନ୍ଧମାର୍ଦ୍ଦନ ବଂଚାଓ ଦାବୀ ନେଇ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପକ୍ଷରୁ ନଭେମ୍ବର ୨୫ ତାରିଖରୁ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଗଣ ଧାରଣା ଚାଲୁ ରହିଛି । ପ୍ରତ୍ୟକ ଦିନ ଖପ୍ରାଖୋଲ ବ୍ଲକ ବିଭିନ୍ନ ପଂଚାୟତ ବାସୀ ଧାରଣାକୁ ସମର୍ଥନ କରୁଥିବା ବେଳେ ଶନିବାର ଷଷ୍ଠ ଦିନରେ ଗଣ ଧାରଣା ପହଂଚି ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅଜିତ ଯୋଶୀ ତାଙ୍କ ସମର୍ଥକଙ୍କ ସହ ଯାଇ ସମର୍ଥନ ଜଣାଇ ଧାରଣା ବସିଛନ୍ତି। ବିଜେପି ସରକାର ଆସିବା ମାତ୍ରେ ସବୁ ବିକ୍ରି କରିଦେବାକୁ ଯୋଜନା ଆରମ୍ଭ କରିଛି ବୋଲି ଅଭିଯୋଗ ହୋଇଛି । ଯେଉଁ ଗନ୍ଧମାର୍ଦ୍ଦନକୁ ଆମ ଅଂଚଳ ଲୋକେ ଭଗବାନ ବୋଲି ପୂଜା କରୁଛନ୍ତି ତାହାକୁ ମଧ୍ୟ ଆଦାନୀ କମ୍ପାନୀ ଠାରେ ବିକ୍ରି କରିବାକୁ ଯୋଜନା କରିସାରିଛନ୍ତି। ଏହି ଗନ୍ଧମାର୍ଦ୍ଦନରେ ଅନେକ ଔଷଧିୟ ବୃକ୍ଷ ଥିବା ବେଳେ ଏହି ଗନ୍ଧମାର୍ଦ୍ଦନକୁ ନିର୍ଭର କରି ହଜାର ହଜାର ପରିବାର ତାଙ୍କ ଜୀବନ ଜୀବିକା ନିର୍ଭର କରୁଛନ୍ତି। ରାଜ୍ୟ ସରକାର ଓ ବନ ବିଭାଗ କହୁଛି ଆଦାନୀ କମ୍ପାନୀ ବୃକ୍ଷ ରୋପଣ ପାଇଁ ଗନ୍ଧମାର୍ଦ୍ଦନ ତଳେ ଜମି କିଣିଛି। ଗନ୍ଧମାର୍ଦ୍ଦନରେ ଭରପୁର ବୃକ୍ଷ ର ଜଙ୍ଗଲ ରହିଛି ଯଦି ବୃକ୍ଷ ରୋପଣ କରି ଜଙ୍ଗଲ ସୃଷ୍ଟି କରିବାର ଅଛି ତେବେ ରାଜ୍ୟର ସର୍ବାଧିକ ତାପମାତ୍ରା ଥିବା ଟିଟିଲାଗଡ ଅଂଚଳରେ ହଜାର ହଜାର ହେକ୍ଟର ସରକାରୀ ଜମି ରହିଥିବା ବେଳେ ସେହି ଅଂଚଳରେ କାହିଁକି ଆଦାନୀ କମ୍ପାନୀ ବୃକ୍ଷ ରୋପଣ କଲାନାହିଁ। ଜାଣିଶୁଣି ଗନ୍ଧମାର୍ଦ୍ଦନ ପର୍ବତରେ ଖଣି ଖନନ କରିବାକୁ ଆଦାନୀ ଜମି କିଣିଛି।

# ମହିଳାଙ୍କୁ ଯୌତୁକ ନିର୍ଯାତନା: ସ୍ୱାମୀ ନାମରେ ମାମଲା

ଜୟପୁର, ୦୨/୧୨ (ନି.ପ୍ର): ମହିଳାଙ୍କୁ ଯୌତୁକ ପାଇଁ ଶାରିରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ମହିଳା ପୋଲିସ ନବରଙ୍ଗପରୁ ଜିଲା ତେନ୍ତୁଳିଖୁଂଟି ଥାନା ଅଂଚଳର କାଦାର ଖାନ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପୋଲିସ ସୂଚନା ଅନୁଯାୟୀ ବିସିଂପୁର ଥାନା ଅନ୍ତର୍ଗତ ରତାଳି ଗ୍ରାମର ସୁଭନ ବିବି ଗତ ୨୦୧୫ ମସିହାରେ ତେନ୍ତୁଳିଖୁଂଟି ଥାନା ଅଂଚଳର କାଦାର ଖାନ ବିବାହ କରିଥିଲେ । ଅଭିଯୁକ୍ତ ସ୍ୱାମୀ ଯୌତୁକ ପାଇ ଶାରିରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ସେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ୨୧୪/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ମହିଳା ଥାନା ଅଧିକାରି ଅନିତା କୁଜୁର ସୂଚନା ଦେଇଛନ୍ତି ।

# ବିଜ୍ଞାପନ ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲା ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନ

ଗଞ୍ଜାମ, ୦୨/୧୨ (ନି.ପ୍ର): ଭାରତ ବର୍ଷର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ପ୍ରାୟତଃ ସରକାରୀ ବିଜ୍ଞାପନ ଉପରେ ନିର୍ଭର କରିଥାନ୍ତି । ୨୦୧୫ ପର୍ଯ୍ୟନ୍ତ ଡିଏଭିପି ପକ୍ଷରୁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକୁ ଜାତୀୟ ଦିବସ ତଥା ସ୍ୱାଧୀନତା ଓ ସାଧାରଣତନ୍ତ୍ର ଦିବସ, ଆମ୍ବେଦକର ଓ ଗାନ୍ଧୀ ଜୟନ୍ତୀ ଭଳି ଦିବସ ମାନଙ୍କରେ ବିଜ୍ଞାପନ ଡିଏଭିପି ଜରିଆରେ ପ୍ରଦାନ କରି ଆସୁଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା, ଭାଜପା ସରକାର ଗଠନ ହେବା ପରେ ସମ୍ପୃକ୍ତ ଖବରକାଗଜଗୁଡ଼ିକୁ ବିଜ୍ଞାପନ ପ୍ରଦାନ କରାଗଲା ନାହିଁ । ଏଠାରେ ଉଲ୍ଲେଖ କରାଯାଇପାରେ, ବୃହତ ପ୍ରସାରଣ ଦାବି କରୁଥିବା ସମ୍ବାଦପତ୍ରଗୁଡ଼ିକୁ ବିଭିନ୍ନ କର୍ପୋରେଟ୍ ହାଉସ ଓ ସରକାର ବିପୁଳ ପରିମାଣରେ ବିଜ୍ଞାପନ ପ୍ରଦାନ କରିଥାନ୍ତି। ଛୋଟ ଛୋଟ କାଗଜଗୁଡ଼ିକ ଏଥିରୁ ପ୍ରାୟତଃ ବଂଚିତ ହେଉଛନ୍ତି। ପୂର୍ବରୁ ଯେଉଁ ବିଜ୍ଞାପନ ଗୁଡ଼ିକ ସରକାରୀ କ୍ଷେତ୍ରରେ ମିଳୁଥିଲା ତାହା ବନ୍ଦ ହୋଇଯିବାରୁ ବହୁ ଖବରକାଗଜ ପ୍ରକାଶନ ବନ୍ଦ ହେବାକୁ ଲାଗିଲାଣି।

# ଜିଲ୍ଲାସ୍ତରୀୟ ବିଶ୍ୱ ଏଡ଼ସ ଦିବସ ପାଳିତ

ସୋନପୁର, ୦୨/୧୨ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ତାଲିମ ସଭା ଗୃହ ଠାରେ ବିଶ୍ୱ ଏଡ଼ସ ଦିବସ -୨୦୨୪ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ପ୍ରଦୀପ କୁମାର ଗୁରୁଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଉକ୍ତ ସଭାରେ ଅତିରିକ୍ତ ଜ୍ଲିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ଼ା. ଦୈତ୍ୟ ନାରାୟଣ ପାଢ଼ୀ, ଅଧ୍ୟକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡ଼ା ଦୁର୍ଗା ଦତ ଦାସ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡ଼ା. ଗୋପାଳ ଚନ୍ଦ୍ର ମଲ୍ଲିକ, ରାଜ କଲେଜ ଅଧ୍ୟାପକ ଉମାକାନ୍ତ ନାଗ ଓ ଭାରପ୍ରାପ୍ତ ସୂଚନା ଓ ଲୋକସଂପର୍କ ଅଧିକାରୀ ଅର୍ଜୁନ ଚରଣ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଜିର ଦିବସରେ ଆମେ ସମସ୍ତେ ଏଡ଼ସ ରୋଗ ବିଷୟରେ ଜନସଚେତନା ସୃଷ୍ଟି କରିବା ବିଷୟରେ ଜାଣିବା, ବୁଝିବା ଓ ଅନ୍ୟ ମାନଙ୍କୁ ବୁଝାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏକ ରାଲି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ମାଡାମ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରାଲି ହସ୍ପିଟାଲ୍ ରୁ ବାହାରି ମଝିପଡ଼ା, ବିଜୁପଟ୍ଟନାୟକ ଛକ, ବସଷ୍ଟାଣ୍ଡ ଓ ନଳୀନି ଛକ ଠାରେ ରୋଡ ପ୍ଲେ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇ ସହର ପରିକ୍ରମା କରିଥିଲା ।ଉକ୍ତ ସଭାରେ ଆଶା, ସୁବର୍ଣ୍ଣପୁର ଜିଲ୍ଲା ର ସମସ୍ତ ନର୍ସିଂ ସ୍କୁଲ ତଥା ରାଜ କଲେଜ ଓ ବିଜୁ ପଟ୍ଟନାୟକ କଲେଜ ର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦ, ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ । ପରିଶେଷରେ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ କରି ଉତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

# ଭାରତୀୟ ଜନତା ପାର୍ଟି ସଂଗଠନ ପର୍ବ ଜିଲ୍ଲା କର୍ମଶାଳା ଆୟୋଜିତ




ବାଲେଶ୍ୱର, ୦୨/୧୨ (ନି.ପ୍ର): ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଭାରତୀୟ ଜନତା ପାର୍ଟିର ସଂଗଠନ ପର୍ବର ମଣ୍ଡଳ ନିର୍ବାଚନ ପାଇଁ ଜିଲ୍ଲା କର୍ମଶାଳା ଆଜି ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଯାଇଛି। ବୁଥ୍ କମିଟି ଓ ମଣ୍ଡଳ କମିଟିର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଉପରେ ପର୍ଯ୍ୟବେସିତ ଏହି କର୍ମଶାଳାରେ ମୁଖ୍ୟ ବକ୍ତା ଭାବରେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ମୟୂରଭଞ୍ଜର ପୂର୍ବତନ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀ ଯୋଗଦାନ କରିଥିଲେ। ସମଗ୍ର ଜିଲ୍ଲାରୁ ୫୦୦ ଉତ୍ତରଦାୟୀ କାର୍ଯ୍ୟକର୍ତ୍ତା ଏହା କର୍ମଶାଳାରେ ବୁଥ୍ କମିଟି ଓ ମଣ୍ଡଳ କମିଟିର ସାଂଗଠନିକ ନିର୍ବାଚନ ବିଷୟରେ ପ୍ରଶିକ୍ଷିତ ହେବାପାଇଁ ଯୋଗଦାନ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପଣ୍ଡାଙ୍କ ଦ୍ୱାରା ମଞ୍ଚ ଆହ୍ୱାନ, ଭାରତମାତା ପୂଜନ ଓ ସାମୂହିକ ବନ୍ଦେ ମାତରମ୍ ଗାନ ପରେ ଆନୁଷ୍ଠାନିକ ରୂପେ କର୍ମଶାଳାର ଆରମ୍ଭ ହୋଇଥଲା। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ତାଙ୍କର ସ୍ୱାଗତ ଭାଷଣରେ ଜିଲ୍ଲାରେ ନିର୍ବାଚନ ପ୍ରକ୍ରିୟାର ଅଗ୍ରଗତି ଉପରେ ସନ୍ତୋଷ ପ୍ରକଟ କରି ଆଗାମୀ ସାଂଗଠନିକ ନିର୍ବାଚନ ସୁରୁଖୁରୁରେ ସମ୍ପାଦିତ ହେବବୋଲି ଆଶାବ୍ୟକ୍ତ କରିଥିଲେ। ଅଦ୍ୟାବଧି ପର୍ଯ୍ୟନ୍ତ ପ୍ରାଥମିକ ସଦସ୍ୟତାର ବିବରଣୀ ଜିଲ୍ଲା ସଦସ୍ୟତା ପ୍ରମୁଖ କମଲଲୋଚନ ଦାସ ପାଠ କରିଥିବା ବେଳେ ସକ୍ରୀୟ ସଦସ୍ୟତାର ବିବରଣୀ ଜିଲ୍ଲା ସକ୍ରୀୟ ସଦସ୍ୟତା ପ୍ରମୁଖ ପର୍ଶୁରାମ ପରିଡ଼ା ପାଠ କରିଥିଲେ। ନିର୍ବାଚନୀ ପ୍ରକ୍ରିୟା କର୍ମଶାଳା ବିବରଣୀ ଓ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଉପରେ ନିହାର ରଞ୍ଜନ ମୋଦି କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷିତ କରିଥିଲେ। ରେମୁଣା ବିଧାୟକ ତଥା ବିଧାନସଭାରେ ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ତାଙ୍କ ସମ୍ବୋଧନରେ କମ ସମୟରେ ଅଧିକ କାର୍ଯ୍ୟ କରିବାର ପଦ୍ଧତି ଉପରେ ଆଲୋକପାତ କରିଥିଲେ। ସର୍ବଶେଷରେ ମୁଖ୍ୟବକ୍ତା ରୂପେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ତାଙ୍କ ସମାରୋପ ଭାଷଣରେ ବିଶ୍ୱର ସର୍ବବୃହତ ରାଜନୈତିକ ଦଳରେ ଏହି ସାଂଗଠନିକ ନିର୍ବାଚନୀ ପର୍ବରେ ଅଂଶଗ୍ରହଣ କରୁଥିବା ସମସ୍ତ ସାଂଗଠନିକ ନିର୍ବାଚନ ଅଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ତାଙ୍କ ମନ୍ତ୍ରମୁଗ୍ଧ ବାକ୍ୟରେ ଆଗାମୀ ପର୍ବପାଇଁ ଉଜ୍ଜିବିତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ତିନିଦିନିଆ ଓଡ଼ିଶା ଗସ୍ତ ସମୟରେ ଦେଇଥିବା ବାର୍ତ୍ତାକୁ ଉପସ୍ଥାପନ କରିଥିଲେ। ଯାହାର ଯେତେ ସଶକ୍ତ ବୁଥ୍ ନିର୍ବାଚନରେ ସେ ସେତିକି ବଳଶାଳୀ ବୋଲି ଗୁରୁତ୍ୱ ଆରୋପ କରିଥିଲେ। ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ଜଳେଶ୍ୱର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର ମଞ୍ଚାସିନ ଥିବାବେଳେ ଜିଲ୍ଲାର ଅନ୍ୟତମ ସାଧାରଣ ସମ୍ପାଦକ ଇଶ୍ୱର ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମଝିଗଡିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ



କପ୍ତିପଦା, ୦୨/୧୨ (ନି.ପ୍ର): କପ୍ତିପଦା ବ୍ଲକସ୍ଥିତ ମଝିଗଡିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବିଦାୟକଳୀନ ସମ୍ବର୍ଦ୍ଧନା ଉତ୍ସବ ଓ ୩ୟ ବାର୍ଷିକୋତ୍ସବ ପ୍ରୟାସ-୩ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଶ ଚନ୍ଦ୍ର କରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥିଭାବେ ଏବିଇଓ ଅକ୍ଷୟ କୁମାର ବେହେରା, ମୁଖ୍ୟବକ୍ତାଭାବେ ଓଷ୍ଟାର ପ୍ରାକ୍ତନ ରାଜ୍ୟ ସଂପାଦକ ଭରତ ଚନ୍ଦ୍ର ବରାଳ ପ୍ରମୁଖ ଯୋଗଦେଇ ପ୍ରଧାନଶିକ୍ଷକ ଶ୍ରୀ କରଙ୍କ ବହୁମୁଖୀ ପ୍ରତିଭା ଓ ବିଦ୍ୟାଳୟକୁ ସର୍ବାଙ୍ଗ ସୁନ୍ଦର କରି ଗଢି ତୋଳିବାର ପ୍ରୟାସ ସଂପର୍କରେ ଆଲୋଚନା କରିଥିଲେ । ସଭାପତିଭାବେ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସିଂଧୁସୂତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ମାନିତ ଅତିଥିଭାବେ ବିଇଓ ଦୀପକ କୁମାର ମିଶ୍ର,କପ୍ତିପଦା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଂରାୟ ମୁର୍ମୁ, ପେଡାଗଡି ଉଚ୍ଚ ବିଦ୍ୟାଳୟର ଦୀନବନ୍ଧୁ ମିଶ୍ର, ଶାଳଚୁଆ ଉଚ୍ଚ ବିଦ୍ୟାଳୟର ସାହେବରାମ ସିଂ, କପ୍ତିପଦା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ରଶ୍ମିରାଣୀ ମଡେଇ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ବିଧାୟକ ଭାସ୍କର ମଡେଇ, ମୁଖ୍ୟବକ୍ତାଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ମଝିଗଡିଆ ସରପଞ୍ଚ ଶାନ୍ତିଲତା ନାୟକ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଂଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ଏଥିସହିତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ କରଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ଏବଂ ବିଦ୍ୟାଳୟ ପୂର୍ବତନ ଶିକ୍ଷକ ବନମାଳୀ ଆରୁଖ, ସଂଜୀବ କୁମାର ସାହୁ ଓ ମନୋରଂଜନ ସାହୁ ପ୍ରମୁଖଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଇତି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପତ୍ନୀ କୌଶଲ୍ୟା କର ବିଦ୍ୟାଳୟ ଉନ୍ନତି ପାଇଁ ଦଶ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ରଶ୍ମିବାଳା ମହାନ୍ତି, ଦେବୀପ୍ରସାଦ ମାଝୀ, ରଘୁନାଥ ଖିଲାର, ଉର୍ବଶୀ ନାୟକ, ସବିତା ସାହୁ, ସୁଭଦ୍ରା ପରିଡା, ଆଶିଷ ରଂଜନ ମହାନ୍ତି, ଗଣେଶ୍ୱର ସିଂ ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ଶିଶୁ ବିହାରର ୨୨ ତମ ବାର୍ଷିକ କ୍ରୀଡା ଉତ୍ସବ



ବାସୁଦେବପୁର, ୦୨/୧୨ (ନି.ପ୍ର): ବାସୁଦେବପୁର ସହରର ଆଦର୍ଶ ଶିକ୍ଷା ଅନୁଷ୍ଠାନ ଶିଶୁ ବିହାରର ୨୨ ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ଅଟଳ ବିହାରୀ ମହାବିଦ୍ୟାଳୟ ଖେଳ ପଡିଆ ରେ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅଟଳ ବିହାରୀ କଲେଜର ଅଧକ୍ଷ ବିଷ୍ଣୁ ମୋହନ ସ୍ୱାଇଁ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଗୋଷ୍ଠୀ କୃଷି ଅଧିକାରୀ ନିହାରିକା ଦଳାଇ , ଶିଶୁ ବିହାରର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ମହାରଣା ଓ ସମ୍ପାଦକ ଭାବଗ୍ରାହି ନାୟକ । ସମସ୍ତ ଅତିଥି ଏହି କ୍ରୀଡ଼ା ଉତ୍ସବରେ ଶିଶୁ ବିହାର ଶିକ୍ଷା ଅନୁଷ୍ଠାନ କୁ ପ୍ରଶଂସା କରିଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ଏହି ଉତ୍ସବରେ ୩୨୦ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ୭୫ ଜଣ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି । ବିଭିନ୍ନ ପ୍ରକାର ଖେଳ ଖୁବ୍ ଚିତ୍ତାକର୍ଷକ ହୋଇ ପାରିଥିଲା । ଶିଶୁ ବିହାରର ଗୁରୁଜୀ ଭରତ ଚନ୍ଦ୍ର ନାୟକ, ରାମ ଚନ୍ଦ୍ର ନାୟକ ଓ ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ନୃତ୍ୟ-ସଂଗୀତ କଳାମନ୍ଦିର ପକ୍ଷରୁ ଜନସେବୀ ଗୌରୀ କୁମାର ରାଉତଙ୍କୁ ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର, ୦୨/୧୨ (ନି.ପ୍ର): ଜନଜୀବନର ଜଣେ ଜଣାଶୁଣା ଜନନେତା, ବ୍ରିଟ୍‌ର ପ୍ରାକ୍ତନ ଅଧ୍ୟକ୍ଷ, ତଥା ବାଲେଶ୍ୱର ସହରର ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ପୃଷ୍ଟପୋଷକ ଗୌରୀ କୁମାର ରାଉତଙ୍କ ଅକାଳ ବିୟୋଗରେ ତୃତୀୟ ଦିନରେ ନୃତ୍ୟ ସଂଗୀତ କଳାମନ୍ଦିର ବାଲେଶ୍ୱର ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠାନର ସଭାଗୃହରେ ଆଜି ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସଭ୍ୟସଭ୍ୟା ପ୍ରଥମେ ୨ ମିନିଟ୍ ନିରବ ପ୍ରାର୍ଥନା କରି ଦିବଂଗତ ଆତ୍ମାର ସଦଗତି କାମନା କରିଥିଲେ । ଅନୁଷ୍ଠାନର ସଂପାଦକ ଲକ୍ଷ୍ମୀନାରାୟଣ ଘୋଏ ବରିଷ୍ଠ ସଭ୍ୟ ସର୍ବଶ୍ରୀ ମୁକ୍ତିକାନ୍ତ ମହାନ୍ତି, ଡକ୍ଟର କାଳୀପଦ ପଣ୍ଡା, ହରେନ୍ ଚନ୍ଦ୍ର ରଣା, ସୌମ୍ୟରଂଜନ ପ୍ରଧାନ, ମଦନ କୁମାର ବର୍ଦ୍ଧନ, ଅନନ୍ତ ଚନ୍ଦ, ସ୍ମୃତି ଦାସ, କଲ୍ୟାଣୀ ନନ୍ଦ, ରାଜଦର୍ଶୀ ଦାଶ ପ୍ରମୁଖ ଯୋଗ ଦେଇ ଗୌରୀ ରାଉତଙ୍କ ନୃତ୍ୟ-ସଂଗୀତ କଳାମନ୍ଦିର ଥିବା ତାଙ୍କ ବ୍ରିଟ୍ କାର୍ଯ୍ୟକ୍ରମ ସମୟରେ ଥିବା ଅବଦାନକୁ ସ୍ମରଣ କରିବା ସହ ବାଲେଶ୍ୱର ଜନସାଧାରଣଙ୍କ ପାଇଁ ତାଙ୍କ କାର୍ଯ୍ୟକଳାପ ସମୟରେ କରିଥିବା ବିଭିନ୍ନ ଉନ୍ନୟନ ମୂଳକ ପଦକ୍ଷେପର ସ୍ମୃତି ମନ୍ଥନ ସହ ତାଙ୍କର ବ୍ୟବହାର ଓ ପରୋପକାରୀ ଗୁଣ ସମସ୍ତଙ୍କୁ ମୁଗ୍ଧ କରୁଥିଲା ବୋଲି ମତବ୍ୟକ୍ତ କରିଥିଲେ । ନିଜର ସାନପୁଅ ବିବାହକୁ ଚାରିଦିନ ବାକି ରହିଥିବାବେଳେ ଅକସ୍ମାତ ଗତ ୩୦ ତାରିଖରେ ହୃଦଘାତ ଜନିତ ମୃତ୍ୟୁ ସମସ୍ତଙ୍କୁ ଚକିତ କରିଥିଲା। ତାଙ୍କର ଅକାଳ ବିୟୋଗ ଏକ ଶୂନ୍ୟତା ସୃଷ୍ଟି କଲା ବୋଲି ସଭିଏଁ ମତ ପୋଷଣ କରିଥିଲେ । ଶେଷରେ ସଂପାଦକ ଲକ୍ଷ୍ମୀନାରାୟଣ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ତରଫରୁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ Dy. CME / WAGON / KGPW / SER ଟେଣ୍ଡର ନଂ **E-Dy-WW-CAMC-SWL-15LW-24** ବିରୋଧରେ ଏକକ ଇ-ଟେଣ୍ଡରକୁ ଆମନ୍ତ୍ରଣ କରେ: **ଇ-ଟେଣ୍ଡର ନୋଟିସ୍ ନମ୍ବର ଏବଂ ଅପଲୋଡ୍ ତାରିଖ:** E-Dy-WW-CAMC - SWL-15LW-24 । ତାରିଖ ୨୯.୧୧.୨୦୨୪ **କାର୍ଯ୍ୟର ନାମ:** "CNC ସର୍ଫେସ୍ ହ୍ୱିଲ୍ ଲେଥ୍ ମେସିନ୍ (15LW), make HYT ଇଞ୍ଜିନିୟରିଂ କମ୍ପାନୀ ପିଭି ଲିମିଟେଡ୍ ପାଇଁ ବାର୍ଷିକ ମେନ୍-ଟେନ୍ସ କଣ୍ଟ୍ରାକ୍ଟ (CAMC)। ଏକକ ଟେଣ୍ଡର ଆଧାରରେ OEM ମାଧ୍ୟମରେ ୦୫ (ପାଞ୍ଚ) ବର୍ଷ ଅବଧି ପାଇଁ । **ପାଖାପାଖି କାର୍ଯ୍ୟର ମୂଲ୍ୟ:** GST @ 18% ଅନ୍ତର୍ଭୁକ୍ତ କରି ୨,୩୦,୬୬,୬୧୦.୫୦ / - । **ରୋଜଗାରର ଅର୍ଥ:** ୨,୬୫,୩୦୦.୦୦ / -। **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ:** ୨୩.୧୨.୨୦୨୪ ୧୫.୦୦ ଘଣ୍ଟାରେ । **ୱେବସାଇଟ୍ ବିଶେଷତା ଏବଂ ବିବରଣୀ: www.ireps.gov.in** ବିଡରମାନେ କେବଳ ବନ୍ଦ ତାରିଖ ଏବଂ ସମୟ ପର୍ଯ୍ୟନ୍ତ ସେମାନଙ୍କର ମୂଳ / ସଂଶୋଧିତ ବିଡ୍ ଦାଖଲ କରିବାକୁ ସମର୍ଥ ହେବେ । ଏହି ଟେଣ୍ଡର ବିରୋଧରେ ମାନୁଆଲ ଅଫରଗୁଡିକ ଅନୁମତିପ୍ରାପ୍ତ ନୁହେଁ, ଏବଂ ଗ୍ରହଣ କରାଯାଇଥିବା ଏହିପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରାଯିବ ।

**(PR-856)**


# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା - ୨୦୨୪-୨୫

ଭଦ୍ରକ, ୦୨/୧୨ (ନି.ପ୍ର): ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଦୁଇ ଦଫାରେ ଶିରିଡ଼ି-ନାସିକ ଓ ବନାରସ-ଅଯୋଧ୍ୟା ଯାତ୍ରା ସ୍ଥିରିକୃତ କରାଯାଇଅଛି । ଏଥି ନିମନ୍ତେ ତା.୨୨.୧୧.୨୦୨୪ ରିଖ ଠାରୁ ୧୨.୧୨.୨୦୨୪ ରିଖ ପର୍ଯ୍ୟନ୍ତ ୬୦ ବର୍ଷରୁ ଉର୍ଦ୍ଧ୍ୱ ଓ ୭୫ ବର୍ଷରୁ କମ୍ ନିମ୍ନୋକ୍ତ ଯୋଗ୍ୟତା ପୂରଣ କରୁଥିବା ଓଡ଼ିଶାର ସ୍ଥାୟୀବାସିନ୍ଦା ବ୍ୟକ୍ତି ବିଶେଷମାନେ ଆବେଦନ କରିପାରିବେ। ଆବେଦନକାରୀ ଆବେଦନ ଫର୍ମକୁ ସଂପୂର୍ଣ୍ଣ ରୂପେ ପୂରଣ କରି ଆବଶ୍ୟକୀୟ ପ୍ରମାଣପତ୍ର ଓ ଦୁଇଗୋଟି ଫଟୋ ସହିତ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ (କକ୍ଷ ସଂ ୨୦୧) ଦାଖଲ କରିପାରିବେ। ଅଥବା ଅନଲାଇନରେ **yatra.odisha.gov.in** ମାଧ୍ୟମରେ ଆବେଦନ କରିପାରିବେ। ଆର୍ଥିକ ଦୁର୍ବଳଶ୍ରେଣୀ / ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା (ଖାଉଟି କାର୍ଡ଼ / ଅନ୍ତୋଦୟ କାର୍ଡ଼ / ଅନ୍ନପୂର୍ଣ୍ଣା କାର୍ଡ଼ / ବିଧବା ଭତ୍ତା / ବାର୍ଦ୍ଧକ୍ୟ ଭତ୍ତା ଧାରୀ) ବରିଷ୍ଠ ନାଗରିକମାନଙ୍କୁ ଗସ୍ତ ଖର୍ଚ୍ଚର ସଂପୂର୍ଣ୍ଣ ରିହାତି ବ୍ୟବସ୍ଥା କରାଯାଇଅଛି। ୭୦ ଓ ୭୫ ବର୍ଷ ବୟସର ବରିଷ୍ଠ ନାଗରିକମାନେ ଯାତ୍ରା ସମୟରେ ନିଜ ସାଙ୍ଗରେ ୧୮ ବର୍ଷ ବୟଷରୁ ଉର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ନିଜର ସହାୟକଭାବେ ନେଇପାରିବେ। ସହାୟକ ବାବଦକୁ ମୂଳ ଗସ୍ତ ଖର୍ଚ୍ଚର ୫୦ ଭାଗ ଅର୍ଥ ଅର୍ଥାତ ଟ. ୧୦,୫୦୦ ଙ୍କା (ଦଶ ହଜାର ପାଞ୍ଚ ଶହ ଟଙ୍କା) ମାତ୍ର ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ "ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱର"ଙ୍କ ନାମରେ ଦରଖାସ୍ତ ସହ ଦାଖଲ କରିବେ।

## ଡକ୍ଟର ଆମ୍ବେଦକର ...

(ଫୃଷ୍ଠା ୪ର ଅବଶିଷ୍ଟାଂଶ)

ଜାତୀୟ ଆନ୍ଦୋଳନ ସମୟରେ ସେ ଦେଶର ଲୋକମାନଙ୍କୁ ଅନେକ ପ୍ରତିଶ୍ରୁତି ଦେଇଥିଲେ - ସ୍ୱାଧୀନ ଭାରତକୁ ଏକ ସର୍ବଭାରତୀୟ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଗଣତନ୍ତ୍ରରେ ପରିଣତ କରାଯିବ । ଯେଉଁଥିରେ ଦେଶର ନାଗରିକମାନଙ୍କୁ ସମାନତା ଓ ସ୍ୱାଧୀନତା, ପୂଜା , ଅର୍ଚ୍ଚନା, ଉପାସନା ତଥା ଧର୍ମ ପ୍ରଚାର ପାଇଁ ଅନୁମତି ଦିଆଯିବ । ସେମାନଙ୍କର ଧର୍ମ, ନ୍ୟାୟ ସାମାଜିକ, ଅର୍ଥନୈତିକ , ରାଜନୈତିକ ଓ ଭାଇଚାରା ତଥା ବ୍ୟକ୍ତିର ସମ୍ମାନ ନିଶ୍ଚିତ ହେବ । ସେହି ନେତାମାନେ ଏକ ସମ୍ବିଧାନ ଗ୍ରହଣ କଲେ ଯେଉଁଥିରେ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଦିଆଯାଇଥିଲା । କିନ୍ତୁ ରାଷ୍ଟ୍ରିୟ ସ୍ୱୟଂସେବକ ସଂଗଠନ ଏହି ଦେଶରେ ଲାଗୁ କରିବାକୁ ଚାହୁଁଛି ଏବଂ ଆମର ପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ଦଶ ବର୍ଷ ଧରି ଯେପରି ଘଟୁଛି, ତା'ହେଲେ ଯଦି ତାଙ୍କ ଇଚ୍ଛା ଅନୁଯାୟୀ କାର୍ଯ୍ୟ ଜାରି ରହିବ, ତେବେ ଦେଶର ସାମ୍ବିଧାନିକ ଗଠନ କ'ଣ ହେବ ( ? ) ଏହା ଏକ ବଡ଼ ପ୍ରଶ୍ନବାଚୀ ହୋଇପାରେ । ଏହାର ମୌଳିକ ଧର୍ମ ସମାନ ରହିବ ନା ଏହା ବଦଳାଯିବ ଓ ଗଣତାନ୍ତ୍ରିକ ସମାଜବାଦୀ, ଧର୍ମନିରପେକ୍ଷ ଗଣତନ୍ତ୍ର ପରିବର୍ତ୍ତେ ଦେଶ ଆଇନଗତ ଭାବରେ 'ହିନ୍ଦୁ ରାଷ୍ଟ୍ର' ହେବ । ଯେଉଁଥିରେ କେବଳ ହିନ୍ଦୁ ଧର୍ମର ଅନୁଗାମୀମାନେ ଉନ୍ନତ ହେବେ ଓ ଅନ୍ୟ ଧର୍ମୀୟ ଲୋକମାନେ ମଧ୍ୟ ଏହା କରିବେ । ଏହି ଦେଶରେ ଦ୍ୱିତୀୟ ଶ୍ରେଣୀର ନାଗରିକ ହୁଅନ୍ତୁ ? ଯେଉଁଠି କେବଳ ଏକ ଜାତି ଭିତ୍ତିକ ସମାଜ ସୃଷ୍ଟି ହେବ ଓ ମନୁସ୍ମୃତି ଅଧୀନରେ ଦେଶର ଶାସନ ଚାଲିବ ।

ସମ୍ବିଧାନ ନିର୍ମାତା ଡକ୍ଟର ଭୀମରାଓ ଆମ୍ବେଦକର କହିଛନ୍ତି ଯେ 'ବାସ୍ତବରେ ଯଦି ହିନ୍ଦୁ ରାଜ ଏହି ଦେଶରେ ପରିଣତ ହୁଏ, ତେବେ ଏହା ନିଶ୍ଚିତ ଭାବରେ ଏହି ଦେଶ ପାଇଁ ସବୁଠାରୁ ବଡ ବିପର୍ଯ୍ୟୟ ଓ ଭୟଙ୍କର ଅସୁବିଧା ହେବ । କାରଣ ହିନ୍ଦୁ ରାଷ୍ଟ୍ରର ସ୍ୱପ୍ନ ସ୍ୱାଧୀନତା, ସମାନତା ଓ ଭାଇଚାରାର ଏହା ବିରୋଧ ଅଟେ । ଏହା ଗଣତନ୍ତ୍ରର ମୌଳିକ ନୀତି ସହିତ ମେଳ ଖାଉ ନାହିଁ । ତେଣୁ ହିନ୍ଦୁ ରାଜ୍ୟକୁ ଯେକୌଣସି ମୂଲ୍ୟରେ ବନ୍ଦ କରିବାକୁ ହେବ..!!! '

+ ତାରା ନିଳୟ , ପ୍ଲଟ: ୮୫୪/ଏ , ଚାଚରା ଶବର ସାହି,
ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା: ୫୫ , ସଂପର୍କ ୯୦୪୦୧୫୧୪୭୫

# ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା, ୦୨/୧୨ (ନି.ପ୍ର): ସୋମବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ପ୍ରତ୍ୟେକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ମୋଟ ୧୩୮ ଗୋଟି ଆପତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୩୦ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୦୬ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୦୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଆଜିର ମିଳିତ ଜନଶୁଣାଣି ଅବସରରେ ଖୋର୍ଦ୍ଧା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଅଧ୍ୟକ୍ଷତା କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଜ୍ୟୋତି ଶଙ୍କର ସାହୁ, ଉପ-ଜିଲ୍ଲାପାଳ ଦୀପ୍ତି ରଞ୍ଜନସେଠୀ, ସି ଡ଼ିଏମ୍ଓ(ଭାରପ୍ରାପ୍ତ) ଡଃ ଜୀବନ୍ତ ଆଚାର୍ଜୀ, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଖୋର୍ଦ୍ଧା ବିଡିଓ, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଜିଲ୍ଲା ସୂଚନା ଲୋକସଂପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଆଜିଠୁ ୫ଦିନିଆ ...

ପରିଦର୍ଶନ କରିବେ । ଡିସେମ୍ବର ୪ତାରିଖରେ ପୁରୀ ଯାଇ ସକାଳ ୧୦ଟା ୧୫ରୁ ୧୦ଟା ୪୦ମିନିଟ୍ ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ । ପରେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ଯୋଗ ଦେବେ । ଅପରାହ୍ନ ୩ଟା ୫୫ମିନିଟରେ ପୁରୀ ବ୍ଲୁ-ଫ୍ଲାଗ ବେଳାଭୂମିରେ ଆୟୋଜିତ ନୌସେନା ଦିବସ ସମାରୋହ ଓ ସମର କୌଶଳ ପ୍ରଦର୍ଶନରେ ମୁଖ୍ୟ ଅତିଥି ଭାବେ ସାମିଲ ହେବେ । ଡିସେମ୍ବର ୫ତାରିଖରେ ଓୟୁଏଟିର ୪୦ତମ ସମାବର୍ତ୍ତନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ । ସେହିଦିନ ଭୁବନେଶ୍ୱରର ନ୍ୟାୟିକ କୋର୍ଟରେ ନୂଆ ଅଟ୍ଟାଳିକାକୁ ଉଦଘାଟନ କରିବେ । ଡିସେମ୍ବର ୬ରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଯାଇ ଉପରବେଡ଼ାଠାରେ ଛାତ୍ରଛାତ୍ରୀ ଓ ଗାଁ ଲୋକମାନଙ୍କ ସହ ମତବିନିୟମ କରିବେ । ସେହିଦିନ ରାଇରଙ୍ଗପୁରଠାରେ ସେ ରାଇରଙ୍ଗପୁର ମହିଳା କଲେଜର ଛାତ୍ରଛାତ୍ରୀ ଓ ଅଧ୍ୟାପିକମାନଙ୍କ ସହ କଥା ହେବେ । ୭ତାରିଖରେ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁରମରା-ଚକୁଳିଆ ଓ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍, ରାଇରଙ୍ଗପୁର ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦାଣ୍ଡବୋଷ ବିମାନ ବନ୍ଦର ଓ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

## ଦୋଷୀ ସାବ୍ୟସ୍ତ ...

ସାବ୍ୟସ୍ତ କରିଥିଲେ କୋର୍ଟ। ସମସ୍ତ ଅଭିଯୁକ୍ତଙ୍କୁ ୭ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ କୋର୍ଟ। ରାୟ ଶୁଣିବା ପରେ ସମସ୍ତ ଅଭିଯୁକ୍ତଙ୍କ ଅକଲ ଗୁଡୁମ ହୋଇଯାଇଥିଲା। ଜାମିନ୍‌ରେ ଥାଇ କୋର୍ଟରେ ହାଜର ହୋଇଥିବା ସକିଲ ଖାଁ ଓ ଶାହାରୁଖ ଖାଁ ଚମ୍ପଟ ମାରିବାରେ ସଫଳ ହୋଇଥିଲେ। ଦୁଇ ଦୋଷୀ ଚମ୍ପଟ ମାରିବା ପରେ ପୁଲିସ୍‌ର ଚେତା ପଶିଲା। ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଦୁଇ ଦୋଷୀଙ୍କୁ ଧରିବାରେ ସଫଳ ହୋଇନାହିଁ ପୁଲିସ୍।

## ମଞ୍ଚ ଉପରେ ଘୁଷୁରୀକୁ...

ରାଲବ ଗାଁରେ ଗତ ନଭେମ୍ବର ୨୪ ତାରିଖରେ ପରିବେଷଣ ହୋଇଥିଲା ପୌରାଣିକ ନାଟକ ରାମାୟଣ। ନାଟକ ଆଗେଇ ଚାଲିଥିବା ବେଳେ ଏକ ସମୟରେ ମଞ୍ଚ ଉପରେ ଅଭିନୟ କରୁଥିଲେ ରାକ୍ଷସ ବେଶରେ ଥିବା କିଛି କଳାକାର। ସେତେବେଳେ ଏକ ଛୋଟ ଜୀବନ୍ତ ଘୁଷୁରୀକୁ ମଞ୍ଚରେ ବାନ୍ଧି ଝୁଲାଇ ଦିଆଯାଇଥିଲା। ତା' ପଛ ଗୋଡ଼ ଦୁଇଟି ଉପରକୁ ଥିବା ବେଳେ ମୁଣ୍ଡ ତଳକୁ ଥିଲା। ତା' ମୁହଁକୁ ବାନ୍ଧି ଦିଆଯାଇଥିଲା। ରାକ୍ଷସ ଭୂମିକାରେ ଅଭିନୟ କରୁଥିବା ପ୍ରାୟ ୫ ଜଣ କଳାକାର ଘୁଷୁରୀ ପାଖକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଝୁଲି ରହିଥିବା ଘୁଷୁରୀର ପେଟକୁ ଚିରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଘୁଷୁରୀଟି ଜୋରରେ ଛଟପଟ ହୋଇଥିଲା। ସେ ଏକ କପଡ଼ାରେ ଘୁଷୁରୀର ଆଗ ଗୋଡ଼ ଦୁଇଟିକୁ ବାନ୍ଧି ଦେଇଥିଲେ। ତା'ପରେ ସେ ଘୁଷୁରୀର ପେଟ ଚିରି ତା' ଅନ୍ତବୁଜୁଳା ବାହାର କରି ଦେଇଥିଲେ। ଏହା ପରେ ଅନ୍ୟ ଜଣେ କଳାକାର ପାଟି ଲଗାଇ ଘୁଷୁରୀ ପେଟ ଭିତରୁ କିଛି ଅଂଶ ଟାଣି ଆଣି ତାକୁ ଚୋବାଉଥିବା ଦେଖିବାକୁ ମିଳିଥିଲା। ଏମିତି କିଛି ସମୟ ଧରି ଏ ପ୍ରକାର ଦୃଶ୍ୟ ସେଠାରେ ଦେଖିବାକୁ ମିଳିଥିଲା। କିନ୍ତୁ ଉପସ୍ଥିତ ଦର୍ଶକମାନେ ଏହାକୁ ବିରୋଧ କରିବା ଦେଖିବାକୁ ମିଳି ନଥିଲା। ଏହି ଘଟଣାକୁ ନେଇ ସାଧାରଣ ଲୋକଙ୍କ ସହିତ ପ୍ରାଣୀଧନ ପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଥିଲା। ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ଧମକପୂର୍ଣ୍ଣ ଇ-ମେଲ୍ ଘଟଣା...

ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ଟାର୍ଗେଟ କରିଥିଲା। ଗତ ରବିବାର ଦିନ ଭୁବନେଶ୍ୱର ବିମାନ ବନ୍ଦରରୁ ଉଡ଼ାଣ ନ ଭରିବାକୁ ଇ-ମେଲ୍ ରେ ଅଡିଓ ମେସେଜ କରି ଚେତାବନୀ ଦେଇଥିଲା ଖଲିସ୍ତାନୀ ଆତଙ୍କୀ ପନ୍ନୁ। ପନ୍ନୁର ଧମକ ପୂର୍ଣ୍ଣ ଇ-ମେଲ ଆସିବା ପରେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ପୁଲିସ କମିଶନରେଟଙ୍କୁ ଜଣାଇଥିଲେ। ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଆରମ୍ଭ କରିଥିଲା। ଅକ୍ଷୟଙ୍କ ଅଫିସକୁ ଯାଇ ତଥ୍ୟ ସଂଗ୍ରହ କରି ଫେରିଥିଲା। ପରେ ଗୁଗୁଲକୁ ଚିଠି ଲେଖି ତଥ୍ୟ ମାଗିଛନ୍ତି କ୍ରାଇମବ୍ରାଞ୍ଚ ଏସଟିଏଫ।

## କୃଷକଙ୍କ 'ଦିଲ୍ଲୀ...

ଦୀର୍ଘ ସମୟର ଆଲୋଚନା ପରେ ଶେଷରେ 'ଦିଲ୍ଲୀ ଚଲୋ' ଯାତ୍ରାକୁ ସ୍ଥଗିତ ରଖିବାକୁ ରାଜି ହୋଇଛନ୍ତି କୃଷକ ସଂଗଠନ। ପ୍ରକାଶ ଥାଉକି, କୃଷକମାନେ ପୁରୁଣା ଜମି ଅଧିଗ୍ରହଣ ଆଇନ ଅନୁସାରେ ଜମି ଅଧିଗ୍ରହଣ ପାଇଁ ହରାଇଥିବା ଜମିର ୧୦% ଜମି ଏବଂ ୬୪.୭% ବର୍ଦ୍ଧିତ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏହା ସହିତ ଜାନୁଆରୀ ୧, ୨୦୧୪ ପରେ ଅଧିଗ୍ରହଣ ହୋଇଥିବା ଜମି ଉପରେ ବଜାର ଦର କ୍ଷତିପୂରଣ ଏବଂ ୨୦% ଜମି, ଭୂମିହୀନ ଚାଷୀଙ୍କ ପିଲାଙ୍କୁ ଚାକିରି ଏବଂ ପୁନର୍ବାସର ସୁବିଧା, ହାଇ ପାୱାର କମିଟି ଦ୍ୱାରା ପାସ୍ ହୋଇଥିବା ପ୍ରସଙ୍ଗଗୁଡିକ ଉପରେ ସରକାରୀ ନିର୍ଦ୍ଦେଶ ଜାରି ଆଦି ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ।

## ଆଇପିଏସ ଚାକିରିର ...

ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଅନ୍ୟପଟେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ବର୍ଦ୍ଧନଙ୍କ ପରିବାରକୁ ସମବେଦନା ଜଣାଇବା ସହ ବର୍ଷ ବର୍ଷ ଧରି ପରିଶ୍ରମ କରିବା ପରେ ଏପରି ଘଟିବା ଉଚିତ୍ ନଥିଲା ବୋଲି ସେ କହିଛନ୍ତି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା

ବାଲେଶ୍ୱର, ୦୨/୧୨ (ନି.ପ୍ର): ରସାଳପୁର ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ବାଟିକା ର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ସ୍ଥାନୀୟ ସମାଜସେବୀ ଡ଼ା. ରମାକାନ୍ତ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ।ନିଜ ବକ୍ତବ୍ୟରେ ସାଂପ୍ରତିକ ସମୟରେ ବିଶ୍ୱ ପାଇଁ ଜଣେ ଭଲ ମାଆ ର ଆବଶ୍ୟକତା ଅଛି ବୋଲି କହିଥିଲେ।ମୁଖ୍ୟ ବକ୍ତା ଭାବେ ସେବା ନିବୃତ ସେନା କର୍ମଚାରୀ ଶିବାଜୀ ଓ ସଂପାଦକ ଶମ୍ଭୁନାଥ ଯାଦବ ନିଜ ବକ୍ତବ୍ୟରେ ଦେବ ଶିଶୁଙ୍କୁ ନିର୍ମାଣ କରିବାରେ ମାଆ ମାନଙ୍କ ଭୂମିକା ସଂପର୍କରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଜୟସ୍ମିତା ମୁଦୁଲି ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲା ବେଳେ ତୃତୀୟ ଶ୍ରେଣୀ ର ଭଉଣୀ ଇତିଶ୍ରୀ ପ୍ରଧାନ ଉଦଘାଟନୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରତିମା ଗୁରୁମା' ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ।ମିତା ଗୁରୁମା' ପଞ୍ଚାଙ୍ଗ ବୋଲି ଥିଲେ ଓ ଅମୃତ ବଚନ ପାଠ କରିଥିଲେ ଝୁନୀ ଗୁରୁମା'। ଏହି ଦିବସ ବ୍ୟାପି କର୍ମଶାଳା ରେ ଅନ୍ୟମାନଙ୍କ ମଧ୍ୟରେ ବିନୀତା ଗୁରୁମା', ପ୍ରଜ୍ଞା ଭାରତୀ ଗୁରୁମା', ଶ୍ରଦ୍ଧାଞ୍ଜଳି ଗୁରୁମା',ଝୁନୀ ଗୁରୁମା',ଜ୍ୟୋତୀରେଖା ଗୁରୁମା', ମନୀଷା ଗୁରୁମା', ମମତା ଗୁରୁମା' ଓ ସେବୀକା ରଞ୍ଜୁଲତା ଆଚାର୍ଯ୍ୟ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ।ଆଦର୍ଶ କାଳାଂଶ ନେଇଥିଲେ ଜୟସ୍ମିତା ଗୁରୁମା', ଶ୍ରଦ୍ଧାଞ୍ଜଳି ଗୁରୁମା', ପ୍ରତିମା ଗୁରୁମା', ଶୁଭସ୍ମିତା ଗୁରୁମା' ଓ ବିନୀତା ଗୁରୁମା'। ମାଆ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି କର୍ମଶାଳାରେ ପ୍ରଶିକ୍ଷଣ ନେଇଥିଲେ। ଶେଷରେ ମାଆ ମାନଙ୍କୁ ନେଇ ଶଙ୍ଖ ଫୁଙ୍କା,ରଙ୍ଗୋଲୀ ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ହୋଇଥିଲା।




# ବିଦ୍ୟାଳୟ ପରିସରରୁ ଛାତ୍ରୀ ନିଖୋଜ: ପରିବାର ପକ୍ଷରୁ ଥାନାରେ ଅଭିଯୋଗ

ନୀଳଗିରି, ୦୨/୧୨ (ନି.ପ୍ର): ନୀଳଗିରି ଥାନା ଅଧୀନ ଧୋବଶିଳା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଜଣେ ନାବାଳିକା ନିଖୋଜ ହେବା ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ମୁତାବକ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ନିକଟସ୍ଥ କନ୍ୟାସୁକରୀ ଆଶ୍ରମରୁ ୫୧ ଜଣ ଛାତ୍ରୀ ଏଠାକୁ ପଢିବା ପାଇଁ ଆସିଥାଆନ୍ତି। ହେଲେ ଗତ ଶନିବାର ଅଭିଭାବକ ବୈଠକ ଥିବା କାରଣରୁ ସ୍କୁଲ ସକାଳୁଆ ପରିବର୍ତ୍ତେ ୧୦ଟା ବେଳେ ହୋଇଥିଲା।ଆଶ୍ରମର ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀ ସ୍କୁଲକୁ ପଢିବାକୁ ଆସି ଆଶ୍ରମକୁ ନ ଫେରିବାରୁ ଆଶ୍ରମ କର୍ତ୍ତୃପକ୍ଷ ସ୍କୁଲକୁ ଯୋଗାଯୋଗ କରିଥିଲେ ମଧ୍ୟ ଉକ୍ତ ଛାତ୍ରୀଙ୍କ ବାବଦରେ ଜାଣିନାହାନ୍ତି ବୋଲି କହିବା ପରେ ଆଶ୍ରମ ପକ୍ଷରୁ ନୀଳଗିରି ଥାନାରେ ଅଭିଯୋଗ କରାଯାଇଥିଲା। ଏନେଇ ନୀଳଗିରି ପୋଲିସ ୩୮୬/୨୦୨୪ ରେ ଏକ ନିଖୋଜ ମାମଲା ରୁଜ୍ଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ସ୍କୁଲ ପରିସରରୁ ଓ ସ୍କୁଲ ଚାଲୁଥିବା ସମୟରେ ଛାତ୍ରୀ ଜଣକ ନିଖୋଜ ହେଲେ ତାହା ସ୍କୁଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଦାୟିତ୍ୱହୀନତା ପାଇଁ ଛାତ୍ରୀ ଜଣକ ନିଖୋଜ ହୋଇଛନ୍ତି ବୋଲି ବାପା ମା ଅଭିଯୋଗ କରିଛନ୍ତି। ନୀଳଗିରି ଗୋଷ୍ଠୀ ଶିକ୍ଷାଅଧିକାରିଣୀ ସ୍ନିଗ୍ଧା ପଣ୍ଡା ପ୍ରତିକ୍ରିୟା ଦେଇ କହିଛନ୍ତି ଯଦି ସ୍କୁଲ ସମୟରେ ଛାତ୍ରୀ ଜଣକ ନିଖୋଜ ହୋଇଥିବେ ତେବେ ଏହା ବାବଦରେ ତଦନ୍ତ ହେବ ଏବଂ କିପରି ଛାତ୍ରୀ ଜଣଙ୍କ ଶୀଘ୍ର ଉଦ୍ଧାର ହେବ ସେଥିପାଇଁ ପୋଲିସ ମଧ୍ୟ ତଦନ୍ତ କରୁଥିବା କହିଛନ୍ତି।

# ମିରାକଲ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା

ବାସୁଦେବପୁର , ୦୨/୧୨ (ନି.ପ୍ର): ବାସୁଦେବପୁର ସହରରେ ଥିବା ଆଦର୍ଶ ଶିକ୍ଷା ଅନୁଷ୍ଠାନ ମିରାକଲ ପବ୍ଲିକ ସ୍କୁଲର ୧୭ ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍ ପୂର୍ଣ୍ଣ ଚନ୍ଦ୍ର ପରିଡା । ଶ୍ରୀ ପରିଡା ଛାତ୍ର ଛାତ୍ରୀ ମାନଙ୍କୁ ଆଜିର ସମାଜରେ ବିଜ୍ଞାନର ଅଗ୍ରଗତି ସମ୍ପର୍କରେ ଗଭୀର ଭାବେ ବୁଝାଇଥିଲେ । ଶିକ୍ଷାବିତ୍ ଯାମିନୀ କାନ୍ତ ପାଢ଼ୀ ଓ ରେବତୀ ପାଢ଼ୀ ଅତିଥି ଓ ବିଚାରକ ଭାବେ ଯୋଗ ଦେଇ ଥିଲେ । ମିରାକଲ ପବ୍ଲିକ୍ ସ୍କୁଲର ଅଧକ୍ଷ ଦୁଃଶାସନ ରାଉତ ସଭାପତିତ୍ୱ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ । ଅନୁଷ୍ଠାନର ସମ୍ପାଦକ ରାସ ବିହାରୀ ମହାନ୍ତି ସମସ୍ତ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ୬ ଟି ବିଭାଗର ୯୪ ଟି ପ୍ରକଳ୍ପ ଏହି ବିଜ୍ଞାନ ମେଳା ରେ ସ୍ଥାନ ପାଇଥିଲା । ଅନେକ ମେଧାବୀ ଛାତ୍ର ଛାତ୍ରୀ ଏହି ଶିକ୍ଷା ଅନୁଷ୍ଠାନ ରେ ପାଠ ପଢୁଛନ୍ତି । ଏହି ବିଜ୍ଞାନ ମେଳା ରେ ଛାତ୍ର ଛାତ୍ରୀ ମାନଙ୍କର ପ୍ରକଳ୍ପ ଖୁବ୍ ଆକର୍ଷଣୀୟ ହୋଇ ପାରିଛି ଏବଂ ସମସ୍ତ ଅତିଥି ପ୍ରଶଂସା କରିଛନ୍ତି ।

# ମାସର ପ୍ରଥମ ସୋମବାର ଜିଲ୍ଲା କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ



ଭଦ୍ରକ , ୦୨/୧୨ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଆୟୋଜନ ନେଇ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତି ମାସର ପ୍ରଥମ ସୋମବାରରେ ଜିଲ୍ଲା କାର୍ଯ୍ୟାଳୟରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥାଏ। ଚଳିତ ଡିସେମ୍ବର ମାସ ୨ ତାରିଖ ପ୍ରଥମ ସୋମବାର ଦିନ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ମିଳିତ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଏସ୍.ପି. ମାଢ଼କର ସନ୍ଦୀପ ସମ୍ପତ ଯୋଗଦେଇ ସମୁଦାୟ ୧୭୮ ଟି ଅଭିଯୋଗର ଶୁଣାଣି କରିଛନ୍ତି। ସେଥିମଧ୍ୟରେ ୨୭ ଟି ସାମୂହିକ ସମସ୍ୟା ଓ ୧୫୧ ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ରେଡ଼କ୍ରସ ଓ ସି.ଏମ୍.ଆର୍.ଏଫ୍ ସମ୍ବନ୍ଧୀୟ ଯଥାକ୍ରମେ ୧ଟି ଓ ୧୧ଟି ଆବେଦନ ଥିଲା। ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ରେଡ଼କ୍ରସ୍ ସମ୍ବନ୍ଧୀୟ ୧୧ ଜଣ ଆବେଦନକାରୀଙ୍କୁ ଜିଲ୍ଲା ରେଡ଼କ୍ରସ୍ ପାଣ୍ଠିରୁ ସମୁଦାୟ ୩୫ ହଜାର ୫୦୦ ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ଟଙ୍କା ସମୁଦାୟ ୪୫ ହଜାର ୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍‌ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଜନ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଜନାଭିଯୋଗ ର ଶୁଣାଣି ନିମନ୍ତେ ଆବଶ୍ୟକ ମତେ ଜିଲ୍ଲାପାଳଙ୍କ ଠାରେ ତଥ୍ୟ ଉପସ୍ଥାପନ କରିଥିଲେ। ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ତନ୍ମୟ କୁମାର ଜେନା ପ୍ରମୁଖ ଅଭିଯୋଗ ଉପସ୍ଥାନା ଓ ପରିଚାଳନାରେ ଏବଂ ଅଭିନେତ୍ରୀ ମହାନ୍ତି ଓ ଲିସାରାଣୀ ରାଉତ ଅଭିଯୋଗ ପଞ୍ଜିକରଣ କାର୍ଯ୍ୟରେ ସହଯୋଗ କରିଥିଲେ।

# ଓଡ଼ିଆ ପୁଅର ତାମିଲନାଡୁ ବିଶ୍ୱବିଦ୍ୟାଳୟରେ କୃତିତ୍ୱ

ବାଲିଆପାଳ , ୦୨/୧୨ (ନି.ପ୍ର): ବାଲିସାହି ଗ୍ରାମର ଅଧାପକ ବଙ୍କିମ ଚନ୍ଦ୍ର ମୈକାପଙ୍କ ପୁତ୍ର ପାର୍ଥ ସାରଥୀ ମୈକାପ ଚଳିତ ବର୍ଷ ତାମିଲନାଡୁ ରେ ଅବସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଭୂତତ୍ତ୍ୱ ବିଜ୍ଞାନ ରେ ଗୋଲଡ଼ ମେଡାଲ ପାଇ କୃତିତ୍ୱ ଅର୍ଜନ କରିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ତାର ସମାବର୍ତ୍ତନ ଉତ୍ସବରେ କୁଳପତି ପାର୍ଥ ସାରଥୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ପାର୍ଥ ସାରଥୀ ବାଲିଆପାଳ ବ୍ଲକ ଦେଭୋଗ ଶ୍ରୀହରି ଚରଣ ହାଇ ସ୍କୁଲରୁ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଭୂତତ୍ତ୍ୱ ବିଜ୍ଞାନରେ ସଫଳତା ପାଇ ଥିଲେ। ପାର୍ଥ ସାରଥୀଙ୍କ ସଫଳତା ଯୋଗୁଁ ଗାଁ ରେ ଖୁସିର ଲହର ଖେଳି ଯାଇଛି।

# ବାଲେଶ୍ୱର ବିକାଶରେ ସଦର ବିଧାୟକ ମାନସ ଦତ୍ତଙ୍କ ପଦକ୍ଷେପ ବଢ଼ିଲା ଆଗକୁ ପାଦେ

## ଏଫଏମ କଲେଜକୁ ଡିମ୍‌ଡ ୟୁନିଭର୍ସିଟି ଓ କେକେଏସ କଲେଜକୁ ସ୍ୱୟଂଶାସିତ ମାନ୍ୟତା ଦେବାକୁ ବିଧାନସଭାରେ ଉଠାଇଲେ ଦାବି

ବାଲେଶ୍ୱର, ୦୨/୧୨ (ନି.ପ୍ର): ଶିକ୍ଷା କ୍ଷେତ୍ରରେ ବିକାଶକୁ ପାଦେ ଆଗକୁ ନେବା ପାଇଁ ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ପ୍ରୟାସ ତ୍ୱରାନ୍ୱିତ ହୋଇଛି । ରାଜ୍ୟ ଅଗ୍ରଣୀ ତଥା ସର୍ବ-ପୁରାତନ ଶିକ୍ଷାନୁଷ୍ଠାନ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଡିମ୍‌ଡ ବିଶ୍ୱବିଦ୍ୟାଳୟ ଓ କୁନ୍ତଳାକୁମାରୀ ସାବତ ମହିଳା ମହାବିଦ୍ୟାଳୟକୁ ସ୍ୱୟଂ ଶାସିତ ମାନ୍ୟତା ପ୍ରଦାନ ପାଇଁ ବିଧାୟକ ଶ୍ରୀ ଦତ୍ତ ବିଧାନସଭାର ଶୂନ୍ୟକାଳରେ ଦାବି ଉପସ୍ଥାପନ କରିଛନ୍ତି । ଶିକ୍ଷା କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହିଛି । ଓଡ଼ିଆ ଭାଷାର ତ୍ରାଣକର୍ତ୍ତା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ନାମରେ ନାମିତ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ସ୍ୱାଧୀନତା ସଂଗ୍ରାମ ସମୟରେ ପ୍ରସିଦ୍ଧି ଲାଭ କରିଥିବା ନାରୀ କବି ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ନାମରେ ନାମିତ ମହିଳା ମହାବିଦ୍ୟାଳୟ ଉଚ୍ଚଶିକ୍ଷାକୁ ଏକ ସ୍ୱତନ୍ତ୍ର ସ୍ତରରେ ପହଂଚାଇ ପାରିଛନ୍ତି । ୧୯୪୪ ମସିହାରେ ପ୍ରତିଷ୍ଠା ହୋଇଥିବା ଫକୀର ମୋହନ ମହାବିଦ୍ୟାଳୟ ୧୯୯୯ ମସିହାରେ ସ୍ୱୟଂ ଶାସିତ ମାନ୍ୟତା ପାଇଥିଲା । ସମ୍ପ୍ରତି ବିଭିନ୍ନ ବିଷୟରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ସହିତ ପେଷାଦାର ବିଭାଗରେ ଶିକ୍ଷାଦାନ ଜାରି ରହିଛି । ସେହିପରି ୧୯୬୦ ମସିହାରେ ପ୍ରତିଷ୍ଠା ହୋଇଥିବା କୁନ୍ତଳାକୁମାରୀ ସାବତ ମହିଳା ମହାବିଦ୍ୟାଳୟକୁ ୧୯୬୫ରେ ସରକାରୀ ମାନ୍ୟତା ଦେଇଥିଲେ । ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱଳ୍ପ ଖର୍ଚ୍ଚରେ ଗୁଣାତ୍ମକ ଶିକ୍ଷା ହାସଲରେ ଏହି ଦୁଇ ମହାବିଦ୍ୟାଳୟ ବେଶ ପ୍ରସିଦ୍ଧି ଲାଭ କରିଛନ୍ତି । ଏକ ଅତ୍ୟାଧୁନିକ ଭିତ୍ତିଭୂମୀ ସହିତ ଅଭିଜ୍ଞ ତଥା ବୃତ୍ତିଗତ ଅଧାପନାମଣ୍ଡଳୀଙ୍କ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ମୂଲ୍ୟବାନ ଶିକ୍ଷା ମିଳିପାରୁଛି । ବାଲେଶ୍ୱର ଜିଲ୍ଲାରେ ଉଚ୍ଚ ଶିକ୍ଷାର ମାନକୁ ବହୁଗୁଣିତ କରିବା ତଥା ଅଗଣିତ ଛାତ୍ରଛାତ୍ରୀଙ୍କ ଦୀର୍ଘ ଦିନର ଦାବିକୁ ଦୃଷ୍ଟିରେ ରଖି ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଡିମ୍‌ଡ ବିଶ୍ୱବିଦ୍ୟାଳୟରେ ରୁପାନ୍ତରିତ ଓ କୁନ୍ତଳାକୁମାରୀ ସାବତ ମହିଳା ମହାବିଦ୍ୟାଳୟକୁ ସ୍ୱୟଂ ଶାସିତ ମାନ୍ୟତା ପ୍ରଦାନ ପାଇଁ ବିଧାୟକ ଶ୍ରୀ ଦତ୍ତ ଯୁକ୍ତି ଦର୍ଶାଇଛନ୍ତି । ଏ ନେଇ ଜିଲ୍ଲା ପ୍ରଶାସନ ଓ ଉଭୟ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆବଶ୍ୟକୀୟ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଆଯାଇଛି । ଏହା ସହିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆୟୋଗ (ୟୁଜିସି) ପାଖକୁ ମଧ୍ୟ ଏହି ପ୍ରସ୍ତାବ ପଠାଯାଇଛି ବୋଲି ଶ୍ରୀ ଦତ୍ତ ବିଧାନସଭାରେ ସୂଚନା ଦେଇଛନ୍ତି । ଏ ନେଇ ଜିଲ୍ଲାବାସୀଙ୍କ ଦାବି ପୂରଣରେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି ।



# ବସ୍ତା ଲାୟନ୍ସ କ୍ଲବ ପକ୍ଷରୁ ଅସହାୟ ପରିବାରକୁ ସହାୟତା ପ୍ରଦାନ

ବସ୍ତା , ୦୨/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଲାୟନ୍ସ କ୍ଲବ ପକ୍ଷରୁ ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍ କମାରଡିହା ଗ୍ରାମର ଅସହାୟ ବୃଦ୍ଧା ବୀଣାପାଣି ରାମଙ୍କୁ ଏକ ମାସର ରାସନ ସାମାଗ୍ରୀ ତଥା ଶୁଖିଲା ଲୁଗା ପ୍ରଦାନ କରାଯାଇଛି । ସ୍ୱାମୀ ସୁଦର୍ଶନ ରାମଙ୍କ ମୃତ୍ୟୁରେ ବୀଣାପାଣି କୌଣସି କାମ ଧନ୍ଦା ନ ପାଇ ଅତ୍ୟନ୍ତ ଦୟନୀୟ ଭାବେ ହନ୍ତ ସନ୍ତ ହେଉଥିଲେ । କୌଣସି ସୂତ୍ରରୁ ଖବର ପାଇ ବସ୍ତା ଲାୟନ୍ସ କ୍ଲବର ସଭାପତି ତଥା ସମାଜସେବୀ ଲାୟନ୍ସ ସୁମନ୍ତ କୁମାର ଜେନାଙ୍କ ସମେତ ବରିଷ୍ଠ ସଦସ୍ୟ ସତ୍ୟନାରାୟଣ ଗୁପ୍ତା, କ୍ଲବର ସମ୍ପାଦକ କିଶୋର ଚନ୍ଦ୍ର ସାହୁ, ଭବାନୀ ନାୟକ ପ୍ରମୁଖ କମାରଡିହା ସ୍ଥିତ ଘରକୁ ଯାଇ ଏକ ମାସର ଚାଉଳ, ଡାଲି, ତେଲ, ଲୁଣ ଓ ରାସନ ସମାଗ୍ରୀ ଏବଂ ଲୁଗା, ବେଡ୍ ସିଟ୍, ଟର୍ଚ୍ଚ ପ୍ରଭୃତି ପ୍ରଦାନ କରିଥିଲେ । ବସ୍ତା ଲାୟନ୍ସ କ୍ଲବର ଏଭଳି ମହତ୍ ସେବା କାର୍ଯ୍ୟକୁ ଅଞ୍ଚଳ ବାସୀଙ୍କ ଦ୍ୱାରା ପ୍ରଶଂସା କରାଯାଇଛି ।



# ବାଲେଶ୍ୱର ଅଧିବକ୍ତା ପରିଷଦ ତରଫରୁ ସମ୍ବିଧାନ ଦିବସ




ବାଲେଶ୍ୱର , ୦୨/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଆୟୁଷ୍ମାନ କଲ୍ୟାଣ ମଣ୍ଡପ ରେ ସଭାପତି ଲକ୍ଷ୍ମୀକାନ୍ତ ବେହେରା ଙ୍କ ଅଧ୍ୟକ୍ଷତାରେ ଅଧିବକ୍ତା ପରିଷଦ ରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତଥିଭାବେ ବାଲେଶ୍ୱର ବିଚାର ବିଭାଗର ବରିଷ୍ଠ ବିଚାର ପତି ଶ୍ରୀଯୁକ୍ତ ବିଶ୍ୱଜିତ୍ ଦାସ ଯୋଗ ଦେଇ ସମ୍ବିଧାନ ର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ଭାବେ ରାଜ୍ୟ ଉଚ୍ଚ ନ୍ୟାୟାଳୟ ର ଷ୍ଟାଣ୍ଡିଂ କାଉନସିଲ ଶ୍ରୀଯୁକ୍ତ ଜ୍ଞାନଲୋକ ମହାନ୍ତି ଯୋଗ ଦେଇ ଭାରତୀୟ ସମ୍ବିଧାନ ସମ୍ପର୍କରେ ତାତ୍ତ୍ୱିକ ଆଲୋଚନା କରିଥିଲେ । କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଚନ୍ଦ୍ର ମାଧବ ସିଂ ସଂଗଠନ ବିଷୟରେ କହିଥିଲେ । ବରିଷ୍ଠ ଅଧିବକ୍ତା ଚିନ୍ତାମଣି ଉପାଧ୍ୟକ୍ଷ ପ୍ରତାପ କୁମାର ପଣ୍ଡା ଓ ସୋର କୋର୍ଟର ନିରଞ୍ଜନ ଜେନାଙ୍କ ପୁଷ୍ପ ଗଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଇନ ବିଦ୍ୟାଳୟର ୩ ଜଣ ଛାତ୍ର ଓ ଛାତ୍ରୀ ଙ୍କୁ ସମ୍ମାନିତ କରାଯାଇଥିଲା ।ଏହି କାର୍ଯ୍ୟ କ୍ରମରେ ଅଧିବକ୍ତା ପରିଷଦ ର କାର୍ଯ୍ୟକର୍ତ୍ତା ପରେଶ୍ କୁମାର ବେହେରା , ବୋଇଲୋଚନ ଦାସ , ବସନ୍ତ ପ୍ରଧାନ , ସତ୍ୟେନ୍ଦ୍ର ଉମାଶଙ୍କର ରାହତ୍,ସମାଜ ସେବୀ ଯଶୋଦା ନନ୍ଦ ଆଶ୍, ରାଜ ରାମ ମହାପାତ୍ର ସମ୍ବିଧାନ ର ନୀତି ନିୟମ ବିଷୟରେ କହିଥିଲେ । ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଗୋବର୍ଦ୍ଧନ ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ ଏହି ସମ୍ବିଧାନ ଦିବସରେ ବହୁ ବୁଦ୍ଧିଜୀବୀ ଯୁବଗୋଷ୍ଠୀ ଯୋଗ ଦେଇ ସମ୍ବିଧାନ ଦିବସ ପରିଚାଳନାରେ ସହଯୋଗ କରିଥିଲେ।

# କଲେଜ ସମସ୍ୟା ସମାଧାନ ନେଇ ବିଭିନ୍ନ ମହଲର ଲୋକ ଏକାଠି ହେଲେ



ବାଲିଆପାଳ , ୦୨/୧୨ (ନି.ପ୍ର): ବାଲିଆପାଳ ଶାରୀରିକ ଶିକ୍ଷା କଲେଜର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ନେଇ ସୋମବାର ବାଲିଆପାଳ ଓ ମଧୁପୁରା ଦୁଇ ପଞ୍ଚାୟତର ବିଭିନ୍ନ ମହଲର ଲୋକ କଲେଜରେ ଏକାଠି ହୋଇଛନ୍ତି। ମୁଖ୍ୟ ସମସ୍ୟା ଗୁଡିକ ହେଉଛି, ଦୀର୍ଘ ଦିନ ଧରି କଲେଜ ଗେଟରେ ତାଲା ପଡି ରହିବା, ନୂଆ ଛାତ୍ର ଛାତ୍ରୀଙ୍କ ଆଡ଼ମିସନ ହୋଇ ନ ପରିବା, ନୂଆ ପରିଚାଳନା କମିଟି ଗଠନ ନେଇ ଅଚଳାବସ୍ଥା ଲାଗି ରହିବା, ଅଧକ୍ଷ ନିଯୁକ୍ତିକୁ ନେଇ କୋର୍ଟରେ ମାମଲା ହେବା, ଏନ ସି ଇ ଟି, ଫକୀର ମୋହନ ବିଶ୍ୱବିଦ୍ୟାଳୟର ଏଫିଲେସନର ନବୀ କରଣ ନ ହେବା,କାମଚଳା ପରିଚାଳନା କମିଟି ବୈଠକ କଲେଜରେ ନ ହେବା, ଷ୍ଟାଫ୍ କର୍ମଚାରୀ ଦରମା ନ ପାଇବା ଓ କଲେଜକୁ ଜମି ଦେଇଥିବା ଲୋକେ ଅର୍ଥ ଦାବି କରିବା। ତେବେ କାର୍ଯ୍ୟରତ ପରିଚାଳନା କମିଟି ମନଇଚ୍ଛା ଏକ ତରଫା ଭାବେ କାର୍ଯ୍ୟ କରୁଥିବାରୁ ସମସ୍ୟା ଦିନକୁ ଦିନ ବଢିବାକୁ ଲାଗିଛି। କାର୍ଯ୍ୟରତ ପରିଚାଳନା କମିଟି ଆଜିର ବୈଠକରେ ଉପସ୍ଥିତ ନ ରହିବାରୁ ଆଲୋଚନା ଫଳପ୍ରଦ ହୋଇ ପାରି ନାହିଁ। ଏକ କମିଟି ଗଠନ ନେଇ ଆଲୋଚନା ହୋଇ ଥିବା ବେଳେ କୋର୍ଟରେ ୫ଟି ମାମଲା ବିଚାରାଧୀନ ଥିବାରୁ ସମସ୍ୟା ଜଟିଳ ରହିଛି। ଏହି ସବୁ ସମସ୍ୟାର ଆଶୁ ପ୍ରତିକାର ନ ହେଲେ କଲେଜ ବନ୍ଦ ହୋଇ ଯିବା ସ୍ଥିତିକୁ ଆସି ଯିବ ବୋଲି ଉପସ୍ଥିତ ଲୋକମାନେ ଉଦବେଗ ପ୍ରକାଶ କରିଥିଲେ। ବରିଷ୍ଠ ଅଧ୍ୟାପକ ଡ଼ଃ ସୁଶାନ୍ତ କୁମାର ଦଶଙ୍କ ଆବାହକତ୍ୱ ଅନୁଷ୍ଠିତ ଏହି ବୈଠକ ରେ ଗିରୀଶ ଚନ୍ଦ୍ର ପାତ୍ର, ଡ଼ଃ ସୁକାନ୍ତ କୁମାର ଗିରି,ମଧୁସୂଦନ ବାରିକ, ପ୍ରଫୁଲ୍ଲ କୁମାର ସାହୁ, ଅରୁଣ ପାତ୍ର, ରାଜେଶ କୁମାର ପାତ୍ର, ପ୍ରାକ୍ତନ ଅଧକ୍ଷ ଡ଼ଃ ସୁଶାନ୍ତ କୁମାର ଦେ, ମୁରଲୀ ମୋହନ ସାହୁ, ଭାସ୍କର ଚନ୍ଦ୍ର ସାହୁ, ସୁଶାନ୍ତ ଚକ୍ରବର୍ତ୍ତୀ, ହୃଦୟ ରଞ୍ଜନ ତ୍ରିପାଠୀ, ମୁକୁନ୍ଦ ସିଂ, ଗୋବିନ୍ଦ ପ୍ରସାଦ ଦାସ, ମନ୍ମଥ କୁମାର ବାରିକ, ସତ୍ୟକାମ ମହାନ୍ତି, ପ୍ରତାପ କୁମାର ପାତ୍ର, ଡ଼ଃ ପ୍ରଶାନ୍ତ କୁମାର ଗିରି, ବିଭୁତି ଭୂଷଣ ମିଶ୍ର, ସୁଛନ୍ଦା ମହାପାତ୍ର, ଅଦ୍ୱୈତ କୁମାର ବାଗ, ରବି ନାରାୟଣ ମହାନ୍ତି, ଜଗନ୍ନାଥ ବାରିକ,ପ୍ରଫୁଲ୍ଲ କୁମାର ପାତ୍ର, ହରେକୃଷ୍ଣ ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

# ଆଜି ପୋଲାଭରମ ପ୍ରସଙ୍ଗରେ ବିଜେଡିର ଦିଲ୍ଲୀ ଗସ୍ତ

ଭୁବନେଶ୍ୱର, ୦୨/୧୨ (ନି.ପ୍ର): ପୋଲାଭରମ ପ୍ରସଙ୍ଗରେ ଅଧିକ ତଥ୍ୟ ସଂଗ୍ରହ ଓ ଦାବି ଉପସ୍ଥାପନ ପାଇଁ ବିଜେଡିର ୭ ଜଣିଆ ଟିମ ଆସନ୍ତାକାଲି ଦିଲ୍ଲୀ ଗସ୍ତ କରିବ। ୫ ତାରିଖ ଯାଏଁ ଦିଲ୍ଲୀରେ ସେଣ୍ଟ୍ରାଲ ୱାଟର କମିଶନ, ଜଳଶକ୍ତି ମନ୍ତ୍ରାଳୟ, ଆଦିବାସୀ ବ୍ୟାପାର ବିଭାଗକୁ ସ୍ମାରକପତ୍ର ଦେବ ଦଳ । ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର ଓ ଅତନୁ ସବ୍ୟସାଚୀ ନାୟକ ଏହି ସୂଚନା ଦେଇଛନ୍ତି । ସେମାନେ କହିଛନ୍ତି ଯେ ଓଡିଶାରୁ ଯିବେ ୭ ଜଣିଆ ଟିମ୍ ଦିଲ୍ଲୀ ଅଭିମୁଖେ ଯିବେ । ସେଠାରେ ସାତ ଜଣ ସାଂସଦ ମଧ୍ୟ ଏହି ଟିମ ସହ ସାମିଲ ହେବେ। କମିଟିରେ ଦେବୀ ପ୍ରସାଦ ମିଶ୍ର, ସାଂସଦ ମାନସ ମଙ୍ଗରାଜ, ସସ୍ମିତ ପାତ୍ର, ପୂର୍ବତନ ବିଧାୟକ ମାନସ ମାଡକାମୀ ପ୍ରମୁଖ ରହିଛନ୍ତି। ପୋଲାଭରମ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୫ ହଜାର କୋଟିର ସହାୟତା ଦେଇଛନ୍ତି ।

# କ୍ରିକେଟ ପ୍ରିମିୟମ ଲିଗ୍ ମ୍ୟାଚ ଉଦ୍‌ଘାଟିତ

ବାଲିଆପାଳ, ୦୨/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ କାଳିପଦା ବଜାର ନିକଟସ୍ଥ ନଇଘାଟି ଖେଳ ପଡିଆରେ କ୍ରିକେଟ୍ ପ୍ରିମିୟମ ଲିଗ୍ ମ୍ୟାଚର ଉଦଘାଟନ ଉତ୍ସବ ରବିବାର ସନ୍ଧ୍ୟାରେ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଉଦଘାଟିତ ହୋଇ ଯାଇଛି । ଉତ୍ସବରେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷକ ଶ୍ରୀକାନ୍ତ କାମିଲା , କ୍ରୀଡ଼ା ପ୍ରେମୀ ମହେଶ୍ୱର ଦାସ, ସରୋଜ ପାଣିଗ୍ରାହୀ,କମୋଳ ଲୋଚନ ସାହୁ, ଅନନ୍ତ ସାହୁ, ବୃନ୍ଦାବନ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ ।ଗ୍ରାମବାସୀଙ୍କ ଦ୍ୱାରା ଏଭଳି ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମେଟ୍ ମ୍ୟାଚ୍ ୩ ବର୍ଷଧରି ଅନୁଷ୍ଠିତ ହୋଇଆସୁଛି। ଗ୍ରାମାଞ୍ଚଳର ପିଲାମାନଙ୍କୁ ଖେଳ ଦିଗରେ ଏକ ସୁଯୋଗ ମିଳୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରତାପପୁର ପଞ୍ଚାୟତରେ ଥିବା ୬ ଟି ଦଳ ଅଂଶଗ୍ରହଣ କରିବେ ବୋଲି ଜଣା ପଡିଛି । ପ୍ରତ୍ୟେକ ଦିନ ୬ ଓଭର ଲେଖାଏଁ ଖେଳ ହେବ। ୭ ଦିନଧରି ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ସଞ୍ଜୟ ସାହୁ, ଶକ୍ତିପଦ ସାହୁ,ମିଳନ ଦାସ, ସୌରଭ ଦାସ,ଦେବତୋଷ ଦାସ,ପ୍ରଭାତ ରଞ୍ଜନ ଦାଶ, ପ୍ରକାଶ ରଞ୍ଜନ ଦାଶ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



# ବଡ଼ମ୍ବା ବ୍ଲକ ଯୁବ ବିଜେଡି ସଭାପତି ଆଲୋକ ସାହୁ ବିଜେପିରେ ଯୋଗଦେଲେ

ଭୁବନେଶ୍ୱର, ତା.୦୨/୧୨: ପ୍ରତିଦିନ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଛି । ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି । ବିଜେପିର ନୂଆ ସରକାରକୁ ନେଇ ଓଡ଼ିଶାବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି । ଆଜି ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ତାଙ୍କ ସମର୍ଥକ ସହ ବିଜେଡ଼ି ଛାଡ଼ି ବିଜେପିରେ ଯୋଗଦେଇଛନ୍ତି । ବଡ଼ମ୍ବା ବିଧାୟକ ବିଜୟ ଦଳ ବେହେରା ନେତୃତ୍ୱରେ ମାଣିଆବନ୍ଧ ୩୧ନଂ.ଜୋନ୍ ଜିଲା ପରିଷଦ ସଭ୍ୟ ନୟନା ସାହୁଙ୍କ ସମେତ ବଡମ୍ବା ବ୍ଲକରୁ ୨୪ ଜଣ ସମିତି ସଭ୍ୟ, ୧୧ ଜଣ ସରପଂଚ ଏବଂ ନରସିଂହପୁର ବ୍ଲକର ୯ ଜଣ ସରପଂଚଙ୍କ ସମେତ ବଡମ୍ବା ବ୍ଲକ ଯୁବ ବିଜେଡି ସଭାପତି ଆଲୋକ ସାହୁ ପ୍ରମୁଖ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ସେହିପରି ନରସିଂହପୁର ବ୍ଲକର ସରପଂଚ ଶରଚଚନ୍ଦ୍ର ଖଟୁଆ, ସାବିତ୍ରୀ ପ୍ରଧାନ, ଝୁନୁଲତା ପ୍ରଧାନ, ଲୁସି ପ୍ରଧାନ, କାର୍ତିକ ଚନ୍ଦ୍ର ଦଳେଇ, ବିନୋଦ କୁମାର ପଣ୍ଡା, ରଶ୍ମିତା ପଣ୍ଡା, ସ୍ୱାଗତିକା ରାଉତ, ସନ୍ତୋଷୀ ନାୟକ ପ୍ରମୁଖ ବିଜେପିରେ ଯୋଗଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo